R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩
ତିଥି : ସପ୍ତମୀ
୦୮ ନଭେମ୍ବର ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

### ଭାରତୀୟ ନାଗରିକ ସୁରକ୍ଷା ସଂହିତା, ନ୍ୟାୟ ସଂହିତା ଜାଗୃତିକରଣ କାର୍ଯ୍ୟକ୍ରମ

## ପୁରୁଣା, ନିଷ୍କ୍ରିୟ, ଅପ୍ରାସଙ୍ଗିକ ଆଇନ୍ ରଦ୍ଦ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭।୧୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଜାଗୃତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ଓଡିଶାରେ ଅନେକ ପୁରୁଣା, ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ଚିହ୍ନଟ କରାଯାଇ ରଦ୍ଦ କରାଯିବ । ଏ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନାଗରିକ ସମାଜର ପ୍ରତିନିଧି, ମହିଳା ଓ ଶିଶୁ ବିକାଶ କର୍ମୀ, ସୂଚନା ଅଧିକାର କର୍ମୀ, ପାରା-ଲିଗାଲ ଆକ୍ଟିଭିଷ୍ଟ, ଯୌନଶୋଷଣ ସୁରକ୍ଷା କର୍ମୀ, ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅନ୍ୟ ବିଭିନ୍ନ ବର୍ଗର ପ୍ରତିନିଧିମାନେ ଯୋଗ ଦେଇଥିଲେଛ ଏହି ଦୁଇ ଯୁଗାନ୍ତକାରୀ ଆଇନର ପ୍ରଣୟନ ସମ୍ବନ୍ଧରେ ବ୍ୟକ୍ତିଗତ ସ୍ତରରେ ତଥା ସାମାଜିକ ସ୍ତରରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତ ସମ୍ବନ୍ଧରେ ଧାରଣା ଅଛି- ଆମ ଦେଶରେ ଆଇନ କାନୁନ ବହୁତ ଅଧିକ । ସେଥିରୁ ଅଧିକାଂଶ ଆଉ ପ୍ରାସଙ୍ଗିକ ନୁହେଁଛ ଗତ ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ ୧,୫୫୦ରୁ ବି ଅଧିକ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ପର୍ଯ୍ୟନ୍ତ ପାଳନ କରୁଥିଲୁ । କିନ୍ତୁ ଭାରତ ପରି ଏକ ବିବିଧତାରେ ପରିପୂର୍ଣ୍ଣ ସମାଜରେ ୧୬୪ ବର୍ଷର ନିୟମ କେତେଦୂର ପ୍ରାସଙ୍ଗିକ ଆପଣମାନେ ଜାଣିଛନ୍ତି । ଏହା ଛଡା ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଏତେ ପୁରୁଣା ଆଇନ

### ନୂଆ ଆଇନ୍ ପୀଡିତ କେନ୍ଦ୍ରୀକ

### ପୂର୍ବ ସରକାର ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

ଆମ ନ୍ୟାୟ ପ୍ରଣାଳୀ ବା ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ହେଉଛି ଭାରତୀୟ ସମ୍ବିଧାନ ଏବଂ ନ୍ୟାୟ ସଂହିତା । ଏହି ସଂହିତାକୁ ଆଧାର କରି ଆମ ନ୍ୟାୟ ବ୍ୟବସ୍ଥା ପରିଚାଳିତ ହୋଇଥାଏ । କିନ୍ତୁ ୧୮୬୦ ମସିହାରୁ ବ୍ରିଟିଶ ସରକାର ଯେଉଁ ସଂହିତାର ପ୍ରଣୟନ କରିଥିଲେ ତାକୁ ଆମେ ଉଚିତ ନ୍ୟାୟ ଦେବାରେ ସଂପୂର୍ଣ୍ଣ ରୂପେ କ୍ଷମତାସମ୍ପନ୍ନ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ।

ତେଣୁ ଏହାର ସମୟୋପଯୋଗୀ ପରିବର୍ତ୍ତନର ଆବଶ୍ୟକତାକୁ ଉପଲବ୍ଧ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗଠିତ (୯ ପୃଷ୍ଠାରେ)

### ଉଚ୍ଛୃଙ୍ଖଳିତ ଯୁବ ସମାଜ

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

ଭୁବନେଶ୍ୱର, ୭।୧୧ (ସବ୍ୟୁ) : ଯୁବ ସମାଜର ବହୁ ଯୁବକ ଉଶୃଙ୍ଖଳିତ ହେବା ଦ୍ୱାରା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଛି । କେବଳ ଆଇନଶୃଙ୍ଖଳା ନୁହେଁ ମାନବ ସମାଜରେ ଅଭାବନୀୟ ଘଟଣା ଘଟୁଛି । ଗତ ସପ୍ତାହେ ହେବ ଦୈନଗରୀ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି । ଭୁବନେଶ୍ୱର ଆଇନଶୃଙ୍ଖଳା କଥା ନକହିଲେ ଭଲ । ଘରୁ ବାହାରିବାକୁ ଲୋକେ ଭୟ କରୁଛନ୍ତି । ଲୁଟେରାମାନେ ମାରଣାସ୍ତ୍ର ସାହାର୍ଯ୍ୟରେ ଲୁଟ୍‌ପାଟ କରୁଛନ୍ତି । ଆଉ ଯୁବକ ମଧ୍ୟ ଖଣ୍ଡା, ବୋମା ଓ ବନ୍ଧୁକ ପ୍ରଭୃତି ଧରି ବୁଲୁଛନ୍ତି ।

ସହିଦନଗର ବୋମାମାଡ ଓ ଖଣ୍ଡା ଆକ୍ରମଣ ଘଟଣାକୁ ନେଇ ପୋଲିସ ମୁଖ୍ୟଅଭିଯୁକ୍ତକୁ ଛାଡି ଅନ୍ୟ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କାର୍ ଓ ଖଣ୍ଡା ପ୍ରଭୃତି ଜବତ କରିଛି । ସହିଦନଗର ଆକ୍ରମଣ ପରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରାସ୍ତା ମଧ୍ୟରେ ଗାଡି ରଖି ବିଶୃଙ୍ଖଳା ସୃଷ୍ଟି କରୁଥିବା ଯୁବକଙ୍କୁ ପଛଚାରୀ ଗାଡି ହଟାଇବାରୁ କହିବାରୁ ସେମାନେ ଖଣ୍ଡାରେ ଆକ୍ରମଣ କରିଥିଲେ । ଆକ୍ରମଣରେ ପ୍ରସନ୍ନଜିତ ସାମନ୍ତରାୟ ଗୁରୁତର ହୋଇଥିବା ବେଳେ ପୋଲିସ ତିନିଜଣଙ୍କୁ ଗିରଫ କରିଛି । ଗିରଫ ୩ଜଣ ହେଲେ ଯୁଗ ସାମନ୍ତରାୟ, ବର୍ଣ୍ଣି ସାମନ୍ତରାୟ ଓ ଟିଟୁ ସାମନ୍ତରାୟ । ସେମାନଙ୍କ ନିକଟରୁ ଜବତ ହୋଇଥିବା କାର୍‌ରୁ ବୋମା ଓ ଖଣ୍ଡା ପ୍ରଭୃତି ଜବତ ହୋଇଛି । ଖଣ୍ଡଗିରି ଥାନା ଅଞ୍ଚଳରେ ଅନ୍ୟ ଜଣେ ଯୁବକଙ୍କୁ ଆକ୍ରମଣ ହେବାରୁ ସେ ମଧ୍ୟ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଗତ ଏକ ସପ୍ତାହ ହେବ ଦୈନିକ ବିଭିନ୍ନ ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟୁଛି । ଯଦ୍ୱାରା ଲୋକେ ଭୟ କରିବା ସ୍ୱାଭାବିକ । ଏହି ସମୟ ମଧ୍ୟରେ ଜଣେ ବିଏସ୍‌ଏଫ୍ ଯବାନଙ୍କ ପତ୍ନୀଙ୍କ ଠାରୁ ସୁନାହାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି ।

କଟକ ସିଡିଏ ଅଞ୍ଚଳରେ ବାଇକ୍‌ରେ ଯାଉଥିବା ପତି-ପତ୍ନୀ ଓ ତାଙ୍କ ପିଲାଙ୍କୁ ଆକ୍ରମଣ କରି ସୁନାହାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ପତ୍ନୀଙ୍କ ବେକରୁ ସୁନାହାର ଝାମ୍ପିବା ବେଳେ ପତି ବିରୋଧ କରିବାରୁ ତାଙ୍କ ସହ ଧସ୍ତାଧସ୍ତି ହୋଇଥିଲା । ଏପରିକି ତିନି ଦୁର୍ବୃତ୍ତ ଖଣ୍ଡା ଦେଖାଇ ସେଠାରୁ ଖସିଯାଇଥିଲେ । ଏହା ପୂର୍ବରୁ କଟକରେ ମଧ୍ୟ ବହୁ ଅପରାଧିକ ଘଟଣା ଘଟିଛି । ନୂଆ ପୋଲିସ କମିଶନର ସାଙ୍ଗକୁ ଦୁଇ ସହରରେ ନୂଆ ଡିସିପି । ପ୍ରତି ଥାନାରେ ମଧ୍ୟ ନୂଆ ଇନ୍ସପେକ୍ଟର ଓ ଅଫିସରମାନେ । ନୂଆ ଅଫିସରଙ୍କୁ ଚକ୍‌ମା ଦେଖାଇ ଦୁର୍ବୃତ୍ତମାନେ ବିଭିନ୍ନ ପ୍ରକାର ଘଟଣାମାନ ଘଟାଉଛନ୍ତି । ପୋଲିସ ଗିରଫଦାରୀ ଯେଉଁ ମାତ୍ରାରେ ହେଉଛି ସେହି ମାତ୍ରାରେ ଦୈନିକ ନୂଆ ନୂଆ ଘଟଣାମାନ ଘଟୁଛି ।

## ମିଳିଲାନି ସୁରକ୍ଷା, କାନାଡାରେ କନ୍‌ସୁଲାର କ୍ୟାମ୍ପ ବାତିଲ

ନୂଆଦିଲ୍ଲୀ, ୭।୧୧ : ଭାରତ-କାନାଡା ମଧ୍ୟରେ ସମ୍ପର୍କ ବିଗିଡ଼ିବାରେ ଲାଗିଛି । ପର୍ଯ୍ୟାପ୍ତ ସୁରକ୍ଷା ନ ମିଳିବାରୁ ଟୋରୋଣ୍ଟୋରେ ହେବାକୁ ଥିବା କନସୁଲାର କ୍ୟାମ୍ପକୁ ବନ୍ଦ କରିଦିଆଯାଇଛି । କାନାଡାରେ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି କ୍ୟାମ୍ପକୁ ସୁରକ୍ଷା ପ୍ରସଙ୍ଗରେ ବାତିଲ କରାଯାଇଥିବାନେଇ ମତ ରଖିଛନ୍ତି । କନ୍‌ସୁଲାର କ୍ୟାମ୍ପ ହେଉଛି କାନାଡାରେ ଭାରତୀୟ କୂଟନୈତିକ ମିଶନ ପକ୍ଷରୁ ଆୟୋଜନ କରାଯାଇଥାଏ । ଏଥିରେ ହାଇକମିଶନଙ୍କ ସହ ଅନ୍ୟ କନ୍‌ସୋଲ୍‌ଟେଡ୍‌ମାନେ ଯୋଗ ଦେଇଥାନ୍ତି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଆମେ ଟରଣ୍ଟୋରେ ଥିବା ଆମ ଦୂତାବାସକୁ ଏହି କ୍ୟାମ୍ପ ବନ୍ଦ ହେଲା ବୋଲି ବାର୍ତ୍ତା ଦେଇଛୁ । ଆମକୁ ପର୍ଯ୍ୟାପ୍ତ ପରିମାଣ ସୁରକ୍ଷା ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଦିଆଗଲା ନାହିଁ । ପୂର୍ବରୁ ନଭେମ୍ବର ୨ ଓ ୩ ତାରିଖରେ ବ୍ରାମ୍ପଟନ୍ ଓ ସୁରୟରେ ଥିବା ଦୁଇଟି କନ୍‌ସୁଲାର କ୍ୟାମ୍ପ ଉପରେ ଖଲିସ୍ତାନୀ ଆକ୍ରମଣ କରିଥିଲେ । ତଥାପି କାନାଡା ସୁରକ୍ଷା ଏଜେନ୍ସି ଉପଯୁକ୍ତ ସୁରକ୍ଷା ଯୋଗାଇ ଦେବାକୁ ମନା କରିଦେଇଥିଲା । ଟୋରୋଣ୍ଟୋରେ (୯ ପୃଷ୍ଠାରେ)

### ୩୭୦ ଧାରା ପ୍ରସଙ୍ଗରେ ଜମ୍ମୁ-କାଶ୍ମୀର ବିଧାନସଭାରେ ହଙ୍ଗାମା

## ବ୍ୟାନର ଚିରିଲେ, ବିଧାୟକଙ୍କୁ ଠେଲାପେଲା



ନୂଆଦିଲ୍ଲୀ, ୭।୧୧ : ଜମ୍ମୁ-କାଶ୍ମୀର ବିଧାନସଭାରେ ଅଭାବନୀୟ ପରିସ୍ଥିତି ଦେଖାଦେଇଛି । ଧାରା ୩୭୦କୁ ପୁଣି ରାଜ୍ୟରେ ପୁନଃବାହଲ କରିବା ପାଇଁ ଆସିଥିବା ପ୍ରସ୍ତାବ ଉପରେ ହଟ୍ଟଗୋଳ ହୋଇଛି । ଗୃହରେ ପ୍ରବଳ ହଙ୍ଗାମା ହେବାରୁ ଶାସକ ଓ ବିରୋଧୀ ପକ୍ଷର ବିଧାୟକ ମୁହାଁମୁହିଁ ହୋଇଛନ୍ତି । ପରସ୍ପର ସହ ପିଟାପିଟି ହୋଇ ଠେଲାପେଲା ମଧ୍ୟ ହୋଇଥିଲେ ।

ଜମ୍ମୁ-କାଶ୍ମୀର ବିଧାନସଭାରେ ଧାରା ୩୭୦କୁ ପୁନଃ ଲାଗୁ କରିବା ପାଇଁ ପ୍ରସ୍ତାବ ଆସିଥିଲା । ବିଜେପି ବିଧାୟକ ଏହାକୁ ବିରୋଧ କରିଥିଲେ । ସେମାନେ ଗୃହର ମଧ୍ୟଭାଗକୁ ଆସି ପୋଷ୍ଟର ଦେଖାଇଥିଲେ । ପିଡିପି ଓ ପିପୁଲ୍ସ କନ୍‌ଫରେନ୍ସର ବିଧାୟକମାନେ ମଧ୍ୟ ଜମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେବାପାଇଁ ଏକ ପ୍ରସ୍ତାବ ଆଣିଥିଲେ । ତେବେ ଗୃହର କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେପି ଗତକାଲି ପାରିତ ହୋଇଥିବା ପ୍ରସ୍ତାବକୁ ବିରୋଧ କରିଥିଲା । ବିରୋଧୀ ଦଳ ନେତା ସୁନୀଲ ଶର୍ମା ଏ ସମ୍ପର୍କରେ ମତ ରଖିଥିଲେ । ତେବେ ଏହି ସମୟରେ ଆଉକିଛି ବିଧାୟକ ଗୃହର ମଧ୍ୟଭାଗକୁ ଯାଇ ବ୍ୟାନର (୯ ପୃଷ୍ଠାରେ)

## ଅଧିକାଂଶ ବାତ୍ୟା ଓଡ଼ିଶାର ଧନଜୀବନ କ୍ଷତି କରେ




ଭୁବନେଶ୍ୱର, ୭।୧୧ (ସବ୍ୟୁ) : ବଙ୍ଗୋପସାଗରରୁ ଉତ୍ପତ୍ତି ହେଉଥିବା ଅଧିକାଂଶ ସାମୁଦ୍ରିକ ବାତ୍ୟା ଭାରତର ତଟୀୟ ଅଞ୍ଚଳକୁ ପ୍ରଭାବିତ କରିଥାଏ । ବିଶେଷ କରି ଓଡ଼ିଶାରେ ଏହା ଦ୍ୱାରା ବହୁମାତ୍ରାରେ ଧନଜୀବନର କ୍ଷତି ହୋଇଥାଏ। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୧୮୯୧ରୁ ୧୯୯୪ ମସିହା ମଧ୍ୟରେ ବଙ୍ଗୋପସାଗରରୁ ଉତ୍ପତ୍ତି ହୋଇଥିବା ବାତ୍ୟାଗୁଡ଼ିକ ମଧ୍ୟରୁ ୫୮ ପ୍ରତିଶତ ଭାରତୀୟ ଉପକୂଳରେ ଧ୍ୱଂସଲୀଳା ରଚିଥିବା ବେଳେ ୧୫.୫ ପ୍ରତିଶତ ବଙ୍ଗଳାଦେଶକୁ ଆକ୍ରାନ୍ତ କରିଥିଲା। ଏହାର ୭.୫ ପ୍ରତିଶତ ମିଆଁମାର ଆଡ଼କୁ ଗତି କରିଥିବା ବେଳେ ୧ ପ୍ରତିଶତ ଶ୍ରୀଲଙ୍କାକୁ ଆକ୍ରାନ୍ତ କରିଥିଲା। ଏଥିରୁ ୧୮ ପ୍ରତିଶତ ସମୁଦ୍ର ମଧ୍ୟରେ ପ୍ରକୋପ ହରାଇ ନଷ୍ଟ ହୋଇଯାଇଥିଲା ବୋଲି ମଙ୍ଗଳବାର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଉମା ଚରଣ ମହାନ୍ତି ପ୍ରଫେସର ମହାନ୍ତି ଭାରତୀୟ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ବକ୍ତୃତା ଦେଇ ଏହା କହିଥିଲେ।

ପୂର୍ବରୁ ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ଭୁବନେଶ୍ୱରରେ ଆଟମସଫେରିକ୍ ସାଇନ୍‌ସେସ୍ ବିଭାଗରେ ଅଧ୍ୟାପନା କରିଥିବା ପ୍ରଫେସର ମହାନ୍ତି କହିଥିଲେ ଯେ ୧୯୦୧ ଓ ୨୦୦୧ ମସିହା ମଧ୍ୟରେ ଓଡ଼ିଶା ୧୦୦ରୁ ଅଧିକ ଥର ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଛି । ଯାହାର ସଂଖ୍ୟା ସବୁ ତଟୀୟ ପ୍ରଦେଶମାନଙ୍କ ଠାରୁ ଅଧିକ। ଆରବସାଗର (୯ ପୃଷ୍ଠାରେ)

## ଶିମିଳିପାଳକୁ ମହାରାଷ୍ଟ୍ରରୁ ଆସିବ ମହାବଳ

ବାରିପଦା, ୭।୧୧ (ସବ୍ୟୁ) : ପୁଣି ଶିମିଳିପାଳକୁ ଆସିବ ମହାବଳ। ଦ୍ୱିତୀୟ ପର୍ଯ୍ୟାୟ ବାଘୁଣୀକୁ ଆଣିବା ପ୍ରକିୟା ଆରମ୍ଭ ହୋଇଛି । ଏଥିପାଇଁ ଏକ ୧୦ଜଣିଆ ସ୍ୱତନ୍ତ୍ର ଟିମ ମହାରାଷ୍ଟ୍ର ଯାଇଛି। ସେମାନେ ତଡବା ଜଙ୍ଗଲରେ ରହି ମହାବଳର ଅନୁଧ୍ୟାନ କରିବେ। ଆସନ୍ତା ସପ୍ତାହରେ ମହାବଳ ବାଘୁଣୀକୁ ଶିମିଳିପାଳ ଅଣାଯିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ୨୮ ତାରିଖରେ ମହାରାଷ୍ଟ୍ରର ତଡବା ଜଙ୍ଗଲରୁ ବାଘୁଣୀ ଯମୁନାକୁ ଅଣାଯାଇଥିଲା ଶିମିଳିପାଳ। ୨୯ରେ ବାଘୁଣୀକୁ ଶିମିଳିପାଳ ଅଭୟାରଣ୍ୟର ସ୍ୱତନ୍ତ୍ର ଏନକ୍ଲୋଜର ଭିତରେ ଛଡ଼ାଯାଇଥିଲା। କିଛିଦିନ ତଳେ ବାରହା ଶିକାର କରି ଖାଇଥିଲା ଯମୁନା। ରାଜ୍ୟରେ ବର୍ତ୍ତମାନ ମୋଟ ୩୦ଟି ମହାବଳ ବାଘ ଥିବାବେଳେ ତାମଧ୍ୟରୁ ୨୭ଟି ଅଛନ୍ତି ଶିମିଳିପାଳ ଅଭୟାରଣ୍ୟରେ। ଏହି ୨୭ଟି ଭିତରୁ ୧୩ଟି ହେଉଛି କଳା ମେଲାନିଷ୍ଟିକ ବାଘ। ତେବେ ଜେନେଟିକ୍ ଇନବ୍ରିଡିଂକୁ ରୋକିବା ସହ ମହାବଳ ବଂଶ ବିସ୍ତାର ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି ।

## ବାର୍‌ହା ଫାଶରେ ପଡିଲା କଲରାପତରିଆ ବାଘ

ଢେଙ୍କାନାଳ, ୭।୧୧ (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଦଦରାଘାଟି ଫରେଷ୍ଟ ସେକ୍‌ସନ ଅସନବାହାଳି ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଶିକାରୀମାନେ ବିଛାଇଥିବା ବାରାହା ଫାଶରେ ଏକ କଲରାପତରିଆ ବାଘ ପଡିଥିଲା । ଖବରପାଇ ବନବିଭାଗ ଦୀର୍ଘ ୧୦ ଘଣ୍ଟା ବନବିଭାଗର ପରିଶ୍ରମ ପରେ ବାଘକୁ ଟ୍ରାଙ୍କୁଲାଇଜ ପରେ ଫାଶରୁ ଉଦ୍ଧାର କରି ଚିକିତ୍ସାପାଇଁ ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ନେଇଯାଇଥିବାର ଜଣାପଡିଛି।

ମହାବିରୋଡ ରେଞ୍ଜରେ ପ୍ରତିଦିନ ଶିକାରୀମାନେ ଶିକାର କରିବା ସହିତ ବିଭିନ୍ନ ଜନ୍ତୁ ଶିକାର ପାଇଁ ଫାଶ ବସାଇଥାନ୍ତି । ବୁଧବାର ରାତିରେ ବାରହା ଶିକାର କରିବା ପାଇଁ ଶିକାରୀମାନେ ଏକ ଫାଶ ବସାଇଥିଲେ । ସେହି ବାରାହା ଫାଶରେ ଏକ ୫ ବର୍ଷର କଲରା ପତ୍ରରିଆ ବାଘ ପଡିଥିଲା । ବାଘଟି ଫାଶରେ ପଡି ଗର୍ଜନ କରିବା ସହିତ ସ୍ଥାନୀୟ ଲୋକ ଏହା ଶୁଣି ବନବିଭାଗକୁ ଖବର ଦେଇଥିଲେ । ଖବରପାଇ କେଉଁଝର ଏବଂ ଢେଙ୍କାନାଳ ବନବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଢେଙ୍କାନାଳ ଡିଏଫଓ ସୁମିତ କରଙ୍କ ସହିତ ମହାବିରୋଡ ରେଞ୍ଜର ହରେଶ କିଶାନ, ପଣ୍ଟିମାଞ୍ଚଳ ରେଞ୍ଜରଙ୍କ ସହିତ ଟ୍ରାଙ୍କୁଲାଇଜ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପ୍ରଥମେ ଏକ ଡ୍ରୋନ ମାଧ୍ୟମରେ ବାଘକୁ (୯ ପୃଷ୍ଠାରେ)

## ଡଙ୍ଗରିଆଙ୍କ ଭୋକ ମେଣ୍ଟାଉଛି କାଠ ଗୁଣ୍ଡ

ରବୀନ୍ଦ୍ର ପାଟଖଣ୍ଡାଳ

ରାୟଗଡା : ଭୋକ ମେଣ୍ଟାଇବା ପାଇଁ ଗଛର ମଞ୍ଜ କାଠକୁ ସୁଖାଇ ଗୁଣ୍ଡକରି ଖାଆନ୍ତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ । ଏହି ଡ଼ଙ୍ଗରିଆଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରିବା ପାଇଁ ସରକାର ସ୍ୱତନ୍ତ୍ର ଯୋଜନା ନାମରେ ଡଙ୍ଗରିଆ ଉନ୍ନୟନ ସଂସ୍ଥାର ସହଭାଗିତାରେ ସଂସ୍ଥା ଓପେଲିପି ଆରମ୍ଭ କରିଛନ୍ତି । ଆର୍ଥିକ ଓ ସାମାଜିକ ସ୍ଥିତି ସୁଧାର ଆଣିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ବିଦେଶରୁ ଋଣକରି କେବଳ ଚାଟିକଣାର ଓପେଲିପ ସଂସ୍ଥାକୁ ଗତ ପାଞ୍ଚ ବର୍ଷରେ ୬୬କୋଟି ପ୍ରଦାନ କରିଛନ୍ତି। କିନ୍ତୁ ଡ଼ଙ୍ଗରିଆଙ୍କ ସାମାଜିକ ସ୍ଥିତି ସୁଧାର ଆସିବ କଣ ବଣ୍ଡେଲି ଗାଁରେ ଅପହଞ୍ଚ ଓପେଲିପି ସଂସ୍ଥା ।

ନିୟମଗିରି ପାହାଡ ଉପରେ ବସବାସ କରନ୍ତି ବିରଳ ଆଦିମ ଜନଜାତି ଡଙ୍ଗରିଆ କନ୍ଧ । ସେମାନଙ୍କ ଜୀବନ ଶୈଳୀ ସବୁଠାରୁ ସ୍ୱତନ୍ତ୍ର । ସେମାନେ ସରକାର ସୁବିଧା ସୁଯୋଗ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ସମାଜକୁ ଭଲ ପାଆନ୍ତି। ଯେଉଁ ଡଙ୍ଗରିଆ ଆଦିମ ଜନଜାତି ସମ୍ପ୍ରଦାୟର ମଣିଷଟିଏ ଦିନେ ନିୟମଗିରି ପାହାଡିଆ ଉପତ୍ୟକାରୁ ବାହାର ରାଜ୍ୟରେ ପାଦ ଦେଇନଥିଲା ଆଜି ପେଟର ଭୋକ ତାଙ୍କୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ କରିଛି। ପରିସ୍ଥିତି ବଞ୍ଚି ରହିବା ପାଇଁ ସହ ଡଙ୍ଗରିଆଙ୍କ ଖାଦ୍ୟ ପାଲଟିଛି ସଲପ ଗଛର କାଠ ଚୁନା। କାଠ ଶବ୍ଦଟି ସମସ୍ତେ ପରିଚିତ। କାଠର ବ୍ୟବହାର ଜାଳେଣି ସହ ଘର ଉପକରଣ ଓ ସୌଖିନ ବ୍ୟବହାର୍ଯ୍ୟ



ଜିନିଷ ପାଇଁ ବ୍ୟବହୃତ ହୁଏ । କିନ୍ତୁ କାଠ ଯେତେବେଳେ ଭୋକିଲା ପେଟର ଭୋକ ମେଣ୍ଟାଇବା କଥା ଆସୁଛି ଏହା ସବୁଠାରୁ ବିସ୍ମୟକର ଓ ଅଗ୍ରହଣୀୟ। ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ନିୟମଗିରିରେ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କ କ୍ଷେତ୍ରରେ। ଯାହାକି ସେମାନେ ସଲପ ଗଛର କାଠକୁ ଶୁଖାଇ ଚୁନା କରି ଖାଦ୍ୟ ରୂପେ ବ୍ୟବହାର କରୁଥିବା ତାଙ୍କ ଭୋକିଲା ପେଟର କରୁଣ ଚିତ୍ର ବଖାଣୁଥିବା ସ୍ପଷ୍ଟ ବାରି ହୋଇପଡୁଛି । ସଲପ ଗଛର ମଝିରେ ଥିବା ମଞ୍ଜ କାଠକୁ ଶୁଖାଇ ଚୁନା କରି ତାକୁ ପେଜ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଡ଼ଙ୍ଗରିଆ ଜନଜାତିର ମହିଳା ସୋନାଲି ନୀସିକା କହିଛନ୍ତି ।

ନିୟମଗିରିର ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧ ସମ୍ପ୍ରଦାୟକୁ ସରକାର ପିଭିଟିଜି ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବା ସହ ସାଧାରଣ ସ୍ରୋତରେ ସାମିଲ କରିବା ପାଇଁ ଅନେକ ଯୋଜନା ସହ କୋଟି କୋଟି ଟଙ୍କାର ଅନୁଦାନ ଡିକେଡିଏ , ଓପେଲିପି ଓ ଅକ୍ସସ ଭଳି ପ୍ରକଳ୍ପ ମାଧ୍ୟମରେ ଖର୍ଚ୍ଚ କରିଛି। କିନ୍ତୁ ଆଜି ମଧ୍ୟ ଏହି ବିଲୁପ୍ତ ଜନଜାତିଙ୍କ ଜୀବନଯାପନ ଶୈଳୀ ଅତି ଦୟନୀୟ । ଡ଼ଙ୍ଗରିଆ ସଂପ୍ରଦାୟ ଲୋକଙ୍କ ଏହି (୯ ପୃଷ୍ଠାରେ)

### ଆମ୍ବ ଟାକୁଆ ଜାଉ ଖାଇବା ଘଟଣାରେ ସରକାରଙ୍କୁ ନବୀନଙ୍କ ଟାର୍ଗେଟ

## ବାର ବର୍ଷର ତପସ୍ୟା, ଶୁଖୁଆ ପୋଡାରେ ସାରିଦେଲେ

ଭୁବନେଶ୍ୱର, ୭।୧୧ (ସବ୍ୟୁ) : କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କ ଗାଁରେ ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ବରଣ କରିବା ଓ ଅସୁସ୍ଥ ହେବା ଘଟଣାରେ ଏବେ ବିବାଦ ତୀବ୍ର ହୋଇଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ପ୍ରସଙ୍ଗରେ ଆଜି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଆମର ବାର ବର୍ଷର ତପସ୍ୟାକୁ ଏମାନେ ଶୁଖୁଆ ପୋଡାରେ ସାରିଦେଲେ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି ।



ଶଙ୍ଖ ଭବନରେ ଆୟୋଜିତ ଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ସଭ୍ୟ ସଂଗ୍ରହ କର୍ମଶାଳା ଓ ଡିଜିଟାଲ ଭିଲେଣ୍ଟର କର୍ମଶାଳାକୁ ନବୀନ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ ବିଜେଡି ସରକାର (୯ ପୃଷ୍ଠାରେ)



# ଭୋଟ ନଦେବାରୁ ବିବାହ ପାଇଁ ମନା !




ସରିଛି ବିଶ୍ୱର ସବୁଠାରୁ ଚର୍ଚ୍ଚିତ ଆମେରିକା ନିର୍ବାଚନ, ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିବା ସହିତ ରାଷ୍ଟ୍ରପତି ଘୋଷଣା ହୋଇଛନ୍ତି । ତେବେ ଏହାପରେ ସୋସିଆଲ ମିଡିଆରେ ଏହାକୁ ନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଛି । ଆମେରିକା ନିର୍ବାଚନକୁ ନେଇ ଅନେକ ମଜାଳିଆ କଥା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସେହିଭଳି ଏକ ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚିତ ଘଟଣା ପାଲଟିଛି । ସୂଚନା ଅନୁସାରେ ଜଣେ ଯୁବତୀ ନିର୍ବାଚନ ପାଇଁ ନିଜ ନିର୍ବନ୍ଧ ଭାଙ୍ଗିବାକୁ ନିଷ୍ପତ୍ତି ନେଇଛନ୍ତି । ତାଙ୍କ ଭାବି ସ୍ୱାମୀ ତାଙ୍କୁ ନିର୍ବାଚନରେ ଭୋଟ ଦେବାକୁ ମନା କରିଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି । ତେବେ ସେ ଇଣ୍ଟରନେଟ୍‌ରେ ଏହାକୁ ସେୟାର କରି ୟୁଜର୍ସଙ୍କ ମତ ମାଗିଛନ୍ତି । ଏହି ୨୬ ବର୍ଷୀୟ ମହିଳାଙ୍କର ଆଉ ମାତ୍ର ୪ ମାସରେ ବିବାହ ହେବାକୁ ରହିଛି । ତେବେ କିଛି ୟୁଜର୍ସମାନେ ତାଙ୍କୁ ସମର୍ଥନ କରୁଥିବା ବେଳେ କିଛି ଏଭଳି ନିଷ୍ପତ୍ତି ନେବାକୁ ବାରଣ କରିଛନ୍ତି । ଭୋଟିଂ ଏକ ବ୍ୟକ୍ତିଗତ ନିଷ୍ପତ୍ତି ହୋଇଥିବାରୁ କିଏ ଭୋଟ ଦେବ କିଏ ନାହିଁ ତାହା କେବଳ ସମ୍ପୃକ୍ତ ବ୍ୟକ୍ତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ । ତେବେ ଯୁବତୀ ଜଣଙ୍କ କଣ ନିଷ୍ପତ୍ତି ନେଇଛନ୍ତି ସେ ନେଇ କୌଣସି ସୂଚନା ନାହିଁ ।

# ହଜାରେ ବର୍ଷର କଏନ୍



ଭୂତତ୍ତ୍ୱବିଦ୍‌ମାନେ ଅନେକ ସମୟରେ ବିଭିନ୍ନ ପ୍ରକାରର ଖନନ କରିଥାଆନ୍ତି, ଯେଉଁଥିରେ ବିଭିନ୍ନ ପ୍ରକାର ସାମଗ୍ରୀ ମାଟିତଳୁ ବାହାରିଥାଏ । ସେହିଭଳି ଏକ ସାମଗ୍ରୀ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ନରୱେର ଏକ ପାହାଡ ଉପରୁ ଏକ ହଜାର ବର୍ଷ ତଳର କଏନ ଠାବ କରାଯାଇଛି । ଏହା ଏକ ସୁନାର କଏନ୍ ହୋଇଥିବାବେଳେ ଖୁବ ବିରଳ ମଧ୍ୟ । ଏହି କଏନ୍‌ରେ ପ୍ରଭୁ ଯିଶୁଙ୍କର ଛବି ମଧ୍ୟ ରହିଛି, ଯାହା ଏହାକୁ ସ୍ୱତନ୍ତ୍ର କରୁଛି । ଏକ୍ସପର୍ଟଙ୍କ ମତରେ ଏହା ରୋମାନ୍ ଏମ୍ପାୟର ସମୟରେ ବ୍ୟବହାର କରାଯାଉଥିଲା । ତେବେ ଏହି କଏନ୍‌ଟି ଜଣେ ବ୍ୟକ୍ତିଙ୍କୁ ମିଳିଛି ଯିଏକି ନିଜେନିଜେ ଡିଟେକ୍ଟର ଧରି ଅନେକ ସ୍ଥାନରେ ମାଟିତଳେ ଥିବା ପଦାର୍ଥକୁ ଖୋଜିଥାଆନ୍ତି, ଯାହାଙ୍କୁ ଟ୍ରେଜର ହଣ୍ଟର କହିଥାଆନ୍ତି । ଏକ୍ସପର୍ଟଙ୍କ ମତରେ କଏନ୍‌ଟିକୁ ୯୭୭ କିମ୍ବା ୧୦୨୫ ମଧ୍ୟରେ ନିର୍ମାଣ କରାଯାଇଛି । କଏନ୍‌ଟିକୁ ନେଇ ଗବେଷଣା ଜାରି ରହିଛି, ଅଧିକ ତଥ୍ୟ ସନ୍ଧାନରେ ଗବେଷକମାନେ ଗବେଷଣା ଜାରି ରଖିଛନ୍ତି ।

# ଉଡି ଉଡି ରୋଷେଇ



ଅନେକ ସମୟରେ ବିଭିନ୍ନ ସେଫ୍‌ମାନେ ନିଜନିଜ ଟାଲେଣ୍ଟ ବଳରେ ଭିନ୍ନଭିନ୍ନ ରେକର୍ଡ କରିଥାଆନ୍ତି । ସେହିଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆ ୟୁଜର୍ସଙ୍କୁ ବେଶ୍ ଚକିତ କରିଛି । ପେଷ୍ଟ୍ରି ସେଫ୍ ଜୋସିଆ ରିଚେନ୍ ଏକ ନିଆରା ଷ୍ଟଣ୍ଟ କରି ଚର୍ଚ୍ଚାକୁ ଆସିଛନ୍ତି । ସେ ଆକାଶରେ ପାରାଗ୍ଲାଇଡିଂ କରିବା ସମୟରେ ଚକୋଲେଟ୍ ବନି ପ୍ରସ୍ତୁତ କରିଛନ୍ତି । ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସୁଇଜରଲାଣ୍ଡର ଆକାଶରେ ସେ ଏହି ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳିଛି । ଭିଡିଓରେ ଦେଖିବାକୁ ମିଳୁଛି କି ସେ ପାରାଗ୍ଲାଇଡିଂ କରିବା ଆଗରୁ ନିଜର ସମସ୍ତ ସାମଗ୍ରୀ ଓ ଚକୋଲେଟ୍‌କୁ ପାଖରେ ରଖନ୍ତୁ । ଏହାପରେ ଆକାଶରେ ସେ ସମସ୍ତ ଉପକରଣ ସାହାଯ୍ୟରେ ଚକୋଲେଟ୍ ବନି ନିର୍ମାଣ କରିଛନ୍ତି । ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି । ତାଙ୍କର ଏଭଳି କଳା ପ୍ରଦର୍ଶନକୁ ସମସ୍ତେ ଖୁବ ପ୍ରଶଂସା କରୁଛନ୍ତି ।

# ଘରେ ରଖନ୍ତୁ ଲାଫିଙ୍ଗ ବୁଦ୍ଧ



ଘରେ ସମସ୍ତେ ସବୁବେଳେ ହସଖୁସିର ମାହୋଲ ଚାହିଁଥାଆନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ଘରେ ସକରାତ୍ମକ ଉର୍ଜାକୁ ବଞ୍ଚାଇ ରଖିବାକୁ ହେଲେ ଘରେ ସଜାଯାଉଥିବା ସାମଗ୍ରୀ ଉପରେ ଧ୍ୟାନ ଦେବାକୁ ହୋଇଥାଏ । ସେହିଭଳି ଏକ ଘରସଜା ସାମଗ୍ରୀ ହେଉଛି ଲାଫିଙ୍ଗ ବୁଦ୍ଧ । ତେବେ ବାସ୍ତୁ ଅନୁସାରେ ଏହାର ଅନେକ ଲାଭ ରହିଛି । ଏହାକୁ ଘରେ ରଖିଲେ ଘରେ ସମୃଦ୍ଧି ଆସିଥାଏ । ତେବେ ଏହାକୁ କେବେ ବି ଭୁଲ ସ୍ଥାନରେ ରଖନ୍ତୁ ନାହିଁ । ଏପରି କରିବା ଦ୍ୱାରା ଘରେ ନକରାତ୍ମକତା ବଢିଥାଏ । ଯଦି ଘରେ କିଛି ଆର୍ଥିକ ସଙ୍କଟ ରହିଛି କିମ୍ବା ଘରେ କୌଣସି କାରଣରୁ ନକରାତ୍ମକତା ବଢିଛି ତେବେ ଘରେ ଲାଫିଙ୍ଗ ବୁଦ୍ଧ ରଖନ୍ତୁ । ଏହା ଆପଣଙ୍କ ଘରର ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିବ ବୋଲି ବାସ୍ତୁ ଶାସ୍ତ୍ରରେ ଲେଖାରହିଛି । ସେହିଭଳି ଏହି ମୂର୍ତ୍ତିକୁ ସୁଖ ସମୃଦ୍ଧିର ପ୍ରତୀକ ମାନନ୍ତି । ତେଣୁ ଏହା ଘରେ ରହିଲେ ସବୁ କାମ ନିର୍ବିଘ୍ନରେ ସମାଧାନ ହେବ ବୋଲି ବିଶ୍ୱାସ ରହିଛି । ଏହାକୁ ସର୍ବଦା ଘରେ, ବ୍ୟବସାୟ ପ୍ରତିଷ୍ଠାନରେ, ବୈଠକ ଘରେ ରଖନ୍ତୁ । ତେବେ ଏହାକୁ ତଳୁ ଅଢେଇ ଇଞ୍ଚ ଉପରେ ଓ ମୁଖ୍ୟ ଦ୍ୱାରର ସାମ୍ନାରେ ରଖନ୍ତୁ । ମୂର୍ତ୍ତିର ମୋଟା ପେଟ ସମ୍ପନ୍ନତାର ପ୍ରତୀକ । ଏହାକୁ ଘରର ମୁଖ୍ୟ ଦ୍ୱାରରେ ରଖିଲେ ଏହା ଘର ପାଇଁ ଶୁଭ ହୋଇଥାଏ । ତେବେ ଶୋଇବା ଘରେ, ରୋଷେଇ ଘରେ ଏହାକୁ ରଖନ୍ତୁ ନାହିଁ । ସର୍ବଦା ଏହାକୁ ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ ରଖନ୍ତୁ ।

# ଏନଜୟ କରୁଛନ୍ତି ସିଙ୍ଗଲ୍ ଲାଇଫ୍



ସବୁବେଳେ ନିଜ ଲଭ୍ ଲାଇଫ୍‌କୁ ନେଇ ଚର୍ଚ୍ଚାରେ ଥିବା କାର୍ତ୍ତିକ ଆରିୟନ ସିଙ୍ଗଲ୍ ଅଛନ୍ତି ବୋଲି ଷ୍ଟେଟ୍‌ମେଣ୍ଟ ଦେଇଛନ୍ତି, ଯାହାକୁ ନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଛି । ସିଙ୍ଗଲ୍ ଥିବାରୁ ସେ ଖୁବ ଖୁସିରେ ଅଛନ୍ତି ବୋଲି ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । କାହାସହିତ ରିଲେସନ୍‌ରେ ନଥିବାରୁ ତାଙ୍କୁ ଆଉ କାହାକୁ ନିଜର ଲାଇଭ୍ ଲୋକେସ୍ ସେଣ୍ଡ୍ କରିବାକୁ ପଡୁନାହିଁ ବୋଲି କାର୍ତ୍ତିକ ମତ ଦେଇଛନ୍ତି । ତେଣୁ ତାଙ୍କୁ ସିଙ୍ଗଲ୍ ଲାଇଫ୍ ଖୁବ ଭଲ ଲାଗୁଛି ଏବଂ ସେ ମନ ଭରି ଏଞ୍ଜୟ କରୁଛନ୍ତି ବୋଲି ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତେବେ ଏହା ପରେ ଫ୍ୟାନ୍‌ଙ୍କ ଭିତରେ ଉତ୍କଣ୍ଠା ଦେଖିବାକୁ ମିଳିଛି କି ଆଗକୁ କାର୍ତ୍ତିକ କାହାକୁ ଡେଟ୍ କରିବେ । କିଏ ହେବ ତାଙ୍କ ଲାଇଫ ପାର୍ଟନର । ଆଗରୁ ତାଙ୍କ ନାଁ ସାରା ଅଲ୍ଲୀ ଖାନ୍‌ଙ୍କ ସହିତ ଯୋଡା ହେଉଥିଲା । ହେଲେ କିଛି ଦିନ ପରେ ଏହାକୁ ଦୁଇଜଣ ଯାକ ଗୁମର କହିଥିଲେ । ତେବେ କାର୍ତ୍ତିକଙ୍କ ଷ୍ଟେଟମେଣ୍ଟରୁ ଲାଗୁଛି ସେ ଆଗରୁ ରିଲେସନ୍ ସିପ୍‌ରେ ରହିଛନ୍ତି ହେଲେ କାହା ସହିତ ସେନେଇ ସେ କିଛି କହି ନାହାନ୍ତି । କାର୍ତ୍ତିକଙ୍କୁ ବର୍ତ୍ତମାନ ଭୁଲଭୁଲେୟାଁ ୩ରେ ଦେଖିବାକୁ ମିଳୁଛି, ଯେଉଁଥିପାଇଁ ସେ ଖୁବ ପ୍ରଶଂସା ସାଉଁଟୁଛନ୍ତି । ଏଥିରେ ସେ ବିଦ୍ୟା ବାଲାନ୍, ତ୍ରିପ୍ତି ଡିମିରି ଓ ମାଧୁରଙ୍କ ସହିତ ସ୍କ୍ରିନ୍ ସେୟାର କରିଛନ୍ତି । ଦର୍ଶକ ଏହି ଫିଲ୍ମକୁ ଖୁବ ଭଲପାଇବା ଦେଉଛନ୍ତି ।

## ଇତିହାସ (ନଭେମ୍ବର ୮)

୧୯୪୫– ହଂକଂରେ ଡଙ୍ଗା ବୁଡ଼ିବା କାରଣରୁ ୧୫୫୦ ଲୋକଙ୍କର ମୃତ୍ୟୁ ।

୧୯୮୮– ଚୀନ୍‌ରେ ଭୂକମ୍ପ କାରଣରୁ ୯୦୦ ଲୋକଙ୍କର ମୃତ୍ୟୁ ।

୧୯୯୯– କ୍ରିକେଟର ରାହୁଲ ଦ୍ରାବିଡ୍ ଏବଂ ସଚିନ ତେନ୍ଦୁଲକର ପାର୍ଟନରସିପ୍‌ରେ ଦିନିକିଆ ମ୍ୟାଚ୍‌ରେ ୩୩୧ ରନ୍ କରି ଇତିହାସ ରଚିଥିଲେ ।

୨୦୦୦– ବିଲ୍ କ୍ଲିଣ୍ଟନଙ୍କ ପତ୍ନୀ ହିଲେରୀ କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରେ ଜିତାପଟ ହାସଲ କରି ଇତିହାସ ରଚିଲେ ।

୨୦୦୮– ଭାରତର ପ୍ରଥମ ମାନବରହିତ ମହାକାଶ ମିଶନ ଚନ୍ଦ୍ରଯାନ ୧ ଚନ୍ଦ୍ରର କକ୍ଷପଥରେ ପହଞ୍ଚିଲା ।

୨୦୧୬– ଭାରତ ସରକାରଙ୍କ ଦ୍ୱାରା ବିମୁଦ୍ରୀକରଣ ଲାଗୁ କରାଗଲା । ଏହା ଅନ୍ତର୍ଗତ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅବୈଧ ଘୋଷଣା କରାଗଲା ।

## ସୋସିଆଲ କୋଟ୍ସ



❝ ଲୋକ କହୁଥିଲେ ଯଦି ମୁଁ ଫିଲ୍ମରେ ମା’ ଚରିତ୍ରରେ ଏତେ କମ ବୟସରେ ଅଭିନୟ କରିବି ତେବେ ଆଗକୁ ମୋତେ ହିରୋଇନ୍ ହେବାରେ ସମସ୍ୟା ହେବ । ଏପରିକି ହିରୋଇନ୍ ହେଇ ପାରିବି ନାହିଁ ।

**ମନୀଷା କୋଇରାଲା, ଅଭିନେତ୍ରୀ**



❝ ମୋ ଲୁକ୍ ପାଇଁ ମୋତେ ଅନେକ ପ୍ରୋଜେକ୍ଟରୁ ରିଜେକ୍ଟ କରାଯାଇଛି । ବାଲାଜି ପ୍ରଡକସନ୍ ହାଉସ୍ ମୋତେ ଅନେକ ଥର ଅନ୍‌ଫିଟ୍ କହିବା ସହିତ ରିଜେକ୍ଟ ମଧ୍ୟ କରିଛନ୍ତି ।

**ବିକାଶ କୁମାର, ଅଭିନେତା**



❝ ମୁଁ ଚାହୁଁଛି ସାଧାରଣଲୋକଙ୍କ ଠାରୁ ଆରମ୍ଭ କରି ଗଣମାଧ୍ୟମରେ ଥିବା ଲୋକମାନେ ସମସ୍ତେ ଫିଲ୍ମ ‘ଦି ସାବରମତୀ ରିପୋର୍ଟ’ ଦେଖନ୍ତୁ । ଆମେ ଖୁବ ପରିଶ୍ରମ କରିଛୁ ।

**ଏକତା କପୁର, ଫିଲ୍ମମେକର**

# ନିଦ କରାଇଥାଏ ରେଡ୍ ଲାଇଟ୍

ବେଳେବେଳେ କିଛି ଲାଇଟ୍ ଲାଗିଲେ ଆମକୁ ଖୁବ ସହଜରେ ନିଦ ଆସୁଥିବାବେଳେ କିଛି ଲାଇଟ୍‌ରେ ନିଦ ହୋଇନଥାଏ । ତେବେ ଏହା ପଛରେ ମଧ୍ୟ ବୈଜ୍ଞାନିକ କାରଣ ରହିଛି । ଏହାକୁ ନେଇ ଅନେକ ସମୟରେ ବିଭିନ୍ନ ଗବେଷଣା ମଧ୍ୟ କରାଯାଇଛି । ଏହି ରିପୋର୍ଟ ଅନୁସାରେ ଲାଲ୍ ଲାଇଟ୍ ଆମକୁ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ । ଏହା ଆମ ଶରୀରର ନ୍ୟାଚୁରାଲ ଇଣ୍ଟରନାଲ କ୍ଲକ୍ ଅନୁସାରେ କାମ କରିଥାଏ । ଯେପରି ମ୍ୟୁଜିକ୍‌କୁ ବ୍ୟବହାର କରି ସ୍ଲିପ୍ ଥିଓରି କରାଯାଇଥାଏ ସେହିଭଳି ରେଡ୍ ଲାଇଟ୍‌କୁ ବ୍ୟବହାର କରି ମଧ୍ୟ ସ୍ଲିପ୍ ଥିଓରି କରାଯାଇପାରିବ । ରେଡ୍ ଲାଇଟ୍‌ର ୱେଭ୍‌ଲେନ୍‌ଥ ଆମର ସେଲ୍ ଗୁଡିକର ଫଙ୍କସନ୍ ଉପରେ ବେଶି ପ୍ରଭାବ ପକାଇଥାଏ । ତେଣୁ ଏହା ଆମକୁ ଜଲଦି ଶୋଇବାରେ ସାହାଯ୍ୟ କରିଥାଏ । ସେହିଭଳି ବ୍ଲୁ ଲାଇଟ୍ ଆମ ନିଦକୁ ବେଶି ଅଧିକ ବ୍ୟାଘାତ ପକାଇଥାଏ । ସେଥିପାଇଁ ଶୋଇବା ଆଗରୁ ବିଭିନ୍ନ ଗ୍ୟାଜେଟ୍‌ରୁ ଦୂରରେ ରହିବାକୁ କୁହାଯାଇଥାଏ । ଯେତେବେଳେ ଆମ ଶରୀରରେ ରେଡ୍ ଲାଇଟ୍ ପହଞ୍ଚିଥାଏ ସେତେବେଳେ ଆମର ସେସୁଲାର ଏନର୍ଜି ଉତ୍ପାଦନ ବଢିଥାଏ । ଏହାପରେ ଆମ ଶରୀରରେ ବିଭିନ୍ନ ପରିବର୍ତ୍ତନ ହୋଇଥାଏ, ଯାହାଫଳରେ ଆମକୁ ନିଦ ଖୁବ ଜଲଦି ହୋଇଥାଏ । ରେଡ୍ ଲାଇଟ୍ ଆମର ଷ୍ଟ୍ରେସ୍‌କୁ ମଧ୍ୟ କମାଇଥାଏ ଯାହାଫଳରେ ଆମକୁ ଭଲ ନିଦ ହୋଇଥାଏ ।

# କାଜୁ ମୋତି ପଲଉ



ସାମଗ୍ରୀ : ୨ଟି ବଡ ଖଣ୍ଡ ଛେନା, ୨ଟି ପିଆଜ, ଏକ ଛୋଟ ଚାମଚ ଅଳେଇଚ ଗୁଣ୍ଡ, ଏ ଛୋଟ ଚାମଚ କର୍ଣ୍ଣଫ୍ଲୋର, ଏକ ବଡ ଚାମଚ ଚାଉଳ ଗୁଣ୍ଡ, ୩ଟି ବଡ ଚାମଚ ଖୁଆ, ଗୋଟିଏ ଚାମଚ ଟୁଟି ଫ୍ରୁଟି, ଲୁଣ ସ୍ୱାଦ ଅନୁସାରେ, ଗୋଟା ଗରମ ମସଲା, ଏକ ଚାମଚ ଜିରା, ଭିଜା ହୋଇଥିବା କାଜୁ, ୨ଟି କଞ୍ଚା ଲଙ୍କା, କିଛି ଧନିଆ ପତ୍ର, ପିଆଜ ଭଜା, ଏକ ଚାମଚ କେଶର ପଡିଥିବା ଖିର, ଅଧାକପ ଖୀର,

ପ୍ରଣାଳୀ : ଗୋଟିଏ ଯାଗାରେ ଛେନା, ଗୁଜୁରାତି ଗୁଣ୍ଡ, ଅଧା ଚାମଚ କର୍ଣ୍ଣଫ୍ଲୋର, ଚାଉଳ ଗୁଣ୍ଡା ଓ ଲୁଣ ମିଶାଇ ପାଣି ପକାଇ ଚକଟନ୍ତୁ । ଏହା ମଝିରେ ପୁର ଭଳି ଖୁଆ ଓ ଟୁଟିଫ୍ରୁଟିର ମିଶ୍ରଣକୁ ଦେଇ ମଣ୍ଡା ପିଠା ଭଳି ଗଢନ୍ତୁ । ଏହାଉପରେ ଅଳ୍ପ ଟିକେ କର୍ନଫ୍ଲୋର ଛିଞ୍ଚି ଦିଅନ୍ତୁ । ଏହାକୁ ତେଲରେ ଛାଣନ୍ତୁ । ଅନ୍ୟପଟେ ମିଡିଅମ ଆଞ୍ଚରେ ପ୍ୟାନରେ ଘିଅ ଗରମ କରନ୍ତୁ । ଏଥିରେ ଖଣ୍ଡ ଗରମ ମସଲା ଓ ଜିରା ପକାନ୍ତୁ । କିଛି ସମୟ ଭାଜିବା ପରେ ଏଥିରେ କାଜୁ, ଲୁଣ, କଞ୍ଚା ଲଙ୍କା, ଧନିଆ ପତ୍ର, ପୋଦିନା ପତ୍ର, ଚିନି ପାଣି ମିଶାଇ ୫ରୁ ସାତ ମିନିଟ୍ ସିଝାନ୍ତୁ । ଏହାପରେ ଏଥିରେ ବାସୁମତି ଚାଉଳ ପକାଇ ଗୋଳାନ୍ତୁ । ଏଥିରେ ପାଣି ଦେଇ ପ୍ରଥମ ଫୁଟଣ ପରେ ଘୋଡାଇ ୪ରୁ ୫ମିନିଟ୍ ରାନ୍ଧନ୍ତୁ । ଏହା ପରେ ଏଥିରେ ଫ୍ରାଏଡ୍ ପିଆଜ, କେଶର ମିଶା ଖୀର ଓ ଅଧା କପ ଖାଲି ଖୀର ମିଶାଇ ଆଉ ୩ ମିନିଟ ରାନ୍ଧନ୍ତୁ । ଭାତ ହେବା ପରେ ଆଞ୍ଚ ବନ୍ଦ କରିଦିଅନ୍ତୁ । ଏହାକୁ ଏକ ପ୍ଲେଟକୁ କାଢି ଏଥିରେ ଆଗରୁ ପ୍ରସ୍ତୁତ ହୋଇଥିବା ଚିଜ୍ ବଲ୍‌କୁ ସଜାନ୍ତୁ । ପ୍ରସ୍ତୁତ ହୋଇଗଲା କାଜୁ ମୋତି ପଲଉ ।



ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୭୫ ତମ ପ୍ରତିଷ୍ଠା ଦିବସ ଅବସର ରେ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ର ଛାତ୍ରୀ ମାନେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ପ୍ରତିଷ୍ଠା ଦିବସ ବ୍ୟାଚ୍ ଲଗାଇବା ସହିତ ସ୍ମାରକୀ ପ୍ରଦାନ କରୁଛନ୍ତି ।

## ବାଇକ ଲୁଟେରାଙ୍କ ଟେର ପାଉନି ପୋଲିସ

ଖଣ୍ଡପଡା,(ସବ୍ୟୁ):ଖଣ୍ଡପଡା ଥାନା ଅଧିନ ଖଳିସାହି ତୋଟା ହନୁମାନଙ୍କ ମନ୍ଦିର ସମ୍ମୁଖରୁ ଗତ ୪ ତାରିଖରେ ଖଣ୍ଡପଡା ସହର ମଙ୍ଗଳାଙ୍କ ସାହି ବାସିନ୍ଦା ଗୋପୀନାଥ ବେହେରାଙ୍କର ବାଇକଟିକୁ କେହି ଦୁର୍ବୃତ ଚୋରୀ କରି ନେଇ ଯାଇଥିବା ଜଣାପଡିଛି । ଏ ସଂପର୍କରେ ଖଣ୍ଡପଡା ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ଖୋଳତାଡ କରୁଥିଲେ ହେଁ ୪ ଦିନ ପରେ ବି ପୋଲିସ ବାଇକ ଲୁଟେରାଙ୍କ ସଂପର୍କରେ କୌଣସି ଟେର ପାଇନଥିବା ଜଣାପଡିଛି । ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ଆଲୋଚନା ହେଉଥିବା ବେଳେ ଉପରୋକ୍ତ ଚୋରୀ ଘଟଣାର ପର୍ଦ୍ଦାଫାସ ପାଇଁ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଅପରପକ୍ଷେ ବାଇକ ଲୁଟେରାମାନେ ଖଳିସାହି ଓ ଆଖପାଖ ଅଂଚଳର ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି।

### ସମ୍ବଲପୁରରେ ବିଜେପିର ମିଶ୍ରଣ ପର୍ବ

## 'ଜନସେବା'କୁ ପ୍ରାଥମିକତାରେ ରଖି କାମ କରିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କ୍ଷମତାକୁ ଉପଭୋଗ କରିବା ନୁହେଁ, ଲୋକଙ୍କ ସେବା କରିବା ଆମର ଧର୍ମ । ଆମେ କାର୍ଯ୍ୟକର୍ତ୍ତାମାନେ ସେବାକୁ ପ୍ରାଥମିକତାରେ ରଖି କାମ କରିବା । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ କିଭଳି ଲୋକଙ୍କ ପାଖରେ ପହଞ୍ଚିବ, ତାହାର ଦାୟିତ୍ୱ ନେବା ପାଇଁ ଗୁରୁବାର ସମ୍ବଲପୁରରେ ଦଳ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେବା ଅବସରରେ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରେଢାଖୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ଜନପ୍ରତିନିଧି ଓ ସ୍ଥାନୀୟ ନେତୃତ୍ୱଙ୍କୁ ଦଳରେ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଦଳ ଅଧିକ ଲାଭ ପାଆନ୍ତି ବୋଲି କୁହାଯାଏ କିନ୍ତୁ ଭାରତୀୟ ଜନତା ପାର୍ଟିରେ ତାହା ଭିନ୍ନ । କ୍ଷମତାକୁ ଉପଭୋଗ କରିବା ନୁହେଁ ବରଂ ଲୋକଙ୍କ ସେବା କରିବା ଦରକାର । ନିର୍ମଳ ମନରେ ଲୋକଙ୍କ ସେବା କଲେ ଦଳ ବିଜୟୀ ହୁଏ । ଏଥିପାଇଁ ଆଜି ଅସଂଖ୍ୟ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ବଳରେ ଜନଆଶୀର୍ବାଦ କାରଣରୁ ରାଜ୍ୟରେ ବିଜେପି ସରକାର ହୋଇଛି । ନୂଆ ରାଜ୍ୟ ସରକାର ଗଠନ ପରେ ସୁଭଦ୍ରା ଯୋଜନା



ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି । ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି । ଚାଷୀର ବ୍ୟାଙ୍କ ଖାତାରେ ଏହି ଟଙ୍କା କିପରି ପହଞ୍ଚିବ, ତାହାର ଦାୟିତ୍ୱ କାର୍ଯ୍ୟକର୍ତ୍ତାମାନେ ନେବା ଦରକାର । ସେହିପରି ସମ୍ବଲପୁର ଜିଲ୍ଲାରେ ସବୁ ସ୍ଥାନରେ ପାନୀୟ ଜଳ ସମସ୍ୟା ଦୂର କରିବା, ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରାଇବା, ପିଏମ-ସ୍ୱନିଧି ଯୋଜନାରେ ସହରାଞ୍ଚଳର ଉଠା ଦୋକାନୀଙ୍କୁ ଋଣ ଦେବାର ବ୍ୟବସ୍ଥା ଉପରେ ଲୋକଙ୍କୁ ସଚେତନ କରିବା ଦରକାର । ଏହିପରି ପିଏମ ସୂର୍ଯ୍ୟ ଘର ଯୋଜନାରେ ଗରିବ ଲୋକଙ୍କ ଘରେ ସୌର ଚୁଲା ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ ରାଶିର ତଦାରଖ ଦାୟିତ୍ୱ ମଧ କାର୍ୟ୍ୟକର୍ତ୍ତାମାନେ ନେବା ଦରକାର । ମିଶ୍ରଣ ପର୍ବ ଉପରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ନେତୃତ୍ୱ ଏବଂ ରାଜ୍ୟରେ ବିଜେପି ସରକାରର କାର୍ଯ୍ୟରେ ଆସ୍ଥାପ୍ରକଟ କରି ଦଳରେ ଯୋଗ ଦେଇଥିବାରୁ ଧନ୍ୟବାଦ । ଏହି ଯୋଗଦାନ ତୃଣମୂଳ ସ୍ତରରେ ଆମର ସଂଗଠନକୁ ଅଧିକ ମଜଭୁ କରିବ । ସମ୍ବଲପୁରର ଆବାଳବୃଦ୍ଧବନିତାଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇବା ସହ ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବା ପାଇଁ ନିଜ ସ୍ତରରେ କର୍ତ୍ତବ୍ୟ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

### ବ୍ରହ୍ମପୁର-ଜୟପୁର ହାଇସ୍ପିଡ୍ କରିଡର ଓ ଗ୍ରୀନ ଫିଲଡ୍ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ

## ୪ ଜିଲ୍ଲା ଦେଇ ନିର୍ମାଣ ହେବ ୨୮୭ କିମି ପ୍ରଶସ୍ତ ମାର୍ଗ

ଭୁବନେଶ୍ୱର, (ସବ୍ୟୁ): ପ୍ରସ୍ତାବିତ ବ୍ରହ୍ମପୁର-ଜୟପୁର ହାଇ-ସ୍ପିଡ୍ କରିଡର ଓ ଗ୍ରୀନ ଫିଲଡ୍ ପ୍ରକଳ୍ପ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ, ଗଜପତି, ରାୟଗଡା ଓ କୋରାପୁଟ ଜିଲ୍ଲା ଦେଇ ନିର୍ମାଣ ହେବାକୁ ଥିବା ଏହି ହାଇ-ସ୍ପିଡ୍ କରିଡରର ଦୈର୍ଘ୍ୟ ପ୍ରାୟ ୨୮୭ କିମି ରହିବ । ଏହି ପ୍ରଶସ୍ଥ ମାର୍ଗରେ ଗାଡି ଗୁଡ଼ିକ ସର୍ବାଧିକ ୧୨୦ କିଲୋମିଟର ବେଗରେ ଗତି କରିବା ପୂର୍ବରୁ ବ୍ରହ୍ମପୁରରୁ ଜୟପୁରକୁ ଯାତ୍ରା କରିବାକୁ ୭ ଘଣ୍ଟା ଲାଗୁଥିବା ବେଳେ ଏହି ମାର୍ଗରେ ମାତ୍ର ୩ ଘଣ୍ଟାରେ ଉକ୍ତ ପଥକୁ ଅତିକ୍ରମ କରିହେବ । ପାହାଡିଆ ଘାଟି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ଏହି ମାର୍ଗର ଆବଶ୍ୟକ ୪ ଟି ସ୍ଥାନରେ ଟନେଲ ନିର୍ମାଣ ନେଇ ପ୍ରସ୍ତାବ ରହିଛି । ରାଜ୍ୟକୁ ଦ୍ରୁତ ପ୍ରଗତି ପଥରେ ଆଗକୁ ନେବାରେ ଖଣି ଓ ଶିଳ୍ପର ପ୍ରମୁଖ ଭୂମିକା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ହାଇସ୍ପିଡ୍ କରିଡର ସହିତ ପ୍ରମୁଖ ସହର, ଖଣି ଓ ଶିଳ୍ପାଞ୍ଚଳର ଯୋଗାଯୋଗ ଯେପରି ଧ୍ୟାନ ଦେଇ ଏକ ସର୍ବୋତ୍ତମ ନକ୍ସା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି. ଭି. ଯାଦବ, ସ୍ୱତନ୍ତ୍ର ଶାସନ ସଚିବ



ସୁଦୃଢ ହୋଇପାରିବ ସେଥିନେଇ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ପ୍ରସ୍ତାବିତ କରିଡର ଯେପରି କୌଣସି ପ୍ରକାରରେ ଅଭୟାରଣ୍ୟ, କ୍ଷୁଦ୍ର ଜଙ୍ଗଲ କିମ୍ବା ଜୈବବିବିଧତା ଅଞ୍ଚଳକୁ କ୍ଷତି ନପହଞ୍ଚାଏ ସେଥିପ୍ରତି ଦୀପକ ଦାସ ପ୍ରମୁଖ ଯନ୍ତ୍ରୀ (ସିଭିଲ) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସି ଯୁଗ୍ମ ଉପଦେଷ୍ଟା ଜୟ କୃଷ୍ଣ ଦାସ ଏବଂ ସ୍ପାର୍କର ପରିଚାଳନା ନିର୍ଦ୍ଦେଶକ ଶୁଭଦର୍ଶୀ ମିଶ୍ରଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇଡ୍‌କୋ ମ୍ୟାନେଜର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆୟ ବହୁର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ଇଡ୍‌କୋ ଜୁନିଅର ମ୍ୟାନେଜର ବିଜୟ କୁମାର ଉଦୟ ସିଂଙ୍କ ଘରେ ଭିଜିଲାନ୍ସ ଚଢାଉ କରି ୫ କୋଟିରୁ ଉର୍ଦ୍ଧ୍ୱ ଆୟ ବହିର୍ଭୁତ ସମ୍ପତ୍ତି ଠାବ କରିଛି । ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧାର ୬ଟି ସ୍ଥାନରେ ଏକସଂଗେ ଚଢାଉ କରାଯାଇଥିଲା । ଘର, ଫ୍ଲଟ୍ ସାଙ୍ଗକୁ ସୁନା ଗହଣା, ବ୍ୟାଙ୍କ ଜମା ଓ ଇନ୍ସୁ୍ୟରାନ୍ସ ପ୍ରଭୃତି ଭିଜିଲାନ୍ସ ଠାବ କରିଥିଲା । ଭୁବନେଶ୍ୱର ଆର୍ଯ୍ୟବିହାରରେ ଠାବ ହୋଇଥିବା ଘରର ମୂଲ୍ୟ ୩କୋଟିରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ତିନୋଟି ଉଚ୍ଚମାନର ଫ୍ଲଟ୍ ଠାବ ହୋଇଛି । ଇନ୍ସୁ୍ୟରାନ୍ସ ଓ ବ୍ୟାଙ୍କଜମା ୫୫.୫ଲକ୍ଷ ଓ ନଗଦ ଟଙ୍କା ୪.୫ଲକ୍ଷ ଟଙ୍କା ଠାବ ହୋଇଥିଲା । ଆର୍ଯ୍ୟବିହାର ବଙ୍ଗଳାର ନିର୍ମାଣଶୈଳୀ ଉଚ୍ଚକୋଟୀର ଦେଖି ଭିଜିଲାନ୍ସ ଅଫିସରମାନେ ବ୍ୟସ୍ତ ହୋଇପଡିଥିଲେ । ଗେଟ୍ ରିମୋଟ୍‌ରେ ଖୋଲୁଥିବା ବେଳେ ଲକ୍କର ପାଇଁ ପାସ୍‌ୱାର୍ଡ । ପାସ୍‌ୱାର୍ଡ ନକହିବାରୁ ବହୁ ଲକ୍କର ଖୋଲାଯାଇ ପାରିନାହିଁ । ମ୍ୟାନେଜରଙ୍କ ବେଡ୍‌ରୁମ୍ କବାଟରେ ସେନ୍‌ସର ଲାଗିଛି । ଏକମାତ୍ର ମ୍ୟାନେଜର କବାଟ ପାଖରେ ଠିଆହେଲେ ବେଡ୍‌ରୁମ୍ କବାଟ ଖୋଲୁଥିଲା । ଆୟ ବହିର୍ଭୁତ ସମ୍ପତ୍ତି ଭିଜିଲାନ୍ସ ଜବତ କରିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ୱାର୍କ ଚାର୍ଜଡ କର୍ମଚାରୀଙ୍କୁ ପେନସନ ପ୍ରଦାନ ମାମଲା

## ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ୩ମାସ ମଧ୍ୟରେ ପଦକ୍ଷେପ ନିଅ : ହାଇକୋର୍ଟ

କଟକ,(ସବ୍ୟୁ): ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ୱାର୍କ ଚାର୍ଜଡ୍ କର୍ମଚାରୀଙ୍କୁ ପେନ୍ସନ୍ ଦେବାଲାଗି ରାଜ୍ୟ ସରକାର ପଦକ୍ଷେପ ନେବାକୁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଛ ଆବେଦନକାରୀମାନେ ଅଦାଲତଙ୍କ ଆଦେଶ କପି ପାଇବାର ୧୫ଦିନ ମଧରେ ରାଜ୍ୟ ସରକାରଙ୍କୁ ପେନ୍ସନ୍ ପାଇବା ପାଇଁ ସ୍ମାରକପତ୍ର ପ୍ରଦାନ କରିବେ । ଏହି ସ୍ମାରକପତ୍ର ପାଇବାର ତିନି ମାସ ମଧରେ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ହରିହର ମିଶ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ବିଭିନ୍ନ ଇଞ୍ଜିନିୟରିଂ ସେକ୍ସନରେ ଆବେଦନକାରୀମାନେ ଡିଏଲ୍‌ଆର ଭାବେ କାର୍ଯ୍ୟ କରୁଥିଲେ । ପରେ ରାଜ୍ୟ ସରକାର ସେମାନଙ୍କୁ ୱାର୍କ ଚାର୍ଜଡ୍ ଭାବେ ନିଯୁକ୍ତି ଦେଇଥିଲେ। ସେମାନେ ନିଜ କାର୍ଯ୍ୟରେ ୧୦ବର୍ଷ କାର୍ଯ୍ୟ କରିବା ସହ ନିୟମିତ ମଧ୍ୟ ହୋଇଥିଲେ । କିନ୍ତୁ ସେମାନଙ୍କୁ ପେନ୍ସନ୍ ସୁବିଧା ନମିଳିବାରୁ ଆବେଦନକାରୀ ମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିଲାବେଳେ ଅନ୍ୟ ଏକ ମାମଲା ସୁପ୍ରିମ୍କୋର୍ଟକୁ ଯାଇଥିଲା । ଯେଉଁଥିରେ ଜଣେ ୱାର୍କ ଚାର୍ଜଡ୍ କର୍ମଚାରୀଙ୍କୁ ହାଇକୋର୍ଟ ପେନ୍ସନ୍ ଦେବାଲାଗି ନିର୍ଦ୍ଦେଶ ଦେବାପରେ ଉକ୍ତ ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମ୍କୋର୍ଟକୁ ଯାଇଥିଲେ ଛ ସୁପ୍ରିମ୍କୋର୍ଟ ରାଜ୍ୟ ସରକାରଙ୍କ ଉକ୍ତ ଆବେଦନକୁ ଖାରଜ କରି ଦେଇଥିଲେ । ସୁପ୍ରିମ୍ କୋର୍ଟଙ୍କ ଉକ୍ତ ଆଦେଶ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ତେଣୁ ଉକ୍ତ ଆଦେଶ ଆଧାରରେ ରାଜ୍ୟ ସରକାର ୱାର୍କ ଚାଜଡ୍ କର୍ମଚାରୀଙ୍କୁ ପେନ୍ସନ୍ ଦେବାଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରଥିଲାବେଳେ ଆଇନଜୀବୀ ଦିଲ୍ଲୀପ ପଟ୍ଟନାୟକ ସହଯୋଗ କରୁଥିଲେ ।

### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା ବୈଠକ

## ରାଜସ୍ୱ ଆଇନକୁ ଲୋକାଭିମୁଖୀ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଭାଗୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି କହିଲେ ଯେ, ରାଜସ୍ୱ ଆଇନକୁ ସହଜ, ସରଳ ଓ ଲୋକାଭିମୁଖୀ କରାଯିବ, ଯାହାଦ୍ୱାରା ଲୋକମାନଙ୍କର ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ଘରଡିହ ଶୂନ୍ୟ ବ୍ୟକ୍ତିମାନଙ୍କୁ ଘରଡିହ ଯୋଗାଇଦେବା, ଭୂମିହୀନ ଲୋକମାନଙ୍କୁ ଚିହ୍ନଟ ଓ ସେମାନଙ୍କର ଅବସ୍ଥା ସର୍ବେକ୍ଷଣ କରାଯାଇ ସେମାନଙ୍କୁ ବସୁନ୍ଧରା ଯୋଜନାରେ ଜମି ପ୍ରଦାନ କରାଯିବା, ସମସ୍ତ ବିଦ୍ୟାଳୟମାନଙ୍କୁ ଜମିର ପଟ୍ଟା ଯୋଗାଇଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ନୂତନ ରାଜସ୍ୱ ଗ୍ରାମ ଘୋଷଣା କାର୍ଯ୍ୟ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟକାରୀ କରାଯିବା, ରାଜ୍ୟରେ ତହସିଲମାନଙ୍କରେ ପଡ଼ି ରହିଥିବା ମ୍ୟୁଟେସନ ମାମଲାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ଏବଂ ପଟ୍ଟାରେ ଥିବା ପ୍ରଜାଙ୍କ ନାମ ଉତ୍ତରାଧିକାରୀଙ୍କ ନାମରେ ସଂଶୋଧନ କରିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ । ସମସ୍ତ ତହସିଲ ଓ ରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ଆଗନ୍ତୁକମାନଙ୍କ ପାଇଁ ପ୍ରତିକ୍ରିୟା ଓ ମତାମତ ରେଜିଷ୍ଟ୍ରାରରେ ଦରଜ କରିବା ପାଇଁ ବ୍ୟବସ୍ଥା କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଅନୁଷ୍ଠାନମାନଙ୍କୁ ଯେଉଁ ସରକାରୀ ଜମି ଲିଜ୍ ଆକାରରେ ଦିଆଯାଇଛି, ତାକୁ ଯଦି ସେମାନେ ସଠିକ୍ ଭାବେ ବ୍ୟବହାର କରୁନାହାଁନ୍ତି, ତେବେ ସେହି ଜମିକୁ ସରକାର ଫେରାଇନେବେ ଛ ରାଜସ୍ୱ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା , ବାସସ୍ଥାନ , ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଏହାର ଅଗ୍ରଗତି ସଂପର୍କରେ ଅବଗତ କରାଇଥିଲେ । ଏହି ସମୀକ୍ଷା ବୈଠକରେ ରାଜସ୍ୱ ଆୟୁକ୍ତ , ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାରଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଭାସୀ ମାଧମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




### ଉପର ପଡିଆରେ ବାଲିଯାତ୍ରା

## ଆୟୋଜନକୁ ହାଇକୋର୍ଟଙ୍କ ଅନୁମତି

କଟକ, (ସବ୍ୟୁ) : ଐତିହାସିକ କଟକ ବାଲିଯାତ୍ରା ଆଉ ଦିନ କେତେଟା ଥିବା ବେଳେ ଏହି ସର୍ବବୃହତ ବାଣିଜ୍ୟକ ମେଳା କେବଳ ମହାନଦୀ ପଠାର ତଳ ପଡିଆରେ ସୀମିତ ରହିବ ନା ଉପର ପଡିଆ (କିଲ୍ଲା ପଡିଆ)ବି ଆୟୋଜନ ହେବ ସେ ନେଇ ଲାଗି ରହିଥିଲା କଳ୍ପନାଜଳ୍ପନା ଛ ହାଇକୋର୍ଟ ଗତ ଶୁଣାଣି ସମୟରେ ଉପର ପଡିଆରେ ବାଲିଯାତ୍ରା ଆୟୋଜନ ନ କରିବାକୁ ପରାମର୍ଶ ଦେବା ସହ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଜବାବ ଦାଖଲ କରିବାକୁ ନର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ରାୟ ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଏ ବର୍ଷ ଉପର ପଡିଆରେ ବାଲିଯାତ୍ରା ଆୟୋଜନ ପାଇଁ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ । କଟକ ସହର ସମସ୍ୟା ପ୍ରସଂଗରେ ଦାୟର ଜନସ୍ୱାର୍ଥ ମାମଲା ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ତଳ ପଡିଆକୁ ଉପର ପଡିଆ ଯାତ୍ରା ସ୍ଥାନାନ୍ତରରେ ଏନଜିଟି ନିର୍ଦ୍ଦେଶ ବାଧକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ୨୦୨୨ରେ ବାଲିଯାତ୍ରାକୁ ୩୪ଏକର ପରିମିତ ଅଞ୍ଚଳରେ ସୀମିତ ରଖିବାକୁ ଏନଜିଟି କହିଥିଲେ । ତଳପଡିଆ ଯାତ୍ରା ପାଇଁ ସମ୍ପୂର୍ଣ୍ଣ ୩୪ ଏକର ଜାଗା ବ୍ୟବହାର ହେଉଥିବା ବେଳେ ଉପର ପଡିଆ ପାଇଁ ଆବଣ୍ଟନ ହୋଇଥିବା ୬୦୧ପ୍ଲଟ ପାଇଁ ସ୍ଥାନ ଅଭାବ ପଡିବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ଦର୍ଶାଯାଇଥିଲା । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଆଜି ହାଇକୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ । ଏଥର ବାଲିଯାତ୍ରାରେ ପ୍ରାୟ ୨୩୦୦ରୁ ଅଧିକ ଷ୍ଟଲ ହେଉଛି । ବର୍ତ୍ତମାନ ପ୍ଲଟ ଆବଣ୍ଟନ ସରିଥିବାରୁ ସ୍ଥାନାନ୍ତର ସମ୍ଭବ ନୁହେଁ ବୋଲି ଦର୍ଶାଯାଇଥିଲା । ଆଜି ବାଲିଯାତ୍ରା ପ୍ରସଂଗରେ କଟକ ଜିଲ୍ଲାପାଳ, ଡିସିପି, ୱାଟକୋ ଓ ଅଗ୍ନିଶମ ବିଭାଗ ପକ୍ଷରୁ ପୃଥକ ପୃଥକ ସତ୍ୟପାଠ ଦାଖଲ ହୋଇଥିଲା । ହାଇକୋର୍ଟ ବାର ସଭାପତି ବିଜୟ କୁମାର ଦାଶ, ଆଡଭୋକେଟ କମିଟି ସଦସ୍ୟ ମହମ୍ମଦ ଆରିଫ ଉଦ୍ଦିନ ଖାଁ, ସରୋଜ କୁମାର ପାଢୀ, ବିଭୁତି ଭୂଷଣ ଚଧୁରୀ ମାମଲା ପରିଚାଳନା କରୁଛନ୍ତି ।

### ମୋ ବସ ଚାଳକଙ୍କ ପ୍ରତି ଦିନ ବ୍ରେଥ ଆନାଇଲଜର ଟେଷ୍ଟ କର : ହାଇକୋର୍ଟ

## ଉନ୍ନତ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ପାଇଁ ପରାମର୍ଶ

କଟକ, (ସବ୍ୟୁ) ମୋ ବସ ଚାଳକ ମାନଙ୍କ ବେପରୁଆ ଗାଡି ଚାଳନା ପ୍ରସଂଗରେ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ଏପରିକି ଏଭଳି ଗାଡି ଚାଳନା ପାଇଁ ରାସ୍ତାରେ ଅନେକ ଦୁର୍ଘଟଣା ଘଟୁଛି । ଏଥିରେ ନିକଟ ଅତୀତରେ କଟକ-ଭୁବନେଶ୍ୱରରେ ଏକାଧିକ ମୃତାହତ ଘଟଣାକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଆଜି ଏହି ମର୍ମରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ମଦ୍ୟପାନ କରି କେତେକ ଚାଳକ ବସ ଚଳାଉଥିବା ଅଭିଯୋଗ ଆସୁଥିବାରୁ ପ୍ରତି ଦିନ ମୋ ବସ ଗାଡି ଚାଳକଙ୍କ ବ୍ରେଥ ଆନାଲାଇଜର ଟେଷ୍ଟ କରିବା ପାଇଁ ହାଇକୋର୍ଟ ଆଜି କଡା ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ବସ ଗୁଡିକୁ ଉନ୍ନତ ବୈଷୟିକ ଜ୍ଞାନକୌଶଳଯୁକ୍ତ କରିବା ଉପରେ ମଧ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଆଜି ମାମଲାର ଶୁଣାଣି ସମୟରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନସ୍ପୋର୍ଟ(କ୍ରୁଟ)ର ପରିଚାଳନା ନିର୍ଦ୍ଦେଶକ ଡ.ଏନ.ଥିରୁମାଲା ନାଏକ ଓ ଓଏସଆରଟିସି(ଓଡିଶା ରାଜ୍ୟ ସଡକ ପରିବହନ ନିଗମ)ର ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ ଭର୍ଚୁଆଲ ଜରିଆରେ ଉପସ୍ଥିତ ରହିଥିଲେ । ବିଶେଷକରି ଚାଳକ ମାନେ କିଭଳି ନିର୍ଦ୍ଧାରିତ ବେଗରେ ଗାଡି ଚଳାଇବେ ସେ ସଂକ୍ରାନ୍ତରେ ସେମାନଙ୍କୁ ସଚେତନ କରାଯାଉଛି ଓ ସ୍ପିଡ ଗଭର୍ଣ୍ଣର ଲଗାଯାଇ ଗାଡିର ବେଗ ୫୦ରୁ ୪୦କିଲୋମିଟରକୁ କମାଇଦିଆଯାଇଛି ବୋଲି କ୍ରୁଟ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା । ତେବେ ସତ୍ୟପାଠକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗତ ୨୦୨୨ରେ ମୋ ବସ ୧୦୭ଟି ଦୁର୍ଘଟଣା ଘଟାଇଥିବା ବେଳେ ୨୦୨୩ରେ ୨୮୨ଟି ଓ ୨୦୨୪ର ୧୦ମାସ ମଧରେ ୨୦୦ଟି ଦୁର୍ଘଟଣା ଘଟାଇଥିବା କୁହାଯାଇଛି । ସେହିଭଳି ମୋ ବସ ସେବା ଆରମ୍ଭରୁ ଅଦ୍ୟାବଧି ମଦ୍ୟପାନ କରି ଗାଡି ଚଳାଉଥିବା କାରଣରୁ ୧୨ଜଣ ଚାଳକଙ୍କୁ ବିଦା କରାଯାଇଛି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ରାଜ୍ୟରେ ମୋଟ ୪୭୫ଟି ମୋ ବସ ଚଳାଚଳ କରୁଥିବା ବେଳେ କଟକ ସହରରେ ୯୪ଟି ଚାଲୁଛି । କ୍ରୁଟ ପକ୍ଷରୁ ୭୯୦ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରାଯାଇଛି । ଅନ୍ୟପଟରେ ଓଏସଆରଟିସି ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବସ ସେବାରେ ଅଦ୍ୟାବଧି ଜିରୋ କାଜୁଆଲଟି (ଶୂନ୍ୟ ମୃତାହତ) ରହିଛି ବୋଲି ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ । ବିଶେଷକରି ଲକ୍ଷ୍ମୀ ବସରେ ଚାଳକ ମଦ୍ୟପାନ କରିଥିଲେ କିମ୍ବା ତାଙ୍କ ଆଖି ଲାଗିଲେ ବସରେ ଲାଗିଥିବା ସେନସର ଦ୍ୱାରା ଜଣାପଡିଯାଇଥାଏ । ସେହିଭଳି ବସରେ ଅତ୍ୟାଧୁନିକ କ୍ୟାମେରା ଲାଗିଥିବାରୁ ଯାତ୍ରୀ ପରିବହନ ବ୍ୟବସ୍ଥିତ ରହିଥିବା ନେଇ ପରିଚାଳନା ନିର୍ଦ୍ଦେଶକ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା ଛ ଏଣୁ ଲକ୍ଷ୍ମୀ ବସ ଭଳି ମୋ ବସରେ ମଧ ଉନ୍ନତ ବୈଷୟିକ ଜ୍ଞାନକୋଶଳ ଉପଲବ୍ଧ କରାଇବା ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି ।

## ବାତ୍ୟା ଦାନା ପ୍ରଭାବରେ କ୍ଷତିଗ୍ରସ୍ତ ଜିଲ୍ଲାର ଛାତ୍ରଛାତ୍ରୀଙ୍କର ମାଟ୍ରିକ୍ ପରୀକ୍ଷା ଫି ଛାଡ଼ କରାଯାଉ : ଓଷ୍ଟା

କଟକ, (ସବ୍ୟୁ)ଚଳିତ ବର୍ଷ ଅକ୍ଟୋବର ମାସରେ ବାତ୍ୟା ଦାନା ଓଡ଼ିଶା ଉପକୂଳରେ କ୍ଷତି ଘଟାଇବା ଫଳରେ ବ୍ୟାପକ ଫସଲ ହାନି ଯୋଗୁଁ କୃଷକ ଓ ଅଞ୍ଚଳବାସୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଏହାର ତୀବ୍ରତା ଅଧିକ ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ବିଶେଷ କ୍ଷୟକ୍ଷତି ଘଟିଛି । ତେଣୁ ଏହି ଜିଲ୍ଲାଗୁଡ଼ିକ ସମେତ ସମସ୍ତ ପ୍ରଭାବିତ ବ୍ଲକ୍ ଗୁଡ଼ିକରେ ମାଟ୍ରିକ୍ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫି ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ଦୃ ଦାବି କରାଯାଇଛି । ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ,ଆମ ରାଜ୍ୟରେ ୭୦ ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରନ୍ତି । ଚଳିତ ବର୍ଷ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ବ୍ୟାପକ ଫସଲ ହାନି ଯୋଗୁଁ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବ୍ୟାପକ ଅଞ୍ଚଳରେ ଚାଷବାସ ଉଜୁଡ଼ିଯିବା ସହିତ ଲୋକଙ୍କ ଘରଦ୍ୱାର ଓ ମୂଲ୍ୟବାନ ଗଛବୃକ୍ଷ ଭାଙ୍ଗିଥିବା କଥା ରାଜ୍ୟ ସରକାରଙ୍କ ଏସ୍.ଆର.ସି.ଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ଯଦି ଏଭଳି ପରିସ୍ଥିତିରେ ସରକାର ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫି ଛାଡ଼ ନକରନ୍ତି ତେବେ ବହୁ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହେବେ । ଏପରି ସ୍ଥଳେ କ୍ଷତିଗ୍ରସ୍ତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫି ଛାଡ଼ ସମ୍ପର୍କରେ ସରକାର ସ୍ପଷ୍ଟ ମତ ପୋଷଣ କରୁନାହାଁନ୍ତି । ଏଣେ ନଭେମ୍ବର ୮ ତାରିଖରୁ ୧୮ ତାରିଖ ମଧ୍ୟରେ ଫର୍ମ ପୂରଣ କରି ସେହି ମାସ ୨୦ ତାରିଖ ସୁଦ୍ଧା ଦାଖଲ କରିବେ ବୋଲି ବୋର୍ଡ଼ ତରଫରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି, କିନ୍ତୁ ପରୀକ୍ଷା ଫିସ୍ ଛାଡ଼ ସମ୍ପର୍କରେ ବୋର୍ଡ଼ କର୍ତ୍ତୃପକ୍ଷ ନୀରବତା ଅବଲମ୍ବନ କରୁଛନ୍ତି । ପୂର୍ବରୁ ଅନେକ ଥର ବାତ୍ୟା, ବନ୍ୟା ଓ ମରୁଡ଼ି ଜନିତ ପରିସ୍ଥିତି ପାଇଁ ରାଜ୍ୟ ସରକାର ପରୀକ୍ଷା ଫି ଛାଡ଼ କରିଛନ୍ତି । ଏ ଦିଗରେ ସରକାରଙ୍କ ନୀରବତାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । ଫର୍ମ ପୂରଣର ଶେଷତାରିଖ ପୂର୍ବରୁ ସରକାର ପ୍ରଭାବିତ ବ୍ଲକ୍ଗୁଡ଼ିକରେ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫିସ୍କୁ ସମ୍ପୂର୍ଣ୍ଣ ଛାଡ଼ କରିବା ପାଇଁ ବୋର୍ଡ଼ କର୍ତ୍ତୃପକ୍ଷ ଓ ଜିଲ୍ଲାଶିକ୍ଷାଧିକାରୀମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବାପାଇଁ ଓଷ୍ଟା ପକ୍ଷରୁ ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, ନୀଳମଣି ପୁରୋହିତ, ରଞ୍ଜନ କୁମାର ଦାଶ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ପ୍ରେସ୍ ବିବୃତି ମାଧମରେ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ପନି ପରିବା ଚାଷୀଙ୍କୁ ପ୍ଲାଷ୍ଟିକ ଟ୍ରେ ପ୍ରଦାନ

ଖଣ୍ଡପଡା,(ସବ୍ୟୁ):ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡା ଉଦ୍ୟାନ ବିଭାଗ ପକ୍ଷରୁ ପନିପରିବା ଚାଷୀଙ୍କୁ ରିହାତି ଦରରେ ପ୍ଲାଷ୍ଟିକ ଟ୍ରେ ପ୍ରଦାନ କରାଯାଇଛି । ଖଣ୍ଡପଡା ବ୍ଲକ ଅଂଚଳର ୧୪୭୫ ଜଣ ଚାଷୀଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ୨୯୫୦ ଗୋଟି ପ୍ଲାଷ୍ଟିକ ଟ୍ରେ ଯୋଗାଇ ଦିଆଯାଇଥିବା ଖଣ୍ଡପଡା ଉଦ୍ୟାନ ବିଭାଗ ଅଧିକାରୀ କାଳନ୍ଦୀ ଚରଣ ବାରିକଙ୍କ ଠାରୁ ପ୍ରକାଶ । ପନି ପରିବାକୁ ସଂରକ୍ଷିତ ରଖିବା ସହ ଚାଷ ଜମିରୁ ପନିପରିବା ସଂଗ୍ରହରେ ପ୍ଲାଷ୍ଟିକ ଟ୍ରେ ଗୁଡିକ ଉପକାରୀ ହୋଇପାରିବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି ।

## ସିଡିଏରେ ଲୁଟେରାଙ୍କ ଉତ୍ପାତ, ବନ୍ଧୁକ ଦେଖାଇ ଆଇନଜୀବୀ ଦମ୍ପତିଙ୍କ ଠାରୁ ଲୁଟ୍

କଟକ, (ସବ୍ୟୁ): ମର୍କତନଗର (ସିଡିଏ)ଅଞ୍ଚଳରେ ଜଣେ ଆଇନଜୀବୀ ଓ ତାଙ୍କ ପତ୍ନୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ନିଜ ଘର ସମ୍ମୁଖରେ ଆଇନଜୀବୀ ଓ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରି ୩ଜଣ ଦୁର୍ବୃତ୍ତ ସୁନା ଓ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ କାବୁ କରିବାକୁ ଯାଇ ଆଇନଜୀବୀ ଆହତ ହୋଇଥିବା ଜଣାପଡ଼ିଛି । ଏନେଇ ମର୍କତନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି । ଘଟଣା ପରେ ସମଗ୍ର ସିଡିଏ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ପୁଲିସ ସୂଚନା ଅନୁସାରେ, ମର୍କତନଗର ସେକ୍ଟର ୯ରେ ଆଇନଜୀବୀ ସିଦ୍ଧାର୍ଥ ମଲ୍ଲିକଙ୍କ ଘର ଛ ସନ୍ଧ୍ୟାରେ ସେ ଛତ୍ରବଜାର କେନାଲ ରୋଡରେ ଥିବା ଲ' ଚାମ୍ବରକୁ ଯାଇଥାନ୍ତି । ସେ ନିଜ କାର୍ଯ୍ୟ ଶେଷ କରି ରାତି ୧୧ଟାରେ ଘରକୁ ଆସନ୍ତି । ସେ ଚାମ୍ବରକୁ ଗଲା ବେଳେ ସାଙ୍ଗରେ ପତ୍ନୀ ସୁଜାତା ନାୟକ ଓ ୫ ବର୍ଷର ଝିଅକୁ ନେଇ ଶ୍ୱଶୁର ଘର ମଙ୍ଗଳାବାଗରେ ଛାଡି ଦିଅନ୍ତି । ଆଉ ଚାମ୍ବରରୁ ଫେରିଲା ବେଳେ ପତ୍ନୀ ଓ ଝିଅକୁ ସାଙ୍ଗରେ ଧରି ଘରକୁ ଫେରନ୍ତି । ପୂର୍ବଭଳି ଗତକାଲି ରାତି ପ୍ରାୟ ୧୧ଟା ୧୫ ମିନିଟରେ ସେ ଚାମ୍ବରରୁ ବାହାରି ଶ୍ୱଶୁର ଘରକୁ ଯାଇଥିଲେ । ସେଠାରୁ ପତ୍ନୀ ଓ ଝିଅକୁ ସ୍କୁଟିରେ ଧରି ରାତି ପ୍ରାୟ ସାଢେ ୧୧ଟା ବେଳେ ମର୍କତନଗରସ୍ଥିତ ଘରେ ପହଞ୍ଚିଥିଲେ । ଘର ସମ୍ମୁଖରେ ପହଞ୍ଚିବା ପରେ ପତ୍ନୀ ଗାଡିରୁ ଓହ୍ଲାଇ ଗେଟ୍ ଖୋଲିବାକୁ ଯାଉଥିଲେ । ଏହି ସମୟରେ ହଠାତ ଗୋଟିଏ ବାଇକରେ ୩ ଜଣ ଯୁବକ ଆସି ସେଠାରେ ଅଟକିଥିଲେ । କେହି କିଛି ବୁଝିବା ଆଗରୁ ବାଇକରୁ ୨ ଜଣ ଦୁର୍ବୃତ୍ତ ଓହ୍ଲାଇ ଜଣେ ସିଦ୍ଧାର୍ଥଙ୍କ ବ୍ୟାଗ ଓ ଅନ୍ୟ ଜଣେ ସୁଜାତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇବାକୁ ଉଦ୍ୟମ କରିଥିଲା । ଏହି ସମୟରେ ସିଦ୍ଧାର୍ଥଙ୍କ ସହ ଦୁର୍ବୃତ୍ତଙ୍କର ଧସ୍ତାଧସ୍ତି ହୋଇଥିଲା । ଠେଲାପେଲା ଭିତରେ ଜଣେ ଯୁବକ ଏକ ବନ୍ଧୁକ କାଢି ସିଦ୍ଧାର୍ଥଙ୍କୁ ଦେଖାଇ ଭୟଭିତ କରାଇଥିଲା । ସିଦ୍ଧାର୍ଥ ଆତ୍ମରକ୍ଷା ପାଇଁ ଉଦ୍ୟମ କରୁଥିଲା ବେଳେ ଯୁବକ ଜଣକ ବନ୍ଧୁକର ଟ୍ରିଗର ଦବାଇଥିଲା । ଏଥିରେ ସିଦ୍ଧାର୍ଥ ଭୟଭିତ ହୋଇଯିବା ପରେ ଦୁର୍ବୃତ୍ତମାନେ ତାଙ୍କର ଅଫିସ ବ୍ୟାଗ ପତ୍ନୀଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର୍ ହୋଇ ଯାଇଥିଲେ । ଘଟଣା ପରେ ସିଦ୍ଧାର୍ଥ ମର୍କତନଗର ଥାନାକୁ ଯାଇଥିଲେ ଛ ପୁଲିସ ଘଟଣାସ୍ଥଳକୁ ଆସି ଯାଞ୍ଚ କରିଥିଲା । ତେବେ ଘଟଣାବେଳର ସବୁ ଦୃଶ୍ୟ ନିକଟସ୍ଥ ଜଣଙ୍କ ଘର ବାହାରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି । ପୁଲିସ ଉକ୍ତ ଫୁଟେଜ ଆଧାରରେ ୩ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଉଦ୍ୟମ କରୁଛି । ଦୁର୍ବୃତ୍ତମାନେ ତାଙ୍କ ପତ୍ନୀଙ୍କ ୨୮ ଗ୍ରାମର ସୁନା ଚେନ ଓ ସିଦ୍ଧାର୍ଥଙ୍କ ଅଫିସ ବ୍ୟାଗ ନେଇ ପଳାଇଛନ୍ତି । ଅଫିସ ବ୍ୟାଗରେ ୩ହଜାର ଟଙ୍କା ଥିଲା ବୋଲି ସିଦ୍ଧାର୍ଥ ଏତଲାରେ ଦର୍ଶାଇଛନ୍ତି । ଏନେଇ ପୋଲିସ କେସ ନଂ ୨୦୧/୨୪, ୩୦୯(୬) ଓ ଆର୍ମ୍ସ ଆକ୍ଟରେ ଏକ ମାମଲା ରୁଜୁ କରିଛି । ପ୍ରାରମ୍ଭିକ ତଦନ୍ତରୁ ଦୁର୍ବୃତ୍ତମାନେ ପିଛା କରି ଆସି ଲୁଟ୍ କରିଥିବା ନେଇ ପୁଲିସ ସନ୍ଦେହ କରୁଛି ପୁଲିସ ଗାଡି ନମ୍ବର ଆଧାରରେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ବାକୁ ଉଦ୍ୟମ କରୁଥିବା ସୂଚନା ମିଳିଛି ।

# ମହୁଡା, ପାଲୁରୁ ହିଲ୍ସ ପରେ ନରଣପୁର ଅଞ୍ଚଳରେ ଚାଲିଛି ପଥର ସହ ମୋରମ ଚୋରି




ଗୋପାଳପୁର, (ସବ୍ୟୁ): ଚାଲିଛି ଖଣିଜ ସମ୍ପଦ ଚୋରି। ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଚାଲିଛି ବେଧଡ଼କ ପଥର ଓ ମରମ ଚୋରି। ନିର୍ବାଚନ ମଣ୍ଡଳୀର ମହୁଡା ଏବଂ ପାଲୁରୁ ଅଞ୍ଚଳରୁ ଦିନକୁ ଶହଶହ ଟ୍ରକ ମରମ ଚୋରିର ମୁଖ୍ୟ ପଞ୍ଚମା ଗ୍ରାମର ଚୋରା ଦେଶୀ ମଦ ବେପାରୀ ବର୍ତମାନ ଲୋଲୁପ ଦୃଷ୍ଟି ପଡିଛି ଗୋପାଳପୁର ନିକଟସ୍ଥ ନରଣପୁର ଅଞ୍ଚଳରେ । ଉକ୍ତ ଗ୍ରାମର କିଛି ଶାସକ ଦଳର କୁଜି ନେତାଙ୍କୁ ଧରି ସ୍ୱଷ୍ଟ ଦିବାଲୋକରେ ପଥର ସହ ମରମ ଚୋରି ହେବାରେ ଲାଗିଛି। ନା ମାଇନ୍ସ ବିଭାଗ ନା ସ୍ଥାନୀୟ ପ୍ରଶାସନ କାହାକୁ ଖାତିର କରୁନାହାନ୍ତି ଏମାନେ। ଏହି ସବୁ ଚୋରି ହେଉଥିବାର ଦୃଶ୍ୟ ଦେଖି ନରଣପୁର ଅଞ୍ଚଳର ସ୍ୱାଭିମାନୀ ଗ୍ରାମବାସୀ ନିଜ ଆଡୁ ଏହି ପରି ଖଣିଜ ସମ୍ପଦ ଚୋରିକୁ ରୋକିବାକୁ ଅଣ୍ଟା ଭିଡ଼ିଲେଣି । ଯଦି ନରଣପୁର ଅଞ୍ଚଳରେ ବେଆଇନ ଖଣିଜ ସମ୍ପଦର ଚୋରି ବନ୍ଦ ନହୁଏ, ତା ହେଲେ ଆନ୍ଦୋଳନର ପନ୍ଥା ଆପଣାଇବେ ବୋଲି କିଛି ଅଞ୍ଚଳବାସୀ କହିଥିବା ଶୁଣିବାକୁ ମିଳୁଛି । ଏପଟେ ଦେଖିବାକୁ ଗଲେ ମହୁଡା ଓ ପାଲୁରୁ ହିଲସ ଅଞ୍ଚଳର ଜନସାଧାରଣ ବି ନରଣପୁର ପରି ନିଷ୍ପତି ନେବାକୁ ପଛଘୁଞ୍ଚା ଦେବେନି ବୋଲି କହିଥିବା ଶୁଣିବାକୁ ମିଳୁଛି। ଏଣୁ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କିଛି ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ଶାନ୍ତି ମିଶ୍ର ହତ୍ୟା ମାମଲା : ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଗୋସାଇଁ ନୂଆଗାଁରେ ୨୦୧୩ରେ ଘଟିଥିବା ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲାର ବିଚାରଣା କରୁଥିବା ଗଞ୍ଜାମ ଜିଲା ଦରା ଜଜ୍ ରୂପଶ୍ରୀ ଚୌଧୁରୀ ଗୁରୁବାର ଚୁଡାନ୍ତ ରାୟ ପ୍ରକାଶ କରିଛନ୍ତି । ଏହି ମାମଲାରେ ସଂପୃକ୍ତ ଥିବା ୧୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ସନ୍ତୋଷ କୁମାର ସାହୁ ଓରଫ ଡାକ୍ତର, ରାକେଶ ପଣ୍ଡା ଓରଫ ମାଙ୍ଗା, ମୃତ୍ୟୁଞ୍ଜୟ ସାବତ, ଟୁକୁନା ବେହେରା, ସନ୍ତୋଷ ପାଣିଗ୍ରାହୀ ଓରଫ ଇଚିଲି, ବୁଢୁ ଦାସ, ବାବାଜୀ ରଣା, ଏସକେ ଜାଫିର, ଗଣେଷ ପାଣିଗ୍ରାହୀ, ଶଙ୍କର ବେହେରା ଏବଂ ଶଙ୍କର୍ଷଣ ପାଢୀ । ବିଚାରଣା ଚାଲୁଥିବା ବେଳେ ଅନ୍ୟତମ ଅଭିଯୁକ୍ତ ରଞ୍ଜିତ ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ମଉଜ ମିଶ୍ର ବର୍ତ୍ତମାନ ସୁଧା ଫେରାର ରହିଥିବାରୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଛି । ସେହିପରି ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତଙ୍କ ବିଚାରଣା ବର୍ତ୍ତମାନ ଯାଏଁ ଚାଲୁ ରହିଛି । ପ୍ରକାଶଯେ, ୨୦୧୩ରେ ବ୍ରହ୍ମପୁର ସହରରେ ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଗୋଟିଏ ଗୋଷ୍ଠୀର ପ୍ରମୁଖ ସଦସ୍ୟ ଭାବେ ଜଣାଶୁଣା ଗୋସାଇଁନୂଆଗାଁର ଶାନ୍ତି ମିଶ୍ର ବିପକ୍ଷ ଗୋଷ୍ଠୀ ଉପରେ ଆକ୍ରମଣ କରିଥିବାରୁ ସେ ଜେଲ ଯାଇ ଜାମିନରେ ଫେରିଥିଲେ । ବିପକ୍ଷ ଗୋଷ୍ଠୀର ଲୋକମାନେ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ । ୨୦୧୩ ଜାନୁଆରୀ ୨୯ ତାରିଖରେ ଶାନ୍ତି ମିଶ୍ର ଗୋସାଇଁନୂଆଗାଁ ଥାନାକୁ ହାଜିରା ପକାଇବାକୁ ଯାଇ ଫେରୁଥିଲେ । ସେ ଗୋସାଇଁନୂଆଗାଁ ଗୁଣ୍ଡିଚାମନ୍ଦିର ନିକଟରେ ଛିଡା ହୋଇ ଚା' ପିଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଅତର୍କିତ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ । ଏପରିକି ଅଭିଯୁକ୍ତମାନେ ସେହି ଅଞ୍ଚଳରେ ବୋମା ମାଡ କରି ଆତଙ୍କ ଖେଳାଇ ଦେଇଥିଲେ । ଅଭିଯୁକ୍ତଙ୍କୁ ଦେଖି ଶାନ୍ତି ମିଶ୍ର ନିକଟରେ ଥିବା ଏକ ପୋଖରୀ ଭିତରେ ପଶି ଯାଇଥିଲେ ମଧ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ । ଘଟଣାକୁ ନେଇ ଅନୀଲ ନାୟକ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା(ନଂ-୧୧/୧୩) ରୁଜୁ କରି ମୋଟ ୧୫ ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ପର୍ଯ୍ୟାୟକ୍ରମରେ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ଆଜି ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ଶଙ୍କର ଓ ବୁଢୁ ବିଚାରଧୀନ ବନ୍ଦୀ ଭାବେ ମଣ୍ଡଳ କାରାଗାରରେ ରହୁଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଜାମିନରେ ମୁକୁଳିଥିଲେ । ରାୟ ପ୍ରକାଶ ବେଳେ ସମସ୍ତ ୧୧ ଅଭିଯୁକ୍ତ ଅଦାଲତରେ ହାଜର ହୋଇଥିଲେ । ମାମଲାର ବିଚାରଣା ବେଳେ ମୋଟ ୨୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଜଜ୍ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ମକଦ୍ଦମା ପରିଚାଳନା କରୁଥିଲେ ।

# ୯ ରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ପୂର୍ଣ୍ଣଚନ୍ଦ୍ର ସାହୁ, ଆଲୁମିନି ଆସୋସିଏସନର ସଭାପତି ପ୍ରଫେସର୍ ଈଶ୍ୱର ଚନ୍ଦ୍ର ଜେନା, ପୂର୍ବତନ ଛାତ୍ର ସଂସଦ ସଭାପତି ଜୀବନ ସାହୁ, ବିଜୟ ଦାସ ପଟ୍ଟନାୟକ, ପୂର୍ଣ୍ଣେନ୍ଦୁ ଦାସ, କୈଳାଶ କେଶରୀ ଜେନା, କୃଷ୍ଣାନନ୍ଦ ମହାନ୍ତି, ଡଃ ଦୀପକ କୁମାର ବେହେରା ଓ ଭୀମ ଚରଣ ମୁର୍ମୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଆସନ୍ତା ୯ ଏବଂ ୧୦ତାରିଖରେ ହେବାକୁ ଥିବା ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପରେ ଆଲୋକପାତ କରିଥିଲେ। ଏହି ମାସ ୯ତାରିଖରେ ସମସ୍ତ କାର୍ଯ୍ୟକ୍ରମ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୂର୍ବାହ୍ନ ୧୦ଘଟିକା ସମୟରେ ଆୟୋଜନ ନିମନ୍ତେ ପ୍ରସ୍ତୁତି ପୂରାର ହୋଇଛି। ଏହି କାର୍ଯ୍ୟକ୍ରମକୁ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିବେ ଏବଂ ଗୃହ ଓ ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ପ୍ରଫେସର୍ ମେଜର ଡ଼ .କଳ୍ପନା ଦାସ ସମ୍ମାନିତ ଅତିଥି ଭାବେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ଅପରାହ୍ନ ରେ ଏକ ପେନାଲ ଡିସ୍କୋସନ ଆୟୋଜିତ ହେବ, ଯେଉଁଥିରେ ଚାଟାର୍ଡ ଆକାଉଣ୍ଟାଣ୍ଟ ନୀଳମାଧବ ପଟ୍ଟନାୟକ, ଚାଟାର୍ଡ ଆକାଉଣ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ପୂର୍ବତନ ବ୍ୟାଙ୍କ ଅଧିକାରୀ ପ୍ରତିଶ କୁମାର ବସା ଆଦି ଯୋଗ ଦେବେ ଏବଂ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ପରଦିନ ୧୦ତାରିଖ ଦିନ ସକାଳ ୧୦ଟା ବେଳେ ଆଉ ଏକ ପେନାଲ ଡିସ୍କୋସନ ଆୟୋଜିତ ହେବ, ଯେଉଁଥିରେ ଏଏସବିଏମ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡଃ ରଞ୍ଜନ କୁମାର ବଳ, ରମାଦେବୀ ମହିଳା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଓଡ଼ିଶା କମର୍ସ ଆସୋସିଏସନ୍‌ର ସଭାପତି ପ୍ରଫେସର୍ ସାବତ କୁମାର ବିଶ୍ୱାଳ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର୍ ପର୍ଶୁରାମ ବିଶ୍ୱାଳ ଆଲୋଚନାରେ ଅଂଶଗ୍ରହଣ କରିବେ ଏବଂ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ୧୧.୩୦ ସମୟରେ ପୂର୍ବତନ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ମାନଙ୍କର ଏକ ଶୋଭାଯାତ୍ରା ସହର ପରିକ୍ରମା କରି ବଡ଼ବଜାର ସ୍ଥିତ ମହାରାଜ ପୂର୍ଣ୍ଣଚନ୍ଦ୍ର ଜୁନିୟର ମହାବିଦ୍ୟାଳୟରେ ପହଞ୍ଚିବେ। ୧ଘଟିକା ଦିନ ଅପରାହ୍ନରୁ ରାତ୍ରି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଯଥା ଆଲୁମିନି ମିଟ୍, ସମ୍ମାନିତ କରିବା, ଗାଲାଡ଼ିନର, ବଡ଼ବଜାରର ସ୍ଥିତ ଏମପିସି ଜୁନିୟର କଲେଜରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ପୂର୍ବତନ ବାଣିଜ୍ୟ ବିଭାଗର ପ୍ରଥମ ଛାତ୍ରୀ ପ୍ରଫେସର୍ ମନ୍ଦାକିନୀ ମିଶ୍ର, ପ୍ରଫେସର୍ ଉପେନ୍ଦ୍ର ନାଥ ସାହୁ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଫେସର୍ ଅନାମ ଚରଣ ରାଉଳ, ଜ୍ଞାନ ରଞ୍ଜନ ପଣ୍ଡା, ପ୍ରଦୀପ ନାୟକ, ରାକେଶ ବେହେରା ଓ ଅନ୍ୟ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

# ଚୋରା କାଠ ଜବତ, ଆସାମୀ ଫେରାର



ଭଂଜନଗର, (ସବ୍ୟୁ): ଅଟୋରେ ଚୋରା କାଠ ଚାଲାଣ ହେଉଥିବା ନେଇ ବନ ବିଭାଗ ପାଖରେ ଖବର ପହଞ୍ଚିଲା । ରାସ୍ତାରେ ଚଢ଼ାଉ କରି ଅଟୋ ସହ, ବହୁ ପରିମାଣର ମୂଲ୍ୟବାନ ସାଇଜ୍ କାଠ ଜବତ ହେଲା । ଘଟଣା ସ୍ଥଳରୁ ଆସାମୀ ଫେରାର ହୋଇଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛି। ଜଗନ୍ନାଥପ୍ରସାଦ ବନାଞ୍ଚଳରେ ନଜରକୁ ଆସିଛି, ଏଭଳି ଘଟଣା। ବିଭାଗୀୟ ସୂଚନା ପ୍ରକାରେ, ବୁଧବାର ଅପରାହ୍ନ ସମୟରେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅନ୍ତର୍ଗତ ବେଲଗୁଣ୍ଠା ସେକସନର ବୁର ପଲ୍ଲୀ ଗାଁ ଦେଇ ଏକ ଡାଲା ଅଟୋ ମୂଲ୍ୟବାନ କାଠ ଚାଲାଣ ହେଉଥିବା ନେଇ ବନ ବିଭାଗ ପାଖରେ ଖବର ପହଞ୍ଚିଥିଲା । ଏନେଇ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବେଲଗୁଣ୍ଠା ସେକସନର କର୍ମଚାରୀମାନେ ବୁରପଲ୍ଲୀ ଗାଁ ନିକଟରେ ଚଢ଼ାଉ କରିଥିଲେ । ସେଥିରେ ଥିବା ୨୮ ଟି ଶାଳ ସାଇଜ୍ କାଠ ଯାହାକି ୧୧ ସିଏଫଟି କାଠ ଜବତ କରିଥିଲେ । ଏହା ସହ ଅଟୋ କୁ ମଧ ଜବତ କରିଥିଲେ । ଘଟଣା ସ୍ଥଳରୁ ଅଟୋ ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ବନାଞ୍ଚଳ ଅଧିକାରୀ ସୁଜାତା କୁମାରୀ ପଣ୍ଡା ସମେତ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ୨ଜି/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବନ ବିଭାଗ । ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍-୧ ଡ. ଇନ୍ଦୁ ଶର୍ମା ଏକ ହତ୍ୟା ମାମଲାର ବିଚାରଣ କରି ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ କିଣ୍ଟିଗାରି କଳାରାମନଗର ନାଇକ ସାହିର ରାମ ନାଇକ(୩୫)। ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଦର୍ଶାଇଛନ୍ତି । ପ୍ରକାଶଯେ, ନାଇକ ସାହି କଳାରାମ ନଗରର ରାମ ନାଇକ ଏବଂ ସେହି ଗ୍ରାମର ସନ୍ତୋଷ ସେଠୀଙ୍କ ମଧ୍ୟରେ ବହୁ ପୂର୍ବରୁ ଶତ୍ରୁତା ରହିଥିଲା। ୨୦୨୨ ଜୁନ ୨୪ ତାରିଖରେ ସନ୍ତୋଷ ସେଠି ଗାଁ ଦାଣ୍ଡରେ ଛିଡ଼ା ହୋଇ ଜଣେ ବ୍ୟକ୍ତି ସହ କଥା ହେଉଥିବା ବେଳେ ଅଭିଯୁକ୍ତ ରାମ ନାଇକ ଏକ କଟୁରୀ ଧରି ସେଠାରେ ପହଞ୍ଚିଥିଲା । କଟୁରୀ ସାହାଯ୍ୟରେ ସନ୍ତୋଷଙ୍କ ପେଟକୁ ବାରମ୍ବାର ଆକ୍ରମଣ କରିଥିଲା । ଏଥିରେ ସନ୍ତୋଷ ଗୁରୁତର ହୋଇ ପଡିଥିଲେ। କିଛି ସମୟ ପରେ ସନ୍ତୋଷଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣାକୁ ନେଇ ସନ୍ତୋଷଙ୍କ ପତ୍ନୀ ସଞ୍ଜୀତା ସେଠୀ ଦିଗପହଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା(ନଂ-୧୫୯/୨୨) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ରାମ ନାଇକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣା ଅତିରିକ୍ତ ଜିଲ୍ଲା ଜଜ୍-୧ ଙ୍କ ଅଦାଲତରେ ଚାଲୁଥିବା ବେଳେ ତଦନ୍ତ ଅଧିକାରୀ ତଥା ଥାନାର ତତକାଳୀନ ଅଧିକାରୀ ବସନ୍ତ ସେଠୀ ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣା ବେଳେ ମୋଟ ୧୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ ଅଦାଲତର ଜଜ୍ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ।

# ହତ୍ୟା ମାମଲାରେ ଦୁଇଜଣଙ୍କୁ ୭ବର୍ଷ ଜେଲ୍‌ଦଣ୍ଡ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଦେରାଜଜ୍ ରୂପଶ୍ରୀ ଚେଧୁରୀ ଏକ ହତ୍ୟା ମାମଲାର ଶୁଣାଣି କରି ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଧାରରେ ଦୁଇଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ପତିତପାବନପୁର ଗାଁର ବସନ୍ତ ଦାସ(୩୨) ଓ ମେଳା ଦାସ(୭୦) । ଉଭୟଙ୍କୁ ୭ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟ ରାୟ ଦେଇଛନ୍ତି । ଏହା ସହିତ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟ ରାୟ ଦେଇଛନ୍ତି । ସଦର ଥାନା ବାଘଝରି ଗାଁର ଭୁବନ ଗେଡ଼ଙ୍କ ଗାଇ କୁଆଡ଼େ ନିଖୋଜ ହୋଇ ଯାଇଥିଲା । ଏଣୁ ସେ ଗତ ୨୦୨୩ ଫେବୃଆରି ୩ ତାରିଖରେ ଗାଇ ଖୋଜିବାକୁ ଯାଇଥିଲେ। କୁମ୍ଭଝରୀ ଗାଁ ନିକଟରେ ସେ ଦୁଇଜଣ ବ୍ୟକ୍ତିଙ୍କୁ ଗାଇ ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବସନ୍ତ ଓଲଟା ଜବାବ ଦେଇ ଗତବର୍ଷ ବିଲରେ ଗାଈ ରଖିବାକୁ କୁହାଯାଇଥିଲା, କାହିଁକି ରଖିଲୁ ନାହିଁ ବୋଲି ପ୍ରଶ୍ନ କରି ଗାଳିଗୁଲଜ କରିଥିଲେ। ଭୁବନ ଏହାର ପ୍ରତିବାଦ କରିବାରୁ ବସନ୍ତ ତାଙ୍କୁ ଧକ୍କା ମାରିଥିଲେ। ଭୁବନ ତଳେ ପଡ଼ି ଯାଇଥିବା ବେଳେ ନିକଟରେ ଥିବା ମେଳା ଏକ ଇଟାରେ ତାଙ୍କର ଛାତିକୁ ଛେଚି ଦେଇଥିଲେ। ଫଳରେ ଭୁବନ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଏମକ୍ସେସିଜି ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଭୁବନଙ୍କ ମୃତ୍ୟୁ ଘଟିଥିଲା। ଭାଇ କୁନା ଗେଡ଼ଙ୍କ ଅଭିଯୋଗ କ୍ରମେ ଦିଗପହଣ୍ଡି ଥାନା ପୁଲିସ କେସ୍ ନମ୍ବର ୫୪/୨୩ରେ ହତ୍ୟା ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୧୨ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆବଶ୍ୟକ ପ୍ରମାଣ ଥିବାରୁ କୋର୍ଟ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ତରଫରୁ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ ।

# ସ୍କୁଟି ପୋଡିଦେଲେ ଅଜଣା ଦୁର୍ବୃତ୍ତ

ବୁଗୁଡା, (ସବ୍ୟୁ) : ବୁଗୁଡା ଏନ୍‌ଏସି ଅନ୍ତର୍ଗତ ବଡଦାଣ୍ଡ ସାହି ନିବାସୀ ସାଗର ପଣ୍ଡାଙ୍କ ସ୍କୁଟିକୁ ଅଜଣା ଦୁର୍ବୃତ୍ତ ପୋଡି ଦେଇଥିବା ଜଣାଯାଇଛି। ସବୁଦିନ ଭଳି ଗତକାଲି ରାତିରେ ମଧ ସାଗରଙ୍କ ସ୍କୁଟି ଘର ବାହାରେ ରହିଥିଲା। କୌଣସି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ସ୍କୁଟିରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ସ୍କୁଟିଟି ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ସ୍କୁଟିଠାରୁ ଅଳ୍ପ ଦୂରରେ ଥିବା ଅନ୍ୟ ଏକ ବାଇକର ଡାହାଣ ମଧ ପାର୍ଶ୍ୱ ନିଆଁ ଝାସରେ କ୍ଷତିଗ୍ରସ୍ତ ହୋଇଛି। ରାତି ପ୍ରାୟ ସାଢେ ଦୁଇଟା ବେଳେ ଲୋକେ ସ୍କୁଟିଟି ଜଳୁଥିବା ଦେଖି ସାଗରକୁ ଜଣାଇଥିଲେ। ନିଆଁକୁ ଆୟତ୍ତ କଲାବେଳକୁ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ପୋଡି ଯାଇଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ବସଷ୍ଟାଣ୍ଡରୁ ଚୋରି ବସ୍ ଛତ୍ରପୁରରେ ଠାବ

ଭଂଜନଗର, (ସବ୍ୟୁ): ଭଂଜନଗର ବସଷ୍ଟାଣ୍ଡ ରୁ ମା'ଦୁର୍ଗା ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା । ଏନେଇ ଭଂଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି । ତେବେ ଚୋରି ହୋଇଥିବା ବସ୍‌କୁ ଛତ୍ରପୁର ନିକଟରେ ଠାବ କରାଯାଇଛି । ଚୋରି କିଏ କରିଛି ଏବଂ ଏହା ପଛରେ କ'ଣ ରହସ୍ୟ ରହିଛି, ଏହାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା, ପ୍ରକାରେ ଘଟଣା ସ୍ଥଳରୁ ବସ୍ ଠାବ ହେଲାପରେ, ବସ୍ ର ତେଲ ଟାଙ୍କିରୁ ତେଲ ବାହାର କରି ନିଆଯାଇଛି । ତେବେ ଏହା ପଛରେ କି ପ୍ରକାର ରହସ୍ୟ ରହିଛି ଏବଂ କିଏ ଚୋରି କରିଛି, ତାହା ଏବେ ରହସ୍ୟରେ ରହିଛି । ପୋଲିସର ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ । ଏନେଇ ଭଂଜନଗର ଥାନା କେଶ୍ ନଂ ୧୦୫୦/୨୪ରେ ଏକ ମାମଲା ରୁଜୁ ହୋଇଛି ।

# ଭଂଜପୁର ଜଗଦ୍ଧାତ୍ରୀ ମେଳାରେ ଆକର୍ଷଣ ପାଲଟିବ ନେପାଳର ଜାନକୀ ମନ୍ଦିରର ତୋରଣ ସଜ୍ଜା

ବାରିପଦା, (ସବ୍ୟୁ) : ଉତ୍ତର ଓଡିଶାର ପ୍ରସିଦ୍ଧ ଭଂଜପୁର ଜଗଦ୍ଧାତ୍ରୀ ମେଳା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଛାଲିଛି । ଏହି ଅବସରରେ ଭଂଜପୁର ପୂଜା ଓ ମେଳା କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମେଳା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମେଳା କମିଟି ଉପାଧ୍ୟକ୍ଷ କଳିଙ୍ଗ କେଶରୀ ଜେନା, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ପୂଜା ଉପାଧ୍ୟକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ ଓ ସାଂସ୍କୃତିକ ସମ୍ପାଦକ ପ୍ରୀତମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏବର୍ଷ ମେଳାର ରୂପରେଖ ବିଷୟରେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ମା'ଙ୍କ ପୂଜା ଚଳିତ ମାସ ୧୦ତାରିଖରେ ଅନୁଷ୍ଠିତ ହେଉଥିବା ବେଳେ ମେଳା ୧୩ ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ତଥା ରାଜ୍ୟ ବାହାରୁ ମେଳାରେ ପ୍ରାୟ ୩୫୦ ଷ୍ଟଲ ପ୍ରଦର୍ଶିତ ହେବ ଓ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ପ୍ରତିବର୍ଷ ପରି ଏ ବର୍ଷ ମଧ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ବୋଲି କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ । ଏ ବର୍ଷର ବିଶେଷ ଆକର୍ଷଣ ରହିଛି ନେପାଳ ସ୍ଥିତ ଜାନକୀ ମନ୍ଦିରର ତୋରଣ ସଜ୍ଜା ଓ ୨୪ତାରିଖ ପରେ ମଧ ରାଜ୍ୟ ତଥା ଜାତୀୟ ସ୍ତରୀୟ କଳାକାର ମାନଙ୍କର ରଂଗାରଙ୍ଗ କାର୍ଯ୍ୟକ୍ରମ ରହିଛି ଓ ଭିଡକୁ ଲକ୍ଷ୍ୟ ରଖି ସିସିଟିଭି କ୍ୟାମେରା, ଅଗ୍ନିନିର୍ବାପକ ଯନ୍ତ୍ର ସହିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ମହିଳା ମହାବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଭଂଜନଗର, (ସବ୍ୟୁ): ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ସାବିତ୍ରୀ ମହିଳା ମହାବିଦ୍ୟାଳୟ କୁ ପରିଦର୍ଶନ କରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ । ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଧାୟକ ମହାବିଦ୍ୟାଳୟର ସମସ୍ତ ଷ୍ଟାଫମାନଙ୍କ ସମସ୍ୟ ବିଷୟରେ ପଚାରି ବୁଝିଥିଲେ। ମହାବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି କ୍ଷେତ୍ରରେ ବିଧାୟକଙ୍କ ସମ୍ପୂର୍ଣ ସହଯୋଗ ଥିବାରୁ ଅଧ୍ୟକ୍ଷ ଡ. ମଲ୍ଲିକ ତାଙ୍କର କୃତଜ୍ଞତା ଜ୍ଞାପନ କରିଥିଲେ । ଦୀର୍ଘଦିନ ଧରି ମ୍ୟାନେଜମଣ୍ଟ ଷ୍ଟାଫ ମାନଙ୍କର ଦରମା ବଢ଼ି ନଥିଲା କିନ୍ତୁ ବିଧାୟକ ଶ୍ରୀ ନାୟକ ଓ କଲେଜ ପରିଚାଳନା କମିଟିର ସଭାପତିଙ୍କ ସହଯୋଗରେ ଅଧ୍ୟକ୍ଷ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ଦରମାକୁ ଦୁଇଗୁଣ କରାଇଲେ । ଗୁଣାତ୍ମକ ଶିକ୍ଷା ଓ ମହାବିଦ୍ୟାଳୟର ସୁପରିଚାଳନା ପାଇଁ ପାଖାପାଖି ୧୮ ଅସ୍ଥାୟୀ ଅଧ୍ୟାପିକା ଓ ୪ କର୍ମଚାରୀ ନିଯୁକ୍ତି ପାଇସାରିଛନ୍ତି । ସାବିତ୍ରୀ ମହିଳା ମହାବିଦ୍ୟାଳୟ କୁ ସରକାରୀ ମାନ୍ୟତା ମିଳିବା ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି ଓ ମହାବିଦ୍ୟାଳୟରର ସମ୍ପୂର୍ଣ୍ଣ ଉନ୍ନତିରେ ନିରନ୍ତର ସହଯୋଗ ପାଇଁ ଉଭୟ ଷ୍ଟାଫ ଓ ଅଧ୍ୟକ୍ଷ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କୁଲାଡ଼ ରନ୍ନେଶ୍ୱର ମନ୍ଦିରରେ ତୃତୀୟ ସୋମବାର ଉତ୍ସବ ପାଳିତ

କୁଲାଡ଼, (ସବ୍ୟୁ): ଭଞ୍ଜନଗର ବ୍ଲକର କୁଲାଡ଼ ଗ୍ରାମରେ ଅବସ୍ଥିତ ରନ୍ନେଶ୍ୱର ମନ୍ଦିର ଠାରେ କାର୍ତ୍ତିକ ମାସର ତୃତୀୟ ସୋମବାର ଉତ୍ସବ ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ଶ୍ରୀ ସ୍ୱାମୀଙ୍କ ଅକାଶ ନିତୀ ଓ ବାଳଭୋଗ ଲାଗି ସଂପନ୍ନ ପରେ ଭକ୍ତ ମାନେ ପ୍ରଭୁଙ୍କଦର୍ଶନ ଲାଭ କରିଥିଲେ। ଏହି ଉପଲକ୍ଷେ ଦିନ ତମାମ ପ୍ରଭୁଙ୍କ ପୂଜା ଅର୍ଚ୍ଚନା କାର୍ଯ୍ୟ ଚାଲିଥିଲା। ଶ୍ରୀ ଶ୍ରୀ ଶ୍ରୀ ରନ୍ନେଶ୍ୱର ସ୍ୱାମୀ ସ୍ୱେଚ୍ଛାସେବୀ ସଂଘ କୁଲାଡର ସଦସ୍ୟ ମାନଙ୍କ ସହଯୋଗରେ ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ପାଇବାର ବ୍ୟବସ୍ଥା କରାଯାଇଥିଲା । ମନ୍ଦିରର ମୁଖ୍ୟ ବ୍ରହ୍ମାନନ୍ଦ ଦାସ ଉତ୍ସବ ସ୍ଥଳରେ ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିଥିଲେ। ଏହା ସହିତ ନିକଟସ୍ଥ ଧନଞ୍ଜୟପୁର ଶାସନରେ ବିଜେ ଶ୍ରୀ ବରାଳୟବାସି ବାଲୁଙ୍କେଶ୍ୱର ସ୍ୱାମୀ, ଗୋଲାପଡାଠାରେ ବିଜେ ଶ୍ରୀ ସ୍ୱପ୍ନେଶ୍ୱର ସ୍ୱାମୀ ଓ କୋଟିବରାଡିରେ ବିଜେ ଶ୍ରୀ ବୃଦ୍ଧଲିଙ୍ଗେଶ୍ୱର ତଥା ଅନ୍ୟାନ୍ୟ ଶିବ ମନ୍ଦିର ମାନଙ୍କରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସାଇ ବିଦ୍ୟା ମନ୍ଦିରର ସଫଳତା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଅଭୂତପୂର୍ବ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବର ଅଧିକାରୀ ହୋଇଛନ୍ତି। ଟୁଇଙ୍କିଲ ପ୍ରିୟଦର୍ଶିନୀ ଦାସ, ଆଦିତ୍ୟ ଓମପ୍ରକାଶ ଧଳ, ଅବିନାଶ ବେହେରା, ନେଲସନ୍ ଭୀମ କୁମାର ହାଁସଦା, ସୁଶାନ୍ତ ଘୋଷ, ରଶ୍ମିତା ଧଳ, ଜୟପ୍ରକାଶ ବେହେରା ଏବଂ ପ୍ରଜ୍ଞା ପତି ସଫଳତା ହାସଲ କରି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। କୃତୀ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ସମ୍ବର୍ଦ୍ଧିତ ନିମନ୍ତେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ କୃତୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ସୁନ୍ଦର ମାର୍ଗଦର୍ଶନ ଦେଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସଫଳତାର ଶ୍ରେୟ ଶିକ୍ଷକ, ଶିକ୍ଷିକା ଏବଂ ଅଭିଭାବକ ମାନଙ୍କୁ ପ୍ରଦାନ କରିଥିଲେ। ଧୈର୍ଯ୍ୟ ଏବଂ ଏକାଗ୍ରତାର ସହ ଅଧ୍ୟୟନଦ୍ୱାରା ଛାତ୍ରଜୀବନ ସଫଳ ହୁଏ। ପ୍ରତିବର୍ଷ ଏହି ସଫଳତାକୁ ପାଥେୟକରି ସାଇ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ପ୍ରଗତି ପଥ ନିର୍ମାଣରେ ସର୍ବଦା ବଦ୍ଧପରିକର। ଗୁଣାତ୍ମକ ଶିକ୍ଷା, ସୁନ୍ଦର ପରିବେଶ, ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଶିକ୍ଷାନୁଷ୍ଠାନ ବାରିପଦାର କୈଳାସଚନ୍ଦ୍ରପୁର, କାଠପାଳଠାରେ ନବକଳେବର ରୂପେ ପ୍ରତୀୟମାନ। ଏହି ମାଟିରେ ଶିକ୍ଷାର 'ମୌଳିକତା ବଜାୟରଖି ସଫଳ ଛାତ୍ରଛାତ୍ରୀ ସୃଷ୍ଟି କରିବା ଅନୁଷ୍ଠାନର ମୂଳଲକ୍ଷ୍ୟ।

# ଏଆଇଏଫ -ହାରଭେଷ୍ଟପ୍ଲସ୍‌ର ମିଳିତ ସହଯୋଗରେ ଜୈବ-ପୁଷ୍ଟିକର ଧାନ ସମ୍ପର୍କିତ ବୈଠକ



ବାରିପଦା, (ସବ୍ୟୁ) : ବୁଧବାର ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ କୃଷି ଭବନ ଠାରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ୍ ଓ ହାରଭେଷ୍ଟପ୍ଲସ୍ ପକ୍ଷରୁ କୃଷକଙ୍କ ଜୀବିକାରେ ଉନ୍ନତି ଏବଂ ଅପପୁଷ୍ଟି ହ୍ରାସ ପାଇଁ ବାୟୋ-ଫୋର୍ଟିଫାଏଡ ଧାନର ବ୍ୟବହାର ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହାରଭେଷ୍ଟପ୍ଲସ୍ ପକ୍ଷରୁ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ୍ ସହଯୋଗରେ ମୟୂରଭଞ୍ଜର ଗୋପବନ୍ଧୁନଗର ବ୍ଲକର ଜୈବ-ପୁଷ୍ଟିକର ଧାନର ୪ପ୍ରକାର ଯଥା ବିଆରଆରଆଇ-୧୦୦, ବିଆରଆରଆଇ-୮୪, ସିଆର-୩୧୫ ଓ ଡିଆରଆର-୬୩ ପରି ଜୈବ-ପୁଷ୍ଟିକର ଧାନ ବ୍ଲକର ଟିଟିଆ ଓ ଭଣ୍ଡଗାଁ ଗ୍ରାମପଞ୍ଚାୟତର ୩୫ଜଣ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ରାଜ କମଲ ଶର୍ମା ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ଏହି ଧାନର ବ୍ୟବହାର ଦ୍ୱାରା କିପରି ଜୀବିକାରେ ଉନ୍ନତି ଏବଂ ଅପପୁଷ୍ଟି ହ୍ରାସ କିପରି କରିପାରିବେ ସେ ସଂପର୍କରେ ମତ ରଖିଥିଲେ। ପରେ ହାରଭେଷ୍ଟପ୍ଲସ୍‌ର ରାଜ୍ୟ ମୁଖ୍ୟ ବିରେନ୍ଦ୍ର ମେଣ୍ଡାଳି ଉପସ୍ଥିତ ଥିବା ସମସ୍ତ ଚାଷୀମାନଙ୍କୁ ଏହି ଜୈବ-ପୁଷ୍ଟିକର ଧାନ ସମ୍ବନ୍ଧରେ ତଥା ଜିଙ୍କ୍ ଏବଂ ଆଇରନ୍ ପରି ଉଚ୍ଚସ୍ତରର ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଧାରଣ କରିବା ପାଇଁ ଏହି ଜୈବ-ପୁଷ୍ଟିକର ଧାନ କିସମ ଗୁଡିକୁ ବୈଜ୍ଞାନିକ ଭାବରେ ବିକଶିତ କରାଯାଇଛି, ଯାହା ଅପପୁଷ୍ଟି ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଶେଷ କରି ଧାନ ଏକ ମୁଖ୍ୟ ଫସଲ ହୋଇଥିବାରୁ ଏହି ପଦକ୍ଷେପ ଦ୍ୱାରା ଖାଦ୍ୟର ପୁଷ୍ଟିକର ଗୁଣବତ୍ତା ବୃଦ୍ଧି ପାଇବ ଏବଂ ଗୋଷ୍ଠୀ ମଧ୍ୟରେ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଉନ୍ନତି ହେବ ଏବଂ ଏହି ଧାନରେ ଥିବା ପ୍ରୋଟିନ୍, ଫାଇବର, ଆଇରନ୍, ଜିଙ୍କ୍ ଏବଂ ଭିଟାମିନ୍ ବି-୧ ଥିବାରୁ ଏହାକୁ ଚାଷୀ ଏବଂ ଅନ୍ୟମାନଙ୍କ ସ୍ୱାସ୍ଥ୍ୟରେ ସାହାଯ୍ୟ କରିବା ସହ ଏହି ଧାନ ଅଳ୍ପ ସମୟରେ ଅଧିକ ଉତ୍ପାଦନ ଦେବ ଓ ଚାଷୀମାନେ ଏହା ଚାଷ କରି କିପରି ବେଶ ଉପକୃତ ହେବେ ତାହା ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଜାତା ମହାପାତ୍ର, ବ୍ଲକ କୃଷି ଅଧିକାରୀ ତ୍ରିଲୋଚନ ରାଉତ ଓ କୃଷି ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟଜ୍ୟୋତି ଲେଙ୍କା ସମସ୍ତ ଚାଷୀମାନଙ୍କୁ ଏହି ଧାନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଏଆଇଏଫ୍ ଏବଂ ହାରଭେଷ୍ଟପ୍ଲସ୍‌ର ଏହି ମିଳିତ ପଦକ୍ଷେପ ବାୟୋ-ଫୋର୍ଟିଫାଏଡର ଧାନ ଚାଷକୁ ମୟୂରଭଞ୍ଜରେ ସ୍ଥାୟୀ ବିକାଶର ଏକ ଆଧାରଶିଳ କରିବାକୁ ଚେଷ୍ଟା କରୁଛି, ଯାହା ଭବିଷ୍ୟତ ପାଇଁ ଜୀବିକା ଏବଂ ଅପପୁଷ୍ଟି ହ୍ରାସ କରିବାରେ ସାହାଯ୍ୟ କରିବ। ଶେଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ ମଧୁଛନ୍ଦା ଘଡେଇ ସମସ୍ତ ଅତିଥି ଓ ଚାଷୀ ଭାଇ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଯଶୋଦା ଫାଉଣ୍ଡେସନ ପକ୍ଷରୁ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ



ଛତ୍ରପୁର, (ସବ୍ୟୁ): ସ୍ୱେଚ୍ଛାସେବୀ ସଙ୍ଗଠନ ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଳ ଗାଁ ପଂଚାୟତ ଠାରେ ଭାଗିରଥିପୁର ଓ ବଉଳଗାଁ ଗ୍ରାମର ଅସହାୟ ବୃଦ୍ଧା ଓ ଏକାକୀ ମହିଳା ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଶୋଦା ଫାଉଣ୍ଡେସନର ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସରପଞ୍ଚ ପ୍ରତିମା ଦାସ, ଶିକ୍ଷବିତ ଭି. ରାଜେନ୍ଦ୍ର ରାଜୁ, ଚିତ୍ତ ରଞ୍ଜନ ପଣ୍ଡା, ୱାର୍ଡ ମେମ୍ବର ତ୍ରମ୍ବନାଥ ଦାସ, ବନବାସୀ କଲ୍ୟାଣ ଆଶ୍ରମର ଉପଦେଷ୍ଟା ରମେଶଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବୃଦ୍ଧା ଓ ଏକାକୀ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଫାଉଣ୍ଡେସନ୍‌ର ସୁଦେଷ୍ଣା ସାହୁ ଓ ପୁଷ୍ପାଞ୍ଜଳୀ ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ହାଇଓ୍ଵା ଓ ଟିପର ମାଲିକ ସଂଘ ପକ୍ଷରୁ ୧୧ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ହାଇଓ୍ଵା ଓ ଟିପର ମାଲିକ ସଂଘ ତରଫରୁ ୧୧ ଦଫା ଦାବିପତ୍ର ଜିଲ୍ଲା ସଭାପତି ନାରାୟଣ ସ୍ଵାଇଁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ୧୧ ଦଫା ଦାବି ଗୁଡିକ ଯଦି ୧୦ ତାରିଖ ଭିତରେ ପୁରଣ କରା ନଯାଏ ତେବେ ଜିଲ୍ଲାର ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ଓ ପରିବହନ କୁ ସଂପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ଦାବିପତ୍ର ରେ ଉଲ୍ଲେଖ ରହିଛି । ଏହି ଦାବି ଗୁଡିକ ମଧ୍ୟରୁ ବାଲି ଖାଦାନ ଗୁଡିକରୁ ବାଲି ଉଠାଇଲା ବେଳେ ସୂଚାରୁ ରୂପେ କାଗଜପତ୍ର ପ୍ରଦାନ କରିବା, ବାଲି ନେଇ ଯାଉଥିବା ସମୟରେ ଗାଡିକୁ ବେଆଇନ ଭାବରେ ଅଟକାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଉଛି । ବାଲି ଘାଟ ନିଲାମ ନେଉଥିବା ମାଲିକଙ୍କ ଉପରେ କୌଣସି ପ୍ରକାର ପଦକ୍ଷେପ ନନେଇ ଅଯଥା ଗାଡି ମାଲିକଙ୍କ ଉପରେ ଅନ୍ୟାୟ ଭାବେ ଅତ୍ୟାଚାର କରାଯାଉଛି । ହାଇଓ୍ଵା ଓ ଟିପର ଗାଡିର ସମସ୍ତ କାଗଜପତ୍ର ଥିବା ସତ୍ତ୍ୱେ ଡ୍ରାଇଭର ମାନଙ୍କୁ ଥାନାରେ ଅଟକ ରଖି ଜେଲ ପଠା ଯାଉଛି । ଏହିଭଳି ୧୧ ଦଫା ଦାବି ଗୁଡିକୁ ପୁରଣ କରିବା ପାଇଁ ଓଡିଶାର ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ ପ୍ରଭୃତି ୧୭ଗୋଟି ଜିଲ୍ଲାର ସମସ୍ତ ହାଇଓ୍ଵା ଓ ଟିପର ମାଲିକା ମାନେ ଆସ'। ୧୦ ତାରିଖ ଦିନ ଗାଡି ବନ୍ଦ କରି ଦାବି ପୁରଣ ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ସଭାପତି ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସୁକା' କୁମାର ମହାଁ, ଗୌରାଙ୍ଗ ପ୍ରସାଦ ସ୍ଵାଇଁ, ହିମାଂଶୁ ମହାପାତ୍ର, ରାଜେଶ ଚନ୍ଦ୍ର ମହାପାତ୍ର, ସେକ ସଜାଉଦ୍ଦିନ, ପ୍ରମୋଦ କୁମାର ସ୍ଵାଇଁ, କ୍ଷୀରୋଦ କୁମାର ଦାଶ, ଏସକେ ରହେମାନ ପ୍ରମୁଖ ଉପସ୍ଥିତ ଥିଲେ ।

# କଳିଙ୍ଗ ବାଲିଯାତ୍ରା: ଆସିବେ ମୁଖ୍ୟମନ୍ତ୍ରୀ , ପ୍ରସ୍ତୁତି ଜୋରଦାର



ପାରାଦୀପ ,( ଜି. ପ୍ର ): ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଗାଥା ବହନ କରୁଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରା ଚଳିତ ବର୍ଷ ବେଶ ଚିତାକର୍ଷକ ହେବାକୁ ଯାଉଛି । ଚଳିତ ବର୍ଷ ଆସନ୍ତା ୧୪ ତାରିଖ ଦିନ ସନ୍ଧ୍ୟାରେ ପାରାଦୀପ ବିଜୁ ମୈଦାନରେ କଳିଙ୍ଗ ବାଲିଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବାକୁ ସ୍ଵିକୃତି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପରମ୍ପରା ଅନୁସାରେ ମୁଖ୍ୟମନ୍ତ୍ରୀ ବୋଇତ ବନ୍ଦାଣର ପୂର୍ବ ସନ୍ଧ୍ୟାରେ ଆସି କଳିଙ୍ଗ ବାଲିଯାତ୍ରାକୁ ଉଦଘାଟନ କରି ପାରାଦୀପରେ ରାତ୍ରି ଯାପନ କରିବା ସହ ପରଦିନ ସକାଳେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମଧ୍ୟ ସାମିଲ ହୋଇଥାନ୍ତି । ଗତ କିଛି ବର୍ଷ ପୂର୍ବରୁ ଏହି ପରମ୍ପରାରେ ସାମିଲ ହୋଇଥିଲେ ଅନ୍ୟ ମୁଖ୍ୟମନ୍ତ୍ରୀ ମାନେ । ଆଉ କିଛି ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଏହି ମହାନ ପର୍ବରେ ନିଜକୁ ସାମିଲ କରିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ଯାହାକୁ ନେଇ ପାରାଦୀପ ବନ୍ଦର ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ବାଲିଯାତ୍ରା କମିଟି ସମେତ ପୋଲିସ ପ୍ରଶାସନ ତତ୍ପର ହୋଇ ଉଠିଛନ୍ତି । ଘନଘନ ବୈଠକ ଅନୁଷ୍ଠିତ ହେବାରେ ଲାଗିଛି । ଆଜି ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ବିଭିନ୍ନ ସବ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସନ୍ଧ୍ୟାରେ ମଣ୍ଟୁ ଛୁରିଆ ଓ ଶେଷ ଦିନରେ ସୋନୁ ନିଗମ ଆସୁଥିବା ବେଳେ ଅନେକ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ଆସି ଏହି ବାଲିଯାତ୍ରାରେ ଯୋଗ ଦେବେ ବୋଲି ଜଣାପଡ଼ିଛି । ଷ୍ଟଲରେ ବିଭିନ୍ନ କାରୁକାର୍ଯ୍ୟ ର ସମାଗ୍ରୀ ସହ ଆଲୋକ ସଜ୍ଜା ଓ ପାର୍କିଂ ଏବଂ ସୁରକ୍ଷା କୁ ଦୃଷ୍ଟି ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି ।

# ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନରେ ଅନିୟମିତତା !

ଜଗତସିଂହପୁର, (ସବ୍ୟୁ) :ଜଗତସିଂହପୁର ଜିଲ୍ଲାରେ ପ୍ରତ୍ୟେକ ବର୍ଷ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନରେ ବ୍ୟାପକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି ।ଜୀବନରେ ଗୋଟିଏ ବୋଲି ଗଛ ଲଗାଇ ନଥିବା ବ୍ୟକ୍ତି ଏଠାରେ ପୁରସ୍କୃତ ହୋଇଥାଏ ।ଧରାବନ୍ଧାରେ ଏହି ପୁରସ୍କାର ପ୍ରଦାନକୁ ନେଇ ବହୁ ପ୍ରକୃତି ପ୍ରେମୀ ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଅଭିଯୋଗ ମଧ୍ୟ କରିଥାନ୍ତି ।ହେଲେ କିଛି କରିତ କର୍ମା ଚୟନ କମିଟିର କର୍ମକର୍ତ୍ତା ଯେନତେନ ପ୍ରକାରରେ ଜିଲ୍ଲାପାଳଙ୍କୁ ବୁଝାଇ କାର୍ଯ୍ୟ ହାସଲ କରିଥାନ୍ତି ।ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ବହୁ ପରିବେଶବିତଙ୍କୁ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ସମ୍ମାନ ମିଳିପାରିଲା ନାହିଁ ।ଏପରିକି କିଛି ପରିବେଶବିତ ପରିବେଶ ପାଇଁ ଜୀବନ ଉତ୍ସ୍ଗ କରି ଇହଲିଲା ସମ୍ବରଣ କରିଥିଲେ ହେଁ ପ୍ରଶାସନ ସେମାନଙ୍କୁ କେବେ ବି ଖୋଜେ ନାହିଁ ।ଚଳିତ ବର୍ଷ ନଭେମ୍ବର ୦୫ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ୨୦୨୩-୨୪ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁରର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ।ବର୍ତ୍ତମାନ ପରିସ୍ଥିତି ରେ ବୃକ୍ଷ ରୋପଣ ହିଁ ଏକମାତ୍ର ସମାଧାନ ବୋଲି ବିଧାୟକ କହିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ପରିବେଶବିତ ତଥା ବୈଜ୍ଞାନିକ ଏବଂ କାର୍ଯ୍ୟକାରୀ ସଭାପତି ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର ଡ଼ ଜୟକୃଷ୍ଣ ପାଣିଗ୍ରାହୀ ଯୋଗ ଦେଇ ସମ୍ପ୍ରତି ଗ୍ଲୋବାଲ ଓ୍ଵାର୍ମିଂ, ସମୁଦ୍ରପତନ ପରିବର୍ତ୍ତନ ଆଦି ମନୁଷ୍ୟକୃତ ପ୍ରାକୃତିକ ବିପର୍ଯ୍ୟୟ ବୋଲି ମତ ଦେଇଥିଲେ।ତେଣୁ ସମସ୍ତେ ନିଶ୍ଚିତ ଭାବରେ ଗଛ ଲଗାଇବା ପାଇଁ ସେ ପରାମର୍ଶ ମଧ୍ୟ ଦେଇଥିଲେ ।ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପରିବେଶ ସଂରଣ ତଥା ପରିବେଶ ସଂପର୍କରେ ଜନ ସଚେତନତା ସୃଷ୍ଟି କରୁଥିବା ଗ୍ରାମ/ଶିକ୍ଷାନୁଷ୍ଠାନ/ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବାକୁ ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ଭାବରେ ମାନପତ୍ର ସହିତ ୨୦ ହଜାର ଟଙ୍କା ପୋତ୍ସାହନ ରାଶି ଓ ପ୍ରକୃତି ବନ୍ଧୁ ଭାବରେ ବ୍ୟକ୍ତି ବିଶେଷଙ୍କୁ ୧୦ ହଜାର ଟଙ୍କା ପୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ । ଏହି କ୍ରମରେ ଜଗତସିଂହପୁର ଜିଲ୍ଲାରେ ଆୟୋଜିତ ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭ ଜଣ ପ୍ରକୃତି ମିତ୍ର ଓ ୮ ଜଣ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

# ବ୍ୟାସନଗର ମା ଶ୍ୟାମାକାଳୀ ଶାନ୍ତି କମିଟି ପକ୍ଷରୁ ଜିଲ୍ଲାପାଳ ଓ ଏସପିଙ୍କୁ ସମ୍ବର୍ଦ୍ଧନା

ବ୍ୟାସନଗର, (ଜିପ୍ର ) ବ୍ୟାସନଗରର ଗଣପର୍ବକୁ ଆଖିଆଗରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ମା ଶ୍ୟାମାକାଳୀ ପୂଜାଶାନ୍ତି କମିଟି ଗଠନ କରାଯାଇ ସହରର ପର୍ଯ୍ୟାୟକ୍ରମେ ୧୭ ଗୋଟି ପୂଜା ମଣ୍ଡପ ପରିଦର୍ଶନ କରାଯାଉଛି । ଗୋପବଂଧୁ ଛକ ଠାରେ ଗତକାଲି ଯାଜପୁର ଜିଲ୍ଲାପାଳ ପି. ଅନୁଷା ରେଡି ଓ ଯାଜପୁର ଜିଲ୍ଲା ଆରକ୍ଷୀଅଧିକ୍ଷକ ଯଶପ୍ରତାପ ଶ୍ରୀମଲଙ୍କୁ ଶାନ୍ତିକମିଟି କାର୍ଯ୍ୟାଳୟ ଠାରେ ଭବ୍ୟସମ୍ବର୍ଦ୍ଧନା ଦିଆ ଯାଇଥିଲା । ପ୍ରଥମେ ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ଓ ଏସ. ପି. ନିଜ ନିଜର ଅଭିଭାଷଣରେ ବ୍ୟାସନଗର ସହରରେ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ୧୦ତାରିଖ ଭଷାଣି ଉତ୍ସବଙ୍କୁ ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ଏସ. ପି. ଏସ. ଟପୋ, ତହସିଲଦାର ଦେବାଶିଷ ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ମୋଦି, ଏସ ଡିପିଓ. ସଞ୍ଜୟ କୁମାର ପଟ୍ଟନାୟକ,ଯାଜପୁର ଥାନା ଆରକ୍ଷୀ ନିରୀକ୍ଷକ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସଭାଶେଷରେ ଶାନ୍ତିକମିଟି ପକ୍ଷରୁ ବିବେକାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ । ପରେ ପରେ ସମସ୍ତ ଶାନ୍ତି କମିଟି ସଭ୍ୟ ମାନଙ୍କ ସହଯୋଗରେ ବ୍ୟାଙ୍କଷ୍ଟ୍ରୀଟ ଓ ଆରୀୟାନ କ୍ଲବ ପୂଜା ମଣ୍ଡପ ଜିଲ୍ଲାପାଳ ଓ ଏସ. ପି. ପରିଦର୍ଶନ କରିଥିଲେ । ସେଠାରେ ମଧ୍ୟ ପୂଜା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ରନ୍ଧନ ଗ୍ୟାସ ସିଲିଣ୍ଡର ଦୁର୍ଘଟଣା ,ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ

କୁଆଁପାଳ,(ସବ୍ୟୁ) : ମାହାଙ୍ଗା ଥାନା ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତ ଅଧିନ ଜଳେଶ୍ୱରପୁର ଗ୍ରାମରେ ରନ୍ଧନ ଗ୍ୟାସ ଟାଙ୍କିରେ ନିଆଁ ଲାଗିବା ଘଟଣାରେ ଜୈନିକ ଯୁବକ ଗୁରୁତର ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ, ଗତ ୨୮.୧୦.୨୦୨୪ରେ ଉକ୍ତ ଗ୍ରାମର ଅଲେଖ ଚନ୍ଦ୍ର ସାମଲ (୭୪)ଙ୍କ ଘରେ ଏକ ନୂତନ ଗ୍ୟାସ ଟାଙ୍କି ସଂଯୋଗ କରିବା ସମୟରେ ଗ୍ୟାସ ଲିକ ହୋଇ ନିଆଁଲାଗି ଯାଇଥିଲା । ଏହି ସମୟରେ ରମାକାନ୍ତ ସାମଲଙ୍କ ପୁତ୍ର ପ୍ରଶାନ୍ତ ସାମଲ (୨୬) ଗ୍ୟାସ ଟାଙ୍କିକୁ ବାହାର କରିବା ସମୟରେ ତାଙ୍କ ଶରୀରରେ ନିଆଁ ଲାଗି ଯାଇଥିଲା । ଯାହା ଫଳରେ ସେ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁବରଣ କରିଛନ୍ତି । ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗ ଦ୍ୱାରରେ ଶବ ସଂସ୍କାର କରାଯାଇଥିଲା । ପ୍ରଶାନ୍ତ ଜଣେ ମେଳାପୀ ଓ ପରୋପକାରୀ ଯୁବକ ଭାବେ ଜଣାଶୁଣା ଥିବାରୁ ସ୍ଥାନୀୟ ଅଂଚଳରେ ଶୋକପ୍ରକାଶ ପାଇବା ସହ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଗ୍ରାମବାସୀ ଦାବୀ କରିଛନ୍ତି ।

# ଭାରସାମ୍ୟ ହରାଇ ଓଭରବ୍ରିଜରୁ ଖସିଲା ଟ୍ରକ

ଧର୍ମଶାଳା,୭।୧୧( ସ ବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ସଙ୍ଖାରୀଡିହସ୍ଥିତ ଓଭର ବ୍ରିଜରୁ ଆଜି ଏକ ଟ୍ରକ ଭାରସାମ୍ୟ ହରାଇ ତଳକୁ ଖସିପଡିଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣପଡିଛି । ଆହତ ଡ୍ରାଇଭରକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ମୁତାବକ ପାରାଦୀପରୁ ଲୁହାଗୁଣ୍ଡ ଖାଲି କରି ଓଡି- ୩୪-ୟୁ-୩୬୯୫ ନଂ ଟ୍ରକ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଆଜି ଭୋର ୪ଟା ସମୟରେ ଭାରସାମ୍ୟ ହରାଇ ଓଭରବ୍ରିଜ ଉପରୁ ତଳକୁ ଖିପଡିଥିଲା । ତେବେ ଏହି ସମୟରେ ସେଠାରେ କେହି ଉପସ୍ଥିତ ନଥିବାରୁ କାହାର କିଛି କ୍ଷୟକ୍ଷତି ଘଟି ନାହିଁ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଦୁର୍ଘଟଣାରେ ମୃତ୍ୟୁ

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପରିବା ମାର୍କେଟଠାରେ ଆଜି ବଡିଭୋର ସମୟରେ ଏକ ଟ୍ରକ ଧକ୍କାରେ ଚାଷୀ ତଥା ପରିବା ବ୍ୟବସାୟୀ ବୋଧିଆ ବେହେରାଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ ରାଉତରାପୁର ପଂଚାୟତ କୁଣ୍ଡପାଟଣା ଗ୍ରାମର ଅର୍ଜୁନ ବେହେରାଙ୍କ ପୁଅ ବୋଧିଆ ବେହେରା(୩୨) ଆଜି ସକାଳେ ପରିବା ପାଇଁ ବାରବାଟୀ ଯାଇଥିବା ବେଳେ ଗାଡି ଧକ୍କାରେ ତାଙ୍କର ପ୍ରାଣବାୟୁ ଉଡିଯାଇଛି । ତାଙ୍କର ୩ ବର୍ଷର ଯାଆଁଳା ପୁଅ ଥିବାବେଳେ ତାଙ୍କ ମୃତ୍ୟୁରେ ବାରବାଟୀ ତଥା ତାଙ୍କ ପଂଚାୟତରେ ଶୋକ ଛାୟା ଖେଳିଯାଇଛି । ସହାୟତା ପାଇଁ ଦାବି ହୋଇଛି ।

# ରାଇଛନ୍ଦାରେ ସ୍ୱାସ୍ଥ୍ୟ ସେବା ଶିବିର

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଂଚାୟତ ସିଧାପାଳ ଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ଦିନ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ରୋଗି ଯୋଗଦେଇ ନିଜନିଜର ସ୍ୱାସ୍ଥ୍ୟପରିକ୍ଷା କରିଥିଲେ । ଉକ୍ତ ଶିବିରକୁ ଧର୍ମଶାଳାର ବିଡ଼ିଓ ଦେବେନ୍ଦ୍ରପ୍ରସାଦ ବଳ ଯୋଗଦେଇ ଉଦଘାଟନ କରିଥିଲା ବେଳେ ଏଥିରେ ସମାଜସେବୀ ମିନତୀ ସାହୁ, ଯୁବନେତା ସିତାଂଶୁଶେଖର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ରୋଗୀମାନଙ୍କୁ ଟ୍ରଷ୍ଟ ପକ୍ଷରୁ ମାଗଣାରେ ଔଷଧ ବିତରଣ ଦିଆଯାଇଥିଲା । ଆଗାମୀ ଦିନରେ ପ୍ରତ୍ୟେକ ପଂଚାୟତରେ ଏହିପରି ସ୍ୱାସ୍ଥ୍ୟସେବା ଶିବିର ଆୟୋଜିନ କରାଯିବ ବୋଲି ଟ୍ରଷ୍ଟର ସମ୍ପାଦକ ବିଧାୟକ ହିମାଂଶୁଶେଖର ସାହୁ ସୂଚନା ଦେଇଛନ୍ତି ।



# ଅଗ୍ନିବିପନ୍ନ ପରିବାରକୁ ସହାୟତା

ଡେରାବିଶ ,(ସବ୍ୟୁ) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଭଣଗାଁ ଗ୍ରାମରେ ମଙ୍ଗଳବାର ମଧରାତ୍ରରେ ଏକ ଭୟାବହ ଅଗ୍ନୀକାଣ୍ଡ ଘଟି ଗ୍ରାମର ଅଜୟ ଜେନାଙ୍କ ଘର ସଂପୂର୍ଣ୍ଣ ଭସ୍ମିଭୁତ ହୋଇଯାଇଥିଲା । ଏପରିକି ପିନ୍ଧା ଲୁଗା ବ୍ୟତୀତ ବିପନ୍ନ ପରିବାର ସର୍ବସ୍ୱ ହରାଇଥିଲେ । ଖବର ପାଇ ଡାଳିଜି 'ଆଶାର ଆଲୋକ ହେଲ୍ଥ ଫାଉଣ୍ଡେସନ' ପକ୍ଷରୁ ବିପନ୍ନ ପରିବାର ପ୍ରତି ସହାୟତା ପ୍ରଦାନ କରାଯାଇଛି । ଫାଉଣ୍ଡେସନ ପକ୍ଷରୁ ଶାରଦା ପ୍ରସାଦ ଜେନା , ପ୍ରଜ୍ଞ ପୁରୁଷୋତମ ଜେନା , ପ୍ରାଜ୍ଞ ପାର୍ଥସାରଥି ଜେନା , ଚିତରଞ୍ଜନ ଜେନା , ମନୋଜ ପ୍ରଧାନ , ବାୟାଧର ପ୍ରଧାନ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥୀକ ସହାୟତା ରାଶି ପ୍ରଦାନ କରିଥିଲେ ।

# ବିଜେପିର ସଭ୍ୟ ସଂଗ୍ରହ ଓ ମିଶ୍ରଣ ପର୍ବ

ରାଜନଗର,(ସବ୍ୟୁ) :ରାଜନଗର ବ୍ଲକ ହାତିନା ପଂଚାୟତ ପେଣ୍ଠ ଠାରେ ବିଜେପି ପକ୍ଷରୁ ସଭ୍ୟ ସଂଗ୍ରହ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବିଜେପି ନେତା ବିଜୟ ବଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବନେତା ଦିଲ୍ଲୀପ ରଂଜନ ପାଳ, ଜିଲ୍ଲା ଉପସଭାପତି ସଦାଶିବ ଜେନା, ଯୁବନେତା କ୍ରୀଷ୍ଣା ବେହେରା, ୩୦ନଂ ଜୋନ ସଭାପତି ପ୍ରମୋଦ ଦାସ, ପଂଚାୟତ ସଭାପତି ଚିତ ରଂଜନ ପାତ୍ର ପ୍ରମୁଖ ଯୋଗଦେଇ ଦଳର ସଂଗଠନକୁ ମଜବୁତ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଦଳର ସଭ୍ୟ ସଂଗ୍ରହ କରାଯିବା ସହ ବିଜେଡି ଓ କଂଗ୍ରେସ ଛାଡି କୈଳାସ ରାଉତ, ବାଙ୍କୁ ପଢିହାରୀ, ଅକ୍ଷୟ ନାୟକ, ରାକେଶ ପାତ୍ର, ଦଳଧର ପଢିହାରୀ, ପ୍ରଶାନ୍ତ ମହାନ୍ତି, ସୁବାଷ ମହାନ୍ତି, କଳ୍ପତରୁ ମହାନ୍ତି, ବୀରବର ସେଠୀ, ଅଲେଖ ସେଠୀ, ପରିକ୍ଷୀତ ସେଠୀ, ପ୍ରଣୟ କୁମାର ସେଠୀ, ନିତ୍ୟାନନ୍ଦ ସେଠୀ, ଅରୁଣ ସେଠୀ, ନିରଂଜନ ସେଠୀ, ପୁଷ୍ପଲତା ସେଠୀ, ନରହରି ସେଠୀ, ପୁରସ୍ତମ ସେଠୀ, ନିରଂଜନ ପଢିହାରୀ, ବିଚିତ୍ର ପଢିହାରୀ, ସୁଶାନ୍ତ ମହାନ୍ତି, ନିହାର ରଂଜନ ସେଠୀ ପ୍ରମୁଖ ବିଜେପିରେ ଯୋଗଦେବା ସହ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି । ଦଳ ମୁଖ୍ୟଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା କହିଛନ୍ତି ।

# ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ ସ୍ଥାନୀୟ ବିଧାୟକ

ମହାକାଳପଡ଼ା, (ସବ୍ୟୁ) :ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ବୁଧବାର ଦଳୀୟ କର୍ମୀଙ୍କ ସହିତ ନିର୍ବାଚନ ମଣ୍ଡଳୀ ଅଧୀନ ମହାକାଳପଡ଼ା ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପ୍ରାରମ୍ଭରେ ସୁନୀତି ପଂଚାୟତସ୍ଥ ଦକ୍ଷିଣେଶ୍ୱରୀ ଶ୍ୟାମାକାଳୀ ମଣ୍ଡପରେ ଦେବୀଙ୍କୁ ଦର୍ଶନ ପରେ ପ୍ରେସ କ୍ଲବ ତରଫରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ଗହୀର ମଥା ମହୋତ୍ସବ -୨୦୨୪ରେ ଯୋଗ ଦେଇଥିଲେ । ସଭା ମଞ୍ଚରେ ଅଲିଭ ରିଡଲେ କଇଁଛ ମାନଙ୍କ ନିମନ୍ତେ ସୁରକ୍ଷା କବଚ ସାଜିଥିବା ଗହୀରମଥା ଅଭୟାରଣ୍ୟର ଉତ୍ତମ ସୁରକ୍ଷା ପ୍ରତି ଜନସଚେତନତା ଦିଗରେ ଅଭିଭାଷଣ ରଖିଥିଲେ । ଆଗାମୀ ଦିନରେ ଏହି ମହୋତ୍ସବ କେବଳ ଅନୁଷ୍ଠାନରେ ସୀମିତ ନରହି ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ଅନୁରୋଧ ରଖିଥିଲେ । ବିଶେଷ କରି ବନ୍ୟ ଜୀବ ବନାଞ୍ଚଳ କାର୍ଯ୍ୟାଳୟ ଶାସନପେଟାର ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସହିତ ପ୍ରସିଦ୍ଧ ଅଭୟ । ରଣ୍ୟର ସୁରକ୍ଷା ଚିନ୍ତା କଲେ ସଭିଙ୍କ ପାଇଁ ଉତ୍ସବ ପାଳନ ସଫଳ ହୋଇପାରିବ ବୋଲି ଆଲୋଚନା କରିଥିଲେ । ଶେଷରେ ସାମୁଦ୍ରିକ କଇଁଛ ସୁରକ୍ଷା ନେଇ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କ ଓ୍ଵାଚ ଟାଓ୍ଵାର ଦାବିକୁ ବିଭାଗୀୟ ଅଧିକାରୀ ଓ ବିଧାନସଭା ଉପସ୍ଥାପିତ କରିବେ ବୋଲି ପ୍ରତିଶୃତି ରଖିଥିଲେ । ପରେ ପରେ ସଦର ମହାକାଳପଡ଼ା ପଂଚାୟତସ୍ଥ ଜାଲକଣା ଠାରେ ଅନୁଷ୍ଠିତ ମା, ମନସା ଦେବୀଙ୍କୁ ପୂଜା ମଣ୍ଡପ ରେ ଦର୍ଶନ କରି ଅଞ୍ଚଳ ବାସୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଅତୀତରେ ଅଧିକାଂଶ ସମୟରେ ସର୍ପଘାତର ସମ୍ମୁଖୀନ ହେଉଥିବା ଜା ଲକଣାବାସୀ ମନସା ପୂଜା କିଭଳି ଆରମ୍ଭ କରିଥିଲେ ଏନେଇ ମୁରବିମାନଙ୍କ ସହିତ ଆଲୋଚନା କରିଥିଲେ । ବିଧାୟକଙ୍କ ସହିତ ନିର୍ବାଚନ ମଣ୍ଡଳୀ ସଂଯୋଜକ ସରୋଜ କାନ୍ତ ସାହୁ, ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ପ୍ରକାଶ ପ୍ରଧାନ,ପ୍ରତାପ ଚନ୍ଦ୍ର ଦାସ,ପ୍ରତାପ ରୁଦ୍ର ପାଇକରାୟ,ଯୋଗ ଦେଇଥିଲେ । ଏତଦ ବ୍ୟତୀତ ଚନ୍ଦ୍ର କାନ୍ତ ସ୍ୱାଇଁ, ବଷ୍ଟି ଦେବନାଥ,ମାନସ ରଞ୍ଜନ ବେହେରା, ରବୀନ୍ଦ୍ର ସୁତାର, ବିଚିତ୍ର ପାଳ ଆଦି ଉପସ୍ଥିତ ଥିଲେ ।

# ପେଗରପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ରାଜକନିକା , (ସବ୍ୟୁ) :ରାଜକନିକା ବ୍ଲକ ପେଗରପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାରରୁ ଆରମ୍ଭ ହୋଇ ଆଜି ବୁଧବାରରେ ଶେଷ ହୋଇଛି । ବିଦ୍ୟାଳୟ ଆଜି ତାର ୫୦ବର୍ଷ ପୂର୍ତ୍ତି ପାଳନ କରୁଛି । ଏହି ଅବସରରେ ୧୯୭୦ରୁ ଆଜି ପର୍ଯ୍ୟନ୍ତ ସମସ୍ତ ପୁରାତନ ନୂତନ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତ । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାକାଳପଡା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ , ବିଶିଷ୍ଟ ସମାଜସେବୀ କୃଷ୍ଣ ଚନ୍ଦ୍ର ପଣ୍ଡା,ଏସ.ଏନ କଲେଜ ର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବୈକୁଣ୍ଠ ନାଥ ପରିଡା ,ଅବସରପ୍ରାପ୍ତ ଅଧକ୍ଷ ଅତୁଳ କୁମାର ବଳ ,ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଶତପଥୀ ,ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲେଖ ଚନ୍ଦ୍ର ମହାରଣା, ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ ଓ ଅନ୍ୟ ବହୁ ବରିଷ୍ଠ ଶିକ୍ଷାବିତ ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ । ଦୁଇଦିନ ଧରି ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବାକୁ ଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଧିରେନ୍ଦ୍ର ପଣ୍ଡା,ଉମେଶ ସାହୁ,ଅଭିମନ୍ୟୁ ଶତପଥି ପର୍ଶୁରାମ ସାହୁ , କୈଳାସ ଦାସ, ରତ୍ନାକର ଦାସ , ଅଲେଖ ଦାସ , ଅମର ନାୟକ , ସତ୍ୟନାରାୟଣ ବାରିକ , ପ୍ରକାଶ ବାରିକ , ଦ୍ରୁବଚରଣ ପରିଡା , ଲତିକା ରାୟ , ଶରତ ଚନ୍ଦ୍ର ସେଠି ,ନିମାଇଁ ମଲିକ ,ଶଙ୍କର୍ଷଣ ଦାସ, ସୌରଭ ସାହୁ ପରିଚାଳନା କରିଥିଲେ ।

# ଜନସମ୍ପର୍କ ପଦଯାତ୍ରାର ଉଦଯାପନୀ ଉତ୍ସବରେ ବିଜେଡି ନେତୃବୃନ୍ଦ



ସାଲେପୁର,(ସବ୍ୟୁ) : ସାଲେପୁର ବ୍ଲକ ସ୍ତରୀୟ ବିଜେଡିର ଜନ ସମ୍ପର୍କ ପଦଯାତ୍ରାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଟରପା ପଞ୍ଚାୟତ ଅନ୍ତର୍ଗତ ଜପକୂଦ ପଡିଆ ଠାରେ ସାଲେପୁର ବ୍ଲକ ଆମ୍ଭା ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଜ୍ୟସଭା ସାଂସଦ ମୁନା ଖାଁ ଯୋଗଦେଇ ବିଜେପି ସରକାର ଦେଇଥିବା ମିଛ ପ୍ରତିଶ୍ରୁତି ଉପରେ ବର୍ଷିଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଶିଷ୍ଟ ଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ଓଡ଼ିଶାରେ ଏବେ ଏକ ଜୁମଲା ସରକାର ଶାସନ କରୁଛି । ନିର୍ବାଚନ ପୂର୍ବରୁ ଦେଇଥିବା ୩୦୦ ଇଉନିଟ ବିଦ୍ୟୁତ ବିଲ ଛାଡ଼, ବାର୍ଦ୍ଧକ୍ୟ ଭତ୍ତା ୩୫୦୦ଟଙ୍କା ପ୍ରଦାନ, ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଥ୍ୟା । ଏହାର ଜବାବ ବିଜୁ ଜନତା ଦଳ ଦେବ ବୋଲି ପ୍ରକାଶ କରିଥିଲେ । ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ସରପଞ୍ଚ ଜ୍ୟୋତିରେଖା ନାୟକ ଅତିଥି ରୂପେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କଟରପା ଜଗନ୍ନାଥ ମନ୍ଦିର ମହନ୍ତ ନୟନଭିରାମ ଭାନୁପ୍ରକାଶ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଯୁବବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ର ସଭାପତି ଶୁଭମ ଦାଶ,କଟରପା ସରପଞ୍ଚ ରଞ୍ଜନ ରାଉଳ, ସମିତି ସଭ୍ୟ ଗୟାଧର ମଲ୍ଲିକ, କଟରପା ପଞ୍ଚାୟତ ସଭାପତି ପ୍ରଦୀପ୍ତ କୁମାର ଦାଶ, ଦେବାଶିଷ ପ୍ରଧାନ, ତାପସ କୁମାର ବେହେରା, ଦୁର୍ଗା ଚରଣ ରାଉତରାୟ, ଜଗନ୍ନାଥ ସ୍ୱାଇଁ, ହେମନ୍ତ ଭୂଷଣ ପରିଡା, ଗିରିଷ ଭୂଷଣ ଜେଠି, ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଡ଼ ବସନ୍ତ ମଞ୍ଜରୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

ତିର୍ତ୍ତୋଲ,(ସବ୍ୟୁ): ଓଡିଶା ସରକାରଙ୍କ ଚୟିତ ପ୍ରକ୍ରିୟାରେ ଜଗତସିଂହପୁର ଜିଲ୍ଲାର ଆଠ ଗୋଟି ବ୍ଲକ ତରଫରୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ଚୟନ କରାଯାଇଥିବାବେଳେ ର୍ତିତ୍ତୋଲ ବ୍ଲକରୁ ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ଡ଼ ବସନ୍ତ ମଞ୍ଜରୀ ଦାସଙ୍କୁ ପ୍ରକୃତି ବନ୍ଧୁ ଭାବେ ଦଶ ହଜାର ଅର୍ଥରାଶି ,ପ୍ରମାଣପତ୍ର ଓ ଉପଢୌକନ ଦ୍ୱାରା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ପର୍ବରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ , ମୁଖ୍ୟ ବକ୍ତା ଓଡିଶା ପରିବେଶ ସମିତି ଭୁବନେଶ୍ୱର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ପରିବେଶବିତ ବୈଜ୍ଞାନିକ ଜୟକୃଷ୍ଣ ପାଣିଗ୍ରାହୀ, ସମ୍ମାନିତ ଅତିଥି ପୋରାଧକ୍ଷା ଅର୍ଚ୍ଚନା ସିଂ, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପରେଶ ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ ସାହୁ ଉପସ୍ଥିତ ରହି ଶ୍ରୀମତୀ ଦାସଙ୍କୁ ପୁରସ୍କୃତ କରିଥିଲେ । ତାଙ୍କର ଏହି କୃତିତ୍ୱ ପାଇଁ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସଭ୍ୟ ସଭ୍ୟା ଗଣ ଯଥା ସଭାପତି ପ୍ରେମ ଚରଣ ରାଉତ, କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁ ଚରଣ ଦେବତା, ମୁଖ୍ୟ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ସାହୁ, ବିଭୂଷିତା ଦାସ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଆଇନଜୀବୀ ମଞ୍ଜୁଲତା ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ନୀଳାଚଳ ଇସ୍ପାତ ପକ୍ଷରୁ ଦାନଗଦୀ ସରକାରୀ ପ୍ରକଳ୍ପ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ଉଦଘାଟିତ



ବ୍ୟାସନଗର /ଦାନଗଦି, (ଜିପ୍ର /ସବ୍ୟୁ ): ଯାଜପୁର ଜିଲ୍ଲା ଦାନଗଦୀ ସ୍ଥିତ ଓଲଳ ଗ୍ରାମରେ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଓଲଳ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଦ୍ୱାରା ନିର୍ମିତ ନୂତନ ଶ୍ରେଣୀଗୃହ କୁ (ଏନ୍ଆଇଏନ୍ଏଲ୍)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର କୁମାର ମେହେଟ୍ଟା ଉଦଘାଟନ କରିଛନ୍ତି । ଏହି ଅବସରରେ ଓଲଳ ଗ୍ରାମ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍ଥାନୀୟ କମ୍ୟୁନିଟି ସଦସ୍ୟ ଏବଂ ବିଦ୍ୟାଳୟ ପରିଚାଳନା ସମିତି (ଏସ୍ଏମ୍ସି) ସଦସ୍ୟମାନେ ସାମିଲ ହୋଇଥିଲେ । ଏନଆଇଏନଏଲ କର୍ମଚାରୀମାନେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ, ଫୁଟ ବଲ, ଫ୍ଲାଇଂଡିଶ, ଦଉଡି ଡିଆଁ ଏବଂ ବ୍ୟାଟ ଭଳି ବିଭିନ୍ନ କ୍ରିଡା ଉପକରଣ ଆଦି ପ୍ରଦାନ କରିଥିଲେ ।

୧୬୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ଶ୍ରେଣୀଗୃହ ପ୍ଲାଣ୍ଟର ଆଖପାଖ ଗ୍ରାମାଞ୍ଚଳ ଓ ଆଦିବାସୀ ସମ୍ପ୍ରଦାୟର ପିଲାଙ୍କ ପାଇଁ ସକାରାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବ । ଏନ୍ଆଇଏନ୍ଏଲ୍ ସହଯୋଗରେ ଏହା ହୋଇପାରିଛି । ଏହା ଆଖପାଖ ଗାଁର ପ୍ରାୟ ୧୯୦ ଜଣ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶୈକ୍ଷିକ ବାତାବରଣ ପ୍ରଦାନ କରିବ ।

ଉଦଘାଟନୀ ଉତ୍ସବରେ ସୁଧୀର କୁମାର ମେହେଟ୍ଟା କହିଛନ୍ତି, କଳିଙ୍ଗନଗର ବାସୀଙ୍କ ପାଇଁ ତୃଣମୂଳ ସ୍ତରରେ ଶିକ୍ଷାର ସଶକ୍ତୀକରଣ ପାଇଁ ଆମର ମିଳିତ ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଏହି ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇଛି । ଏହା ଏକ ସୁରକ୍ଷିତ ଏବଂ ଶୈକ୍ଷିକ ବାତାବରଣ ପ୍ରଦାନ କରି, ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବ, ପ୍ରତ୍ୟେକ ପିଲାଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବ ।

(ଶ୍ରୀମଭଗବଦ୍ ଗୀତା ୧୦/୩୮)

–ବିଭୂତିଯୋଗଃ–

( ଶ୍ରୀଭଗବାନୁବାଚ )

**ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।**
**ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ।।୩୮।।**

ମୁଁ ଦମନକାରୀମାନଙ୍କର ଦମନ, ମୁଁ ଜୟାଭିଳାଷୀମାନଙ୍କର (ସାମାଦି ଉପାୟରୂପା) ନୀତି, ଗୋପନୀୟ ବିଷୟର (ଗୋପନତ୍ତ୍ୱଭୁତ) ମୌନଭାବ ଏବଂ ତତ୍ତ୍ୱଜ୍ଞାନୀମାନଙ୍କର ତତ୍ତ୍ୱଜ୍ଞାନ ।।୩୮।।

# ଟ୍ରମ୍ପଙ୍କ ଦ୍ୱିତୀୟ ପାଳି

ସମ୍ପାଦକୀୟ

କିଛି ବିଶେଷଜ୍ଞ, ଲେଖକ, ସମାଲୋଚକ ଓ ବୁଦ୍ଧିଜୀବୀଙ୍କ ମତରେ, ଆମେରିକା ବିଶ୍ୱ ରାଜନୀତିରେ ଧୀରେ ଧୀରେ ଗୁରୁତ୍ୱ ହରାଇବାରେ ଲାଗିଛି । ଏହା ଏକ ବିତର୍କର ବିଷୟ ନିଶ୍ଚୟ । ତେବେ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ନେଇ ସାରା ବିଶ୍ୱ ଯେପରି ଭାବରେ ଚାତକ ପରି ଅପେକ୍ଷା କରି ବସିଥିଲା, ତାହା ପ୍ରମାଣ କରୁଛି, ଏହା ଏବେବି ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଦେଶ । ନିର୍ବାଚନ ଫଳ ପ୍ରକାଶ ପାଇବା ପରେ, ଡୋନାଲ୍ଡ ଟ୍ରମ୍ପଙ୍କୁ ବିଶ୍ୱର ସବୁ ବଡ ବଡ ଦେଶ ସେମାନଙ୍କର ଶୁଭେଚ୍ଛା ବାର୍ତ୍ତା ପଠାଇ ଚାଲିଛନ୍ତି । କେତେଗୁଡିଏ ବାର୍ତ୍ତା ସ୍ପଷ୍ଟ କରୁଛି ଯେ' ଦେଶଗୁଡିକ ଆମେରିକାର ନିକଟତର ହେବାପାଇଁ କି ଭାବରେ ପ୍ରତିଯୋଗିତା କରୁଛନ୍ତି । ବାସ୍ତବିକ ବିଶ୍ୱ ରାଜନୀତିରେ ଆମେରିକାର ରାଷ୍ଟ୍ରପତି ସବୁଠାରୁ ଅଧିକ କ୍ଷମତାଶାଳୀ ବ୍ୟକ୍ତି, ଏହା ସ୍ୱୀକାରଯୋଗ୍ୟ । ଆମେରିକା ରାଷ୍ଟ୍ରପତି ନିର୍ବାଚନ ନେଇ ଗଣମାଧ୍ୟମରେ ଅନେକ ଆକଳନ କରାଯାଇଥିଲା ଏବଂ ଡୋନାଲ୍ଡ ଟ୍ରମ୍ପ ଓ କମଳା ହ୍ୟାରୀସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଜୋରଦାର ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଥିଲା, କିନ୍ତୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ପ୍ରାର୍ଥୀ ତଥା ବର୍ତ୍ତମାନର ଉପ–ରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଅତି ସହଜରେ ପରାସ୍ତ କରିଛନ୍ତି । ବହୁ ଅଡୁଆରେ ଛନ୍ଦି ହେଇ ପଡିଥିବା ଟ୍ରମ୍ପ, ତାଙ୍କର ଲୋକପ୍ରିୟତାକୁ ପ୍ରମାଣ କରିଛନ୍ତି । ଟ୍ରମ୍ପ ୨୦୧୬ ରାଷ୍ଟ୍ରପତି ପଦପାଇଁ ନିର୍ବାଚିତ ହେଇଥିବାବେଳେ ୨୦୨୦ରେ ପରାସ୍ତ ହେଇଥିଲେ ଏବଂ ଚାରି ବର୍ଷ ପରେ ପୁଣିଥରେ କ୍ଷମତାକୁ ଆସିଛନ୍ତି । ୧୮୮୫ ରୁ ୧୮୮୯ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିବା ଗ୍ରୋଭର କ୍ଲିଭଲାଣ୍ଡ ଦ୍ୱିତୀୟ ଥର ପାଇଁ ୧୮୯୩ରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଜିତି ହ୍ୱାଇଟ ହାଉସକୁ ଫେରିଥିଲେ । ଗ୍ରୋଭର କ୍ଲିଭଲାଣ୍ଡଙ୍କ ପରେ ଟ୍ରମ୍ପ କେବଳ ଦ୍ୱିତୀୟ ରାଷ୍ଟ୍ରପତି ହେବେ, ଯିଏ ଗୋଟିଏ କାର୍ଯ୍ୟକାଳ ଅନ୍ତରରେ ପୁଣିଥରେ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବେ, ଯାହାକି ୧୩୨ ବର୍ଷ ପୂର୍ବେ ଘଟିଥିଲା । ଗ୍ରୋଭର କ୍ଲିଭଲାଣ୍ଡ ଆମେରିକାର ୨୨ ତମ ଏବଂ ୨୪ ତମ ରାଷ୍ଟ୍ରପତି ଥିଲେ, ସେ ୧୮୮୫ରୁ ୧୮୮୯ ପର୍ଯ୍ୟନ୍ତ ଏବଂ ୧୮୯୩ରୁ ୧୮୯୭ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ । ଦୋଷୀ ସାବ୍ୟସ୍ତ ହେଇଥିବା ବ୍ୟକ୍ତି କେବେବି ଦୁଇ ଥର ଆମେରିକା ରାଷ୍ଟ୍ରପତି ଭାବରେ ଜିତିନାହାନ୍ତି । ଜଣେ ଆଡଲ୍ଟ ଫିଲ୍ମ ଷ୍ଟାରଙ୍କୁ କଥା ଲୁଚାଇବା ପାଇଁ ଲାଞ୍ଚ ଦେବା ଅଭିଯୋଗରେ ଜଡିତ ହେଇ ଟ୍ରମ୍ପ ମେ ମାସରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେହିପରି ଟ୍ରମ୍ପ ଆମେରିକାର ଇତିହାସରେ ଏକମାତ୍ର ରାଷ୍ଟ୍ରପତି, ଯିଏକି ତାଙ୍କ କାର୍ଯ୍ୟକାଳ ସମୟରେ ଦୁଇଥର ମହା ଅଭିଯୋଗର ସାମ୍ନା କରିଥିଲେ । ତେବେ ସମୟ ତାଙ୍କ ସପକ୍ଷରେ ଥିଲା ଏବଂ ସେହି ସବୁ ବଦନାମ ମଧ୍ୟରେ ସେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେଲେ । ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ କେମିତି ରହିବ ଏବଂ ବିଶ୍ୱ ରାଜନୀତିରେ କି ପ୍ରକାର ପ୍ରଭାବ ପକାଇବ, ତାକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି । ଅନେକଙ୍କ ମତ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ପ୍ରଥମ ପାଳି ଠାରୁ ଯଥେଷ୍ଟ ଭିନ୍ନ ହେବ । ଶାସନ ବ୍ୟବସ୍ଥାରେ ସେ ୪ ବର୍ଷ ରହିସାରିଛନ୍ତି ଏବଂ ବିରୋଧୀ ଭାବରେ ୪ ବର୍ଷ ବାଇଡେନ ପ୍ରଶାସନକୁ ଦେଖିଛନ୍ତି । ଉଭୟ ଅଭିଜ୍ଞତାରୁ ସେ ପାଇଥିବା ଶିକ୍ଷାକୁ ବିନିଯୋଗ କରି ସେ ପୂର୍ବାପେକ୍ଷା ଭଲ ଶାସନ ଦେଇପାରିବେ ବୋଲି ଅନେକ ବିଶ୍ୱାସ କରନ୍ତି । ଫ୍ଲୋରିଡାର ଓ୍ୱେଷ୍ଟ ପାମ ବିଚରେ ଟ୍ରମ୍ପ ତାଙ୍କର ସମର୍ଥକଙ୍କୁ କହିଛନ୍ତି, 'I will govern by a simple motto: Promises made, promises kept ।' ଏହା ପ୍ରମାଣ କରୁଛି ଯେ' ତାଙ୍କର ଏଥରର ଶାସନ ଅଧିକ ଲୋକାଭିମୁଖୀ ହେବ ଏବଂ ବିଶ୍ୱ ରାଜନୀତିରେ ସ୍ଥିରତା ପାଇଁ ସେ ପ୍ରୟାସ କରିବେ । ଦ୍ୱିତୀୟ ପାଳିରେ ବ୍ୟାପକ ପରିବର୍ତ୍ତନ ନେଇ ଡୋନାଲ୍ଡ ଟ୍ରମ୍ପ ପ୍ରତିଶ୍ରୁତି ସୂଚନା ଦେଇସାରିଛନ୍ତି । ପ୍ରଥମ ପାଳିରେ ସେ ନିଜକୁ Mr Tariff ବୋଲି କହୁଥିଲେ ଏବଂ ହୁଏତ ଏଥର ସେ Master Tariff ହେବାକୁ ଚାହୁଁଛନ୍ତି । ଆମେରିକାରେ ଚାଇନାର ସମସ୍ତ ଆମଦାନୀ ଉପରେ ଟ୍ରମ୍ପ ୬୦ ପ୍ରତିଶତ ଶୁଳ୍କ ଏବଂ ଚାଇନାର କାର ଉପରେ ଶହେ ପ୍ରତିଶତ ଶୁଳ୍କ ଚାହୁଁଛନ୍ତି ବୋଲି କୁହାଯାଉଛି । ସେ ଚାହୁଁଛନ୍ତି ଯେ ଅନ୍ୟ ଦେଶ ଆମେରିକାରେ ସାମଗ୍ରୀ ବିକ୍ରୟ କରୁଥିବା ପ୍ରଯୁଜ୍ୟ ସମସ୍ତ ଶୁଳ୍କ ୨୦ ପ୍ରତିଶତକୁ ବୃଦ୍ଧି କରାଯାଉ । ତେବେ ଏ ପ୍ରକାର ନୀତି ଦ୍ୱାରା ବହୁପକ୍ଷୀୟ ବାଣିଜ୍ୟ ପ୍ରଭାବିତ ହେବ, କାରଣ ଅନ୍ୟ ପ୍ରମୁଖ ଅର୍ଥନୀତି ଶୁଳ୍କ ବୃଦ୍ଧି କରିବେ । ତେବେ, ଟ୍ରମ୍ପ ଏ ନେଇ କି ପଦକ୍ଷେପ ନେବେ, ତାହା ସମୟ ହିଁ କହିବ । ସେହିପରି ରୁଷିଆ–ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ, ଟ୍ରମ୍ପ ୟୁକ୍ରେନକୁ ମାଗଣାରେ ଯୁଦ୍ଧାସ୍ତ୍ର ଦେବାପାଇଁ ଚାହିଁବେ ନାହିଁ, ଯାହା ସେ ସ୍ପଷ୍ଟ ଭାବରେ ସୂଚନା ଦେଇସାରିଛନ୍ତି ଏବଂ ୟୁକ୍ରେନ ଉପରେ ଯୁଦ୍ଧ ବନ୍ଦ କରିବା ପାଇଁ ଚାପ ପକାଇବେ । ତାଙ୍କ ନିର୍ବାଚନ ଫଳାଫଳ ପରବର୍ତ୍ତୀ ଭାଷଣରେ ସେ ସ୍ପଷ୍ଟ କରିଛନ୍ତି ଯେ' 'ଯୁଦ୍ଧ ନୁହେଁ ଶାନ୍ତି ପାଇଁ ସେ ପ୍ରୟାସ କରିବେ' । ତେଣୁ ଆଶା କରିବା, ସେ ଇରାନ–ଇସ୍ରାଏଲ–ଲେବନାନ ବିବାଦ ପ୍ରସଙ୍ଗରେ ସେ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ମଧ୍ୟ–ପୂର୍ବରେ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବେ । ସେହିପରି, ଜଳବାୟୁ ପରିବର୍ତ୍ତନ, ଅକ୍ଷୟ ଶକ୍ତି ବିକାଶ, ଜୀବାଂଶ ଇନ୍ଧନର ବ୍ୟବହାର ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା ସହ ବିପର୍ଯ୍ୟସ୍ତ ବିଶ୍ୱ ଅର୍ଥନୀତି ଓ ରାଜନୀତିକୁ ସଜାଡିବାରେ ସହାୟକ ହେବେ ବୋଲି ଆଶା କରାଯାଇପାରେ ।

# ଭାରତୀୟ ନ୍ୟାୟିକ ଆଦର୍ଶର ପ୍ରତୀକ ନୂତନ 'ଲେଡି ଜଷ୍ଟିସ୍' ପ୍ରତିମୂର୍ତ୍ତି



**ରାଜେଶ କୁମାର ତ୍ରିପାଠୀ**

ଆଧୁନିକ ଭାରତୀୟ ଆଇନଗତ ଆଦର୍ଶର ପ୍ରତୀକ ନୂତନ 'ଲେଡି ଜଷ୍ଟିସ୍' ପ୍ରତିମୂର୍ତ୍ତି ଭାରତର ଉପନିବେଶିକ ଅତୀତରୁ ବିଦାୟ ନେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସୁପ୍ରିମକୋର୍ଟରେ ଉନ୍ମୋଚିତ ନୂତନ 'ଲେଡି ଜଷ୍ଟିସ୍' । କଳା ପଟି ବାନ୍ଧି ଆଖି ବୁଜି ଏବଂ ହାତରେ ଖଣ୍ଡା ଧରିଥିବା ନ୍ୟାୟ ମୂର୍ତ୍ତୀକୁ ବଦଳା ଯାଇଛି । ଭାରତର ପ୍ରଧାନ ବିଚାରପତି (ସିଜେଇ) ଡି.ଓ୍ୱାଇ ଚନ୍ଦ୍ରଚୁଡ଼ଙ୍କ ପ୍ରଚେଷ୍ଟାରେ ହୋଇଥିବା ଏହି ପରିବର୍ତ୍ତନ ସାମ୍ବିଧାନିକ ଆଇନ ଅନୁଯାୟୀ ସମାନତା ପାଇଁ ନ୍ୟାୟପାଳିକାର ପ୍ରତିବଦ୍ଧତାକୁ ସୂଚିତ କରେ । ସୁପ୍ରିମକୋର୍ଟର ବିଚାରପତିଙ୍କ ଲାଇବ୍ରେରୀରେ ସ୍ଥାପିତ ଏହି ନୂତନ ପ୍ରତିମୂର୍ତ୍ତିର ପ୍ରତୀକ ହେଉଛି ଯେ ଭାରତୀୟ ଆଇନ ଅନ୍ଧ ନୁହେଁ କିନ୍ତୁ ସମସ୍ତଙ୍କୁ ସମାନ ଭାବରେ ଦେଖୁଛି, ସମ୍ବିଧାନ ଅନୁଯାୟୀ ନ୍ୟାୟ ସୁନିଶ୍ଚିତ କରୁଛି ।

ଦୀର୍ଘ ଦିନ ଧରି କୋର୍ଟ ଏବଂ ଆଇନ ଅନୁଷ୍ଠାନ ସହିତ ଜଡିତ ପରିଚିତ 'ଲେଡି ଜଷ୍ଟିସ୍' ପ୍ରତିମୂର୍ତ୍ତିକୁ ଏହାର ଉପନିବେଶିକ ଉତ୍ତରାଧିକାରୀଠାରୁ ଦୂରେଇ ଯିବାକୁ ପ୍ରୟାସର ଏକ ଅଂଶ ଭାବରେ ଏହା ଭାରତର ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଆଯାଇଥିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି । ପାରମ୍ପାରିକ ଭାବରେ ଏକ ଦୃଷ୍ଟିହୀନ ଏବଂ ଖଣ୍ଡା ଧରିଥିବା ନ୍ୟାୟ ପ୍ରତିମୂର୍ତ୍ତିର ପରିବର୍ତ୍ତିତ ସଂସ୍କରଣରେ ଆଖିରୁ କଳା ପଟି ହଟାଇ ଏବଂ ଖଣ୍ଡା ବଦଳରେ ହାତରେ ସମ୍ବିଧାନ ରଖି ଭାରତୀୟ ନ୍ୟାୟ ପାଇଁ ଏକ ନୂତନ ଯୁଗର ସଙ୍କେତ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏହି ପରିବର୍ତ୍ତନ ଭାରତୀୟ ନ୍ୟାୟପାଳିକାର ବିକାଶଶୀଳ ପରିଚୟକୁ ପ୍ରତିଫଳିତ କରେ, ଯାହା ନ୍ୟାୟକୁ ପ୍ରତିନିଧିତ୍ୱ କରିବା ପାଇଁ ଉପନିବେଶିକ ପ୍ରତୀକ ଉପରେ ଆଉ ନିର୍ଭର କରିବାର ଅବକାଶ ରଖିବ ନାହିଁ ।

ବିଚାରପତିଙ୍କ ଲାଇବ୍ରେରୀରେ ସ୍ଥାପିତ ଏହି ନୂତନ ପ୍ରତିମୂର୍ତ୍ତି ନ୍ୟାୟପାଳିକାର ଏହି ଆଧୁନିକ ଦୃଷ୍ଟିକୋଣ ପ୍ରତି ପ୍ରତିବଦ୍ଧତାର ପ୍ରତୀକ ଭାବରେ ଛିଡା ରହିବ । ନିର୍ବିକାର ତଥା ଗ୍ଲାନି ହୀନ ଭାବରେ ଛିଡ଼ା ହେବ । ଆଇନ ସମ୍ମୁଖରେ ସମାନତାକୁ ପ୍ରତିପାଦିତ କରିବା ଏବଂ ଧନ, ଶକ୍ତି କିମ୍ବା ସ୍ଥିତିକୁ ଗୁରୁତ୍ୱ ନ ଦେବା ଉଚିତ ବୋଲି ଧାରଣା ରଖି ନ୍ୟାୟର ଏକ ସମସାମୟିକ ବ୍ୟାଖ୍ୟା ସହିତ ସମାନ ହେବା ପାଇଁ ଆଗରୁ ଥିବା କଳା ପଟିକୁ ଅପସାରଣ କରାଯାଇଛି । ନ୍ୟାୟ ସମସ୍ତଙ୍କୁ ସମାନ ଭାବରେ ଦେଖୁଛି, ନୂତନ ନ୍ୟାୟ ମୂର୍ତ୍ତି ଏହା ସୂଚାଇ ଦେବା ସହ ନ୍ୟାୟପାଳିକାର ଭୂମିକା କେବଳ ଦଣ୍ଡ ଦେବା ନୁହେଁ ବରଂ ସାମ୍ବିଧାନିକ ମୂଲ୍ୟବୋଧକୁ ସମର୍ଥନ କରିବା, ଯାହା ନ୍ୟାୟ ଏବଂ ସମାନତାକୁ ପ୍ରୋତ୍ସାହିତ କରିବ ।

ନୂତନ ପ୍ରତିମୂର୍ତ୍ତିର ସବୁଠାରୁ ଚମତ୍କାର ପରିବର୍ତ୍ତନ ହେଉଛି 'ଲେଡି ଜଷ୍ଟିସ୍'ର ବାମ ହାତରେ ଖଣ୍ଡା ବଦଳରେ ସମ୍ବିଧାନ ରଖିବା । ପୂର୍ବ ପ୍ରତିମୂର୍ତ୍ତିରେ ଥିବା ଖଣ୍ଡା ଦଣ୍ଡ ଏବଂ ଅଧିକାରର ପ୍ରତୀକ ହୋଇଥିବାବେଳେ ସମ୍ବିଧାନ ନ୍ୟାୟ ପ୍ରତି ଅଧିକ ସନ୍ତୁଳିତ ଏବଂ ନୀତିଗତ ଆଭିମୁଖ୍ୟକୁ ପ୍ରତିପାଦିତ କରିବ । ନିକିତି, ଉଭୟ ପୁରାତନ ଏବଂ ନୂତନ ପ୍ରତିମୂର୍ତ୍ତିର ଏକ ପ୍ରମୁଖ ବୈଶିଷ୍ଟ୍ୟ, ଯାହା ଅପରିବର୍ତ୍ତିତ ରହିଛି, ଯାହା ନ୍ୟାୟ ଏବଂ ପ୍ରମାଣର ଓଜନକୁ ନିରପେକ୍ଷ ଭାବରେ ଦର୍ଶାଏ । ଏହା ଜଣା ପଡ଼େ ଯେମିତି ଖଣ୍ଡା ହିଂସାର ପ୍ରତୀକ, କିନ୍ତୁ ସାମ୍ବିଧାନିକ ନିୟମ ଅନୁଯାୟୀ କୋର୍ଟ ନ୍ୟାୟ ପ୍ରଦାନ କରନ୍ତି । ଏହି ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରିବାକୁ ନୂତନ ପ୍ରତିମୂର୍ତ୍ତି ଲକ୍ଷ୍ୟ ରଖିଛି । ସମ୍ବିଧାନର ଅନ୍ତର୍ଭୁକ୍ତତା ସୂଚିତ କରେ ଯେ ଆଇନଗତ ଢାଞ୍ଚା ଉପରେ ଆଧାର କରି ନ୍ୟାୟ ପ୍ରଦାନ କରାଯାଏ, ଯାହା ସମସ୍ତ ନାଗରିକଙ୍କ ପାଇଁ ସମାନତା ଏବଂ ନ୍ୟାୟକୁ ସୁନିଶ୍ଚିତ କରେ ।

ଉପନିବେଶ ପରମ୍ପରାରୁ ଆଉ ଏକ ପାଦ ଦୂରରେ 'ଲେଡି ଜଷ୍ଟିସ୍' ପ୍ରତିମୂର୍ତ୍ତିର ପୁନଃ ନିର୍ମାଣ ଭାରତୀୟ ଆଇନରେ ବ୍ରିଟିଶ ଯୁଗର ପରମ୍ପରାରୁ ଦୂରେଇ ରହିବା ପାଇଁ ଏକ ବଳିଷ୍ଠ ପ୍ରୟାସ ବୋଲି ମଧ୍ୟ କହି ହେବ । ଯେମିତି ଭାରତୀୟ ଦଣ୍ଡବିଧିକୁ ନେଇ ଚାଲି ଆସୁଥିବା ଉପନିବେଶିକ ଯୁଗର ନିୟମଗୁଡ଼ିକର ପରିବର୍ତ୍ତନ କରାଯାଇଛି, ସେହି ଢଙ୍ଗରେ ଦେଶ ଏହାର ଉପନିବେଶିକ ଅତୀତର ନ୍ୟାୟିକ ପ୍ରତୀକରୁ ମଧ୍ୟ ମୁକ୍ତ ହେବାର ଆବଶ୍ୟକ ଥିଲା, ଯାହା ଏବେ ସମ୍ଭବ ହୋଇଛି । ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟ ସହ ଜଡିତ ଶୀର୍ଷ ସୂତ୍ରଙ୍କ ଦିଆଯାଇଥିବା ବିବୃତ୍ତି ଅନୁଯାୟୀ , ଜଷ୍ଟିସ ଚନ୍ଦ୍ରଚୁଡ଼ ବିଶ୍ୱାସ କରନ୍ତି ଯେ ଭାରତ ବ୍ରିଟିଶ ଉତ୍ତରାଧିକାରୀଙ୍କଠାରୁ ଆଗକୁ ବଢ଼ିବା ଉଚିତ ଏବଂ ଆଇନ କଦାପି ଅନ୍ଧ ନୁହେଁ ଏହା ସମସ୍ତଙ୍କୁ ସମାନ ଭାବରେ ଦେଖୁଛି । ଏହି ବିଶ୍ୱାସ ନୂତନ ଭାବେ ପ୍ରତିଷ୍ଠିତ ହୋଇଥିବା ପ୍ରତିମୂର୍ତ୍ତିରେ ପ୍ରତିଫଳିତ ହୋଇଛି, ଯାହା ଦଣ୍ଡବିଧାନ କରିବାର ଶକ୍ତି ଅପେକ୍ଷା ସମ୍ବିଧାନକୁ ନ୍ୟାୟର ମୂଳ ଉତ୍ସ ଭାବରେ ଉପସ୍ଥାପନ କରିବାକୁ ଉଦ୍ଦିଷ୍ଟ ।

କିନ୍ତୁ 'ଲେଡି ଜଷ୍ଟିସ' ପ୍ରତିମୂର୍ତ୍ତିର ଡାହାଣ ହାତରେ ଥିବା ନିକିତିକୁ ଅପରିବର୍ତ୍ତିତ ରଖାଯାଇଛି । କାରଣ ନିକିତି ନ୍ୟାୟର ସନ୍ତୁଳନକୁ ବ୍ୟାଖ୍ୟା କରେ, ଏକ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟ ଉଭୟ ପକ୍ଷର ତଥ୍ୟ ଏବଂ ଯୁକ୍ତିକୁ ତର୍ଜମା କରିବେ । ଯେହେତୁ ନ୍ୟାୟର ମାପକାଠି ସମାଜରେ ସନ୍ତୁଳନକୁ ପ୍ରତିପାଦିତ କରେ ଏବଂ ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଉଭୟ ପକ୍ଷର ତଥ୍ୟ ଏବଂ ଯୁକ୍ତି ତର୍ଜମା କରାଯାଇଥାଏ, ଏହାକୁ ବଦଳା ନଯିବା ନିଷ୍ପତ୍ତି ନିଜସ୍ୱ ଗୁରୁତ୍ୱ ରଖୁଛି । ନୂତନ ଭାବେ ନିର୍ମିତ ଏବଂ ଉନ୍ମୋଚିତ ଏହି ନ୍ୟାୟିକ ପ୍ରତିମୂର୍ତ୍ତିକୁ ଭାରତୀୟ ନ୍ୟାୟ ପାଇଁ ନୂତନ ଯୁଗର ଶୁଭାରମ୍ଭର ପ୍ରତୀକ ଭାବେ ଗ୍ରହଣ କରାଯାଇ ପାରିବ ।

ଭାରତୀୟ ନ୍ୟାୟପାଳିକା ସମାଜରେ ନିଜର ଭୂମିକାକୁ କିପରି ଦେଖେ, ତାହା ନୂତନ ନ୍ୟାୟ ମୂର୍ତ୍ତି ପ୍ରତି ରହିଥିବା ଏହି ବିଚାର ସୂଚିତ କରୁଛି । ଏକ ପ୍ରତୀକ ଭାବରେ, 'ଲେଡି ଜଷ୍ଟିସ୍' ଆଉ ଆଖି ବୁଜି ନ୍ୟାୟ ଦେବାକୁ କହିବେ ନାହିଁ ବରଂ ନ୍ୟାୟପାଳିକାର ବିକାଶଶୀଳ ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ପାଇଁ ଆଖି ଖୋଲି ରହିବେ । ସମ୍ବିଧାନ ତାଙ୍କ ହାତରେ ଅଛି, ସେ ଏକ ନ୍ୟାୟ ବ୍ୟବସ୍ଥାର ପ୍ରତିନିଧିତ୍ୱ କରନ୍ତି, ଯାହା ଆଉ ଦଣ୍ଡ ଉପରେ ଧ୍ୟାନ ଦେଇନଥାଏ ବରଂ ସାମ୍ବିଧାନିକ ନୀତି ଉପରେ ଆଧାର କରି ନ୍ୟାୟ ଏବଂ ସମାନତା ସୁନିଶ୍ଚିତ କରେ । ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଭାରତର ନ୍ୟାୟ ବ୍ୟବସ୍ଥା ଉପନିବେଶିକ ପ୍ରତୀକଠାରୁ ଦୂରେଇ ଯିବା ପାଇଁ ନିଆ ଯାଇଥିବା ଏହି ଐତିହାସିକ ନିଷ୍ପତ୍ତି ଆଇନଗତ କ୍ଷେତ୍ରରେ ନିଜସ୍ୱ ବିଚାର ଆଧାରିତ ନ୍ୟାୟ ବ୍ୟବସ୍ଥା ପାଇଁ ଭାରତର ପ୍ରୟାସକୁ ନୂତନ ସମ୍ଭାବନା ଆଡକୁ ନେଇଯିବ । ଦେଶ ନ୍ୟାୟର ଏକ ନୂତନ ଯୁଗରେ ପାଦ ଦେବାବେଳେ ନୂତନ ଭାବେ ନିର୍ମିତ 'ଲେଡି ଜଷ୍ଟିସ୍' ନ୍ୟାୟ, ସମାନତା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରମାଣ ଭାବେ ବିଶ୍ୱ ସମ୍ମୁଖରେ ନିଜର ଉପସ୍ଥିତିକୁ ସୁନିଶ୍ଚିତ କରିବାରେ ସଫଳ ରହିବ ।

**ଭୁବନେଶ୍ୱର, ଓଡ଼ିଶା**
Email : rajeshkumartripathygmail.com

# ଚିଠି ଆସିଛି ଚିଠି



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

କିଛି ଦିନ ତଳେ ଜନୈକ ବ୍ୟକ୍ତି ସୋସିଆଲ ମିଡିଆରେ ଲେଖିଥିଲେ, ମୋବାଇଲ କିମ୍ବା କମ୍ପ୍ୟୁଟର କିବୋର୍ଡରେ ଟାଇପ କରି ଏବେ ସମସ୍ତ କାର୍ଯ୍ୟ ହୋଇଯାଉଛି, ହେଲେ ମୋର ଅଭ୍ୟାସ ଯୋଗୁଁ କାଗଜ ପୃଷ୍ଠାରେ ଲେଖିବା ଛାଡି ପାରୁନି । ଏବେ ଚିନ୍ତା କରନ୍ତୁ ଆଜି କିଛି ଲେଖିବା ପାଇଁ ଆମେ କଣ କରୁଛନ୍ତି? ଆମେ କେତେ ଦିନ, ମାସ କିମ୍ବା ବର୍ଷ ପୂର୍ବେ କଲମ ଧରି କାଗଜରେ କିଛି ଲେଖିଥିଲୁ ? ବୋଧହୁଏ ତାରିଖ କାହାର ମନେ ନଥିବ । ଏବେ ଛୋଟ ବଡ଼ ସମସ୍ତ କାମ ମୋବାଇଲରେ ହେଇଯାଉଛି । ମେସେଜ ପଠାଇବା, ଆକାଉଣ୍ଟ ତିଆରି କରିବା, ଡାଏରୀ କିମ୍ବା ଚିଠି ଲେଖିବା ପର୍ଯ୍ୟନ୍ତ ସବୁ କିଛି ହାତ ଆଙ୍ଗୁଠିରେ ହୋଇଯାଏ । ଟେକ୍ନୋଲୋଜି ପ୍ରତି ଏଭଳି ନିଶା ଆରମ୍ଭ ହୋଇଥିବାବେଳେ କଲମ ଓ କାଗଜ କଥା କିଏ ବା ମନେ ରଖିବ?

ଏକ ସମୟ ଥିଲା ଯେତେବେଳେ ପିଲାଙ୍କ ଜନ୍ମ ତାରିଖ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବା ପାଇଁ ସେସବୁକୁ ନୋଟବୁକରେ କିମ୍ବା ଡାଇରୀରେ ଲେଖାଯାଉଥିଲା । ଆମ ମାଆ ହୁଅନ୍ତୁ କି ଜେଜେମାଆ, ସେମାନେ ବିବାହ ଗୀତଠାରୁ ଆରମ୍ଭ କରି ଢଗଢମାଳି, ଗୀତା ଭାଗବତ ପାଟିରେ ପ୍ରାଞ୍ଜଳ ଭାବେ ଶୁଣାଉଥିଲେ, କେହିକେହି ଝିଅମାନେ ଏହାକୁ ଡାଏରୀ, ନୋଟ୍ ବୁକ୍‌ରେ ଲେଖି ରଖୁଥିଲେ । ମୋବାଇଲ୍ ଯୁଗ ଆସିବା ପର୍ଯ୍ୟନ୍ତ ଅନେକ ଲୋକ ନିଜ ଡାଏରୀରେ ଗୀତ, କବିତା, ଗଜଲ, ବଡ଼ ବଡ଼ ଲୋକଙ୍କ କଥା ଓ ନିଜର କିଛି ସଂଗୋପିତ କଥା ଲେଖି ରଖୁଥିଲେ ।

ନୂଆ ବର୍ଷ ଆସିବା ମାତ୍ରେ କିଶୋର ବୟସର ପିଲାମାନେ ନିଜ ବାପାଙ୍କୁ ଡାଏରୀ ମାଗୁଥିଲେ, ଯାହାଦ୍ୱାରା ସେମାନେ ନୂଆ ବର୍ଷର ନୂଆ ଅନୁଭୂତି ଓ କିଛି ନୂଆ ଅନୁଭବ ଡାଏରୀରେ ଲେଖି ରଖିପାରିବେ । ଝିଅ ବୋହୁମାନେ ଆଚାର, ପାପଡ଼ ତିଆରି କରିବାର ପଦ୍ଧତି ଓ ଅନେକ ରୋଷେଇ ପ୍ରସ୍ତୁତି ସମ୍ପର୍କରେ ଲେଖିଥାନ୍ତି । ଖାଲି ସମୟରେ ଯେତେବେଳେ ପୁରୁଣା ଡାଏରୀର ପୃଷ୍ଠାଗୁଡ଼ିକ ଓଲଟା ହୁଏ, ଲାଗେ ସତେ ଯେମିତି କିଛି ମୂଲ୍ୟବାନ ଜିନିଷ ଦେଖିବାକୁ ମିଳୁଛି । ବର୍ଷ ବର୍ଷ ପୂର୍ବେ ଯାହା ଲେଖାଥିଲା, ତାହାକୁ ପୁନଃ ପଢ଼ିବା ଦ୍ୱାରା ସମାନ ଅନୁଭବ ଫେରିଆସେ । ଡାଏରୀରେ ଅନ୍ୟର କବିତା ଲେଖିବା ଓ ପଢ଼ିବା ବେଳେ ନିଜେ କିଛି ଲେଖିବାକୁ ପ୍ରେରଣା ମିଳେ ।

କେହି କିଛି ଲେଖନ୍ତୁ ବା ନ ଲେଖନ୍ତୁ , ଚିଠି ନିଶ୍ଚୟ ଲେଖୁଥିଲେ । ସରଳ ଭାଷାରେ ଲେଖାଯାଇଥିବା ଚିଠିଗୁଡ଼ିକ ଯେତିକି ଘନିଷ୍ଠ ସେତିକି ସ୍ୱଦେଶୀ ସଭ୍ୟତା ସଂସ୍କୃତିର ବାହକ ଥିଲା ।

ଚିଠିରେ ବ୍ୟବହାରିକ ଶବ୍ଦରେ କାହାରିକୁ ମାନନୀୟ, ସମ୍ମାନ, ଶ୍ରଦ୍ଧେୟ, ସ୍ନେହର, ପ୍ରିୟ, ଗୁରୁଜନ ଲଘୁଜନଙ୍କୁ ସମ୍ମାନ ପୁଣି ଶେଷରେ 'ଇତି ତୁମର', ଇତ୍ୟାଦି ଶବ୍ଦ ସଂଯୋଜନାରେ ଚିଠିର ଭାଷା ପରକୁ ଆପଣେଇବାର ଭାବ ହିଁ ସୃଷ୍ଟି କରୁଥିଲା । ଚିଠିପଢ଼ାରେ ଶବ୍ଦର ଉଚ୍ଚାରଣ ଶୁଣି ଅପେକ୍ଷାରତ ବ୍ୟକ୍ତିମାନେ କୃତ୍ୟକୃତ୍ୟ ହୋଇପଡୁଥିଲେ । କାହାରି ମୁହଁରେ ପ୍ରଶଂସା ତ କାହାରି ଆଖି ଲୁହ ଛଳଛଳ ହୋଇପଡୁଥିଲା । ପୁଣି କିଏ ଅଭିମାନରେ ଲାଜେଇ ଯାଉଥିଲା । ତେବେ ଚିଠି କେତେ ନୀରବ ଗୋପନ ପରଶ ଘେନିଆସେ ତାହା ସେଇ ଚିଠିରୁ ହିଁ ଜଣାପଡ଼େ । ଚିଠି ଅତି ଆପଣାର । ଅତି ଗୋପନୀୟ ।

ଅକ୍ଷରର ପ୍ରତ୍ୟେକ ଶବ୍ଦରେ ଭାବନାର ଆତ୍ମୀୟତା ରହିଥିଲା । ଲୋକମାନେ ନିଜ ପ୍ରିୟଜନଙ୍କ ଚିଠିକୁ ସାଇତି ରଖୁଥିଲେ ।

ମୃତ୍ୟୁ ପରେ ବୃଦ୍ଧଙ୍କ ବକ୍ସ ଖୋଜିବା ପରେ ସେଥିରୁ ଅନେକ ପୋଷ୍ଟ କାର୍ଡ ଅନ୍ତର୍ଦେଶୀୟ ପତ୍ର ବାହାରେ । ବଡ଼ ବଡ଼ ଲୋକଙ୍କ ଚିଠିକୁ ଆଜି ବି ଦେଶର ଐତିହ୍ୟ ଭାବେ ବିବେଚନା କରାଯାଏ । ସେଗୁଡ଼ିକର ଉପଯୁକ୍ତ ଅଧ୍ୟୟନ ଓ ବିଚାର କରାଯାଏ । ଯଦି କୌଣସି ବଡ଼ ବ୍ୟକ୍ତି ସାଧାରଣ ଲୋକଙ୍କ ହାତରେ ଚିଠି ଲେଖିଥାନ୍ତି, ତେବେ ସେହି ଚିଠି ତାଙ୍କ ମୂଲ୍ୟବାନ ସମ୍ପତ୍ତିର ଏକ ଅଂଶ ପାଲଟିଯାଏ । ଏହାକୁ ସେ ସାରା ଜୀବନ ସାଇତି ରଖିଥାଆନ୍ତି । ହେଲେ ମେସିନ୍ ଭାଷାରେ, ଜୀବନ୍ତ ଭାବନାର ଅଭାବ ରହିଛି । ଆମେ କେବଳ ଚିଠିର ତଳଭାଗରେ ଥିବା ଦସ୍ତଖତକୁ ଦେଖି ସନ୍ତୁଷ୍ଟ ।

କାଗଜରେ କଲମରେ ଚିଠି ଲେଖିବାର ଅଭ୍ୟାସ ଏବେ ବିଲୁପ୍ତ ପ୍ରାୟ । ଉଦୁଉଦିଆ ଖରାବେଳେ ସାଇକେଲ ବେଲକୁ –କ୍ରିଂ...କ୍ରିଂ ବଜାଇ ଡାକବାଲା ଡାକେ ଚିଠି ଆସିଛି ଚିଠି ଚିଠି, ଡାକଶୁଣି ଘରୁ ବାହାରି ଆସି, ଡାକବାଲାଙ୍କ ହାତରୁ ଚିଠିଟିଏ ନେବାବେଳେ ମନରେ ବଢ଼ିଯାଏ ଆବେଗ ଓ ଉତ୍କଣ୍ଠା । ଏବେ ନା ଅଛି ସେ ସାଇକେଲ୍ ବେଲ୍, ନା ଡାକବାଲା, ନା ସେ ସୁମଧୁର ଡାକ, 'ଚିଠି ଆସିଛି ଚିଠି' ।

ସତ କହିବାକୁ ଗଲେ ଲେଖିବା ଏକ କଳା । ଜରୁରୀ ନୁହେଁ ଯେ ଲେଖିବା ପାଇଁ ଜଣେ ଲେଖକ କିମ୍ବା ଲେଖିକା ହେବା ଦରକାର । ଯେତେବେଳେ ଆମେ କାଗଜରେ କିଛି ଲେଖିଥାଉ, ସେତେବେଳେ ଆମେ ତାହାକୁ ଆମ ସ୍ମୃତିରେ ଗଭୀର ଭାବରେ ଚିହ୍ନିତ କରିଥାଉ । ଲେଖିବା ଆମ ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ, ଲେଖିବା ସମୟରେ ଆମର ମସ୍ତିଷ୍କ ଏକାଗ୍ର ହୋଇଥାଏ । ଯେମିତି ଆମେ କଲମ ଓ କାଗଜରେ ଶୃଙ୍ଖଳିତ ଭାବରେ ଲେଖିବାକୁ ବସିଥାଉ, ଠିକ୍ ସେମିତି ଆମ ମନ ମଧ୍ୟ ନିଜ ଭିତରେ ଲେଖାଯାଉଥିବା ଜିନିଷକୁ ସଂଗଠିତ କରେ ।

ଏକ ପ୍ରକାରରେ ଦେଖିଲେ, ଏହା ଆମ ମସ୍ତିଷ୍କ ପାଇଁ ବ୍ୟାୟାମ ମଧ୍ୟ । ନୂଆ ଜ୍ଞାନକୌଶଳ ଲୋକଙ୍କୁ ଲେଖିବାରୁ ବଞ୍ଚିତ କରୁଛି । ଲେଖିବାରୁ ବିରତି ପାଇ ବା ବିରତି ନେଇ ଆମେ ମଧ୍ୟ ଖୁସି । ଏହି ଛୁଟିର କିଛି ଫାଇଦା ରହିଥିଲେ ବି ଆମେ ଅନେକ କିଛି ହରେଇବାକୁ ବସିଛନ୍ତି । ଲାଗୁଛି ଏହି ଛୁଟି କ୍ରମାଗତ ଭାବରେ ଶିକ୍ଷଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି । ଧୀରେ ଧୀରେ ଆମର ଜ୍ଞାନ ମଧ୍ୟ ଅଚଳ ହେବାରୁ ଲାଗିଛି ।

କ୍ରମାଗତ ଭାବରେ ଆମର ଜ୍ଞାନର ବିକାଶ କରିବା ପରିବର୍ତ୍ତେ, ଆମେ ଇଣ୍ଟରନେଟ ଉପରେ ନିର୍ଭରଶୀଳ ହୋଇଛୁ । ଏହା ହେଉଛି ସବୁଠାରୁ ବଡ଼ କ୍ଷତି, ଯାହା ଘଟିଛି ଏବଂ ଜାରି ରହିଛି । ଲେଖିବା ଦ୍ୱାରା ଆମ ମସ୍ତିଷ୍କର ତୀକ୍ଷ୍ଣତା ବଢ଼ିଥାଏ । ଆମର ବୁଝାମଣାର ପରିସର ବଢିଥାଏ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଢ଼ିବା ଓ ଲେଖିବା ପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି ହୁଏ ।

**ନୟାଗଡ଼,**
**ମୋ–୯୪୩୭୬୪୨୯୪୭**

# ଖୋଲା ହସ

**ହସିବା ସ୍ୱାସ୍ଥ୍ୟ ପାଇଁ ବହୁତ ଜରୁରୀ । କିନ୍ତୁ ଆଜିର ବ୍ୟସ୍ତବହୁଳ ଜୀବନରେ ଏମିତି ଲାଗୁଛି ହସିବା ପାଇଁ କାହା ପାଖରେ ଯେପରି ସମୟ ନାହିଁ । ହସ ମଣିଷକୁ ଖୁସି ରହିବା ଶିଖାଏ । ରକ୍ତଚାପଠାରୁ ଆରମ୍ଭ କରି ବିଭିନ୍ନ ବିଭିନ୍ନ ରୋଗରୁ ଉପଶମ ମଧ୍ୟ ଦିଏ ହସ ।**

ଶିଶୁଟିର କଅଁଳ ମୁହଁର ହସ କେବଳ ମାଆବାପାଙ୍କୁ ନୁହେଁ, ସମସ୍ତଙ୍କୁ ଖୁସି ଦିଏ । ହେଲେ ସେହି ଶିଶୁ ବଡ଼ ହେଲେ ତା' ମୁହଁରୁ ହସ ଅନେକାଂଶରେ ଉଭେଇ ଯାଏ । ସତେ ଯେମିତି ବୟସ ବଢ଼ିଲେ ଅବସାଦପୂର୍ଣ୍ଣ ହୋଇପଡୁଛି ଜୀବନ । ବ୍ୟସ୍ତତାପୂର୍ଣ୍ଣ ଜୀବନ ଭିତରେ କାହା ମୁହଁରୁ ହୃଦୟର ହସ ଟିକେ ଦେଖିବା କଷ୍ଟକର ହୋଇପଡୁଛି । ମାନସିକ ଚାପ ଏତେ ବଢ଼ି ଯାଉଛି ଯେ ସବୁ ବର୍ଗର ମଣିଷ ଆଜି ଦୁଃଖ, କଷ୍ଟ, ଯନ୍ତ୍ରଣାର ଶିକାର । ହସିବା ସ୍ୱାସ୍ଥ୍ୟ ପାଇଁ ବହୁତ ଜରୁରୀ । କିନ୍ତୁ ଆଜିର ବ୍ୟସ୍ତବହୁଳ ଜୀବନରେ ଏମିତି ଲାଗୁଛି ହସିବା ପାଇଁ କାହା ପାଖରେ ଯେପରି ସମୟ ନାହିଁ । ହସ ମଣିଷକୁ ଖୁସି ରହିବା ଶିଖାଏ । ରକ୍ତଚାପଠାରୁ ଆରମ୍ଭ କରି ବିଭିନ୍ନ ବିଭିନ୍ନ ରୋଗରୁ ଉପଶମ ମଧ୍ୟ ଦିଏ ହସ । ହସ ଜଣଙ୍କଠାରୁ ଅନ୍ୟଜଣଙ୍କୁ ସହଜରେ ବ୍ୟାପୁଥିବା ଏକ ସରଳ ବେମାରୀ । ଅର୍ଥାତ୍ ଜଣେ ହସୁଥିବା ଦେଖି, ଆମେ ଅନ୍ୟଜଣେ ହସି ଉଠୁ । ହସ ଶରୀରରୁ ଷ୍ଟ୍ରେସ୍ ହର୍ମୋନ୍ କମାଏ ।

ଫଳରେ ଅବସାଦ, ଚିନ୍ତା ଆଦି ବିଭିନ୍ନ ମାନସିକ ରୋଗରୁ ମଣିଷକୁ ମୁକ୍ତି ଦିଏ । ହସ ଏକ ୨୪ କ୍ୟାରେଟ୍ ସୁନା ଭଳି । ଏଥିରେ ଖାଦ ନଥାଏ । ଯଦି ହସରେ ଛଳନା ମିଶେ, ତାହା ସାଙ୍ଗେ ସଙ୍ଗେ ଜଣାପଡ଼ିଯାଏ । ଦୁଃଖ ମଣିଷର ସହଯାତ୍ରୀ ହୋଇଥିବାବେଳେ, ସେଇ ଦୁଃଖ ଭିତରେ ମଧ୍ୟ ହସିବା ଉଚିତ । ସେ ପୁଣି ଖାଲି ହସ ନୁହେଁ, ନିରୁତା ହସ । ତେବେ ଯାଇ ଦୁଃଖ ଦୂର ହୋଇପାରିବ । ଆଜିର ସୋସିଆଲ ମିଡିଆ ଯୁଗରେ ପରସ୍ପର ସହ ମିଶି ହସିବା, ସମୟ ବିତାଇବା ବହୁତ କମିଯାଇଛି । ମଣିଷ ମେଳରେ ଥାଇ ବି ହସ ଖୋଜୁଛି ମଣିଷ । ପିଲା ଟିକେ ବଡ଼ ହେଉ ହେଉ ପାଠପଢ଼ାର ଚାପ । ପରେ ଚାକିରି । ଏଭଳି ଭାବେ ପିଲାଟିଏ ଆଜିର ଦିନରେ ହସିବା ଏକରକମ ଭୁଲିଗଲାଣି । ହସ ମନୁଷ୍ୟର ଚେହେରାର ସୌନ୍ଦର୍ଯ୍ୟକୁ ମଧ୍ୟ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରେ । ହସ ସମ୍ପର୍କକୁ ଦିଏ ନୂଆ ପରିଚୟ ।

ବାସ୍ତବରେ ତମାମ ଅଧୁରାପଣ, ଦୁଃଖ, ଲୁହ, ଶୋକ, ମାନସିକ ଦୁଶ୍ଚିନ୍ତା, ସମସ୍ୟା, ଅଭାବ, ପ୍ରେମ, ବିଚ୍ଛେଦ, ମୋହ ଭିତରେ ମଣିଷ ହସିବାକୁ ଭୁଲି ଯାଉଛି । କଠିନ ପରିସ୍ଥିତିରେ ଛୋଟିଆ ହସ ହିଁ ଅନେକ ଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ କଠିନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ହସ ଶରୀର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରେ । ଏହା ସହିତ ମନୁଷ୍ୟର ମନୋବଳକୁ ମଧ୍ୟ ବୃଦ୍ଧି କରାଇଥାଏ । ସେହିପରି ଯନ୍ତ୍ରଣାକୁ ହ୍ରାସ କରିଥାଏ ଏବଂ ଚାପରୁ ମୁକ୍ତି ପ୍ରଦାନ କରିଥାଏ । ମନ ଏବଂ ଶରୀର ମଧ୍ୟରେ ଉତ୍ତମ ସନ୍ତୁଳନ ସୃଷ୍ଟି କରିବାରେ ହସ ସକ୍ଷମ ହୋଇଥାଏ । ଶରୀରକୁ ଶକ୍ତି ମିଳିବା ସହ ଉର୍ଜା ଜାଗ୍ରତ ହୋଇଥାଏ ।

ଆମେ ସୁସ୍ଥ ରହିବା ପାଇଁ ହସିବା ନିହାତି ଦରକାର । କେବଳ ଆମେ ନିଜେ ହସିବା ନାହିଁ ଅନ୍ୟକୁ ମଧ୍ୟ ହସାଇବା । ହସ କୌଣସି ଜିନିଷକୁ ସୁସ୍ଥ କରିପାରିବ ନାହିଁ କିମ୍ବା ସମାଧାନ କରିପାରିବ ନାହିଁ, କିନ୍ତୁ ଏହା ସବୁକିଛି ସୁସ୍ଥ କରିବାରେ ସାହାଯ୍ୟ କରିଥାଏ । ଏହା ଏପରି ଏକ ଦିନ ଯେଉଁଠାରେ ଲୋକମାନେ କିଛି ଚାପରୁ ମୁକ୍ତି ପାଇପାରିବେ ଏବଂ ହସିବେ । ବ୍ୟକ୍ତି ମଧ୍ୟରେ ସକାରାତ୍ମକ ଉର୍ଜା ସଂଚାର କରେ । ଏହା ଦ୍ୱାରା ବ୍ୟକ୍ତି ସଂସାରରେ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରେ । ହସିବା ଦ୍ୱାରା ଭାରାକ୍ରାନ୍ତ ଥିବା ମନ ହାଲକା ହୋଇ ଯାଇଥାଏ । ଫଳରେ ମନରେ ସକାରାତ୍ମକ ଚିନ୍ତାଧାରା ଆସିଥାଏ ।

**ରବିନାରାୟଣ ପଟ୍ଟନାୟକ**
**ପଟିଆ, ଭୁବନେଶ୍ୱର**
**ମୋ–୯୯୩୮୧୧୩୨୨୬**

# ବିଶ୍ୱାସର ପ୍ରଦୀପ

ସମସ୍ତେ ଆଗକୁ ବଢ଼ିବାକୁ ଇଚ୍ଛା କରନ୍ତି । ଆଗକୁ ବଢ଼ିବା ପାଇଁ କଠିନ ପରିଶ୍ରମ, ଆତ୍ମବିଶ୍ୱାସ, ଧୈର୍ଯ୍ୟଶୀଳତା ଓ ସହନଶୀଳତାର ଆବଶ୍ୟକତା ରହିଛି । ଯିଏ ପ୍ରୟାସରେ ବିଶ୍ୱାସ କରେ, ସେ କଠିନ କାମ କରିବାକୁ ପଛଘୁଞ୍ଚା ଦିଏ ନାହିଁ । ପ୍ରଗତିର ଶୀର୍ଷରେ ସେମାନେ ପହଞ୍ଚିପାରନ୍ତି, ଯେଉଁମାନେ ପୁରୁଷାର୍ଥରେ ଆସ୍ଥା ରଖନ୍ତି ଏବଂ ବଞ୍ଚିବାର କୌଶଳକୁ ଭଲ ଭାବରେ ଅନୁଭବ କରିପାରନ୍ତି ।

ଏପରି ଚିନ୍ତାଧାରା ହିଁ ଏକ ସଫଳ, ସନ୍ତୁଳିତ ଓ ଅର୍ଥପୂର୍ଣ୍ଣ ଜୀବନର ପାବଚ୍ଛ । ସଫଳତାର ରହସ୍ୟ ଖାଲି ଜାଣିଲେ ହେବ ନାହିଁ, ତାକୁ ଆମେ କାର୍ଯ୍ୟରେ କରି ଦେଖାଇବାକୁ ପଡ଼ିବ । ପ୍ରଗତିଶୀଳ ଚିନ୍ତାଧାରାରେ ଖାଲି ଇଚ୍ଛା ରଖିଲେ କିଛି ମିଳିବ ନାହିଁ । ସେହି ଇଚ୍ଛାକୁ ପୂରଣ କରିବା ଦିଗରେ ଆମକୁ ପଦକ୍ଷେପ ନେବାକୁ ପଡ଼ିବ । ଆମେ କଥାରେ ନ କହି, ତାହାକୁ କାର୍ଯ୍ୟରେ ପରିଣତ କରିବା । ବର୍ତ୍ତମାନ ଆମକୁ ବହୁତ କିଛି କରିବାର ଅଛି, କିନ୍ତୁ ଆମେ କିଛି କରୁନାହୁଁ । ପରିଶ୍ରମୀ ବ୍ୟକ୍ତି ଯଦି ସହିଷ୍ଣୁ ଓ ସାହସିକ ନ ହେବେ, ତେବେ ସେ ମଝି ରାସ୍ତାରେ ଅଟକି ଯିବେ । ଅସହିଷ୍ଣୁତା ଏବଂ ଅବିଶ୍ୱାସ ଦ୍ୱାରା ପୁରୁଷାର୍ଥ ରୂପକ ପ୍ରଜ୍ୱଳିତ ଅଗ୍ନି ପ୍ରଶମିତ ହୋଇଯିବ । ଏମିତି ଅନେକ ବ୍ୟକ୍ତିତ୍ୱ ଅଛନ୍ତି... ଯେଉଁମାନଙ୍କର ସାହସ, କଠିନ ପରିଶ୍ରମ, କାମ କରିବାର ଉତ୍ସାହ ଆଗ୍ରହ ଥିଲେ ମଧ୍ୟ...ସେମାନଙ୍କର ସହନଶୀଳତା ଓ ଆତ୍ମବିଶ୍ୱାସର ଅଭାବ ଯୋଗୁଁ ସେମାନେ ଆଗେଇ ପାରନ୍ତି ନାହିଁ । ତାଙ୍କର ଉତ୍ସାହ ଏହିସବୁ କାରଣରୁ ତାଙ୍କୁ ନିରୁତ୍ସାହିତ କରୁଛି । ବିଶେଷ ଭାବରେ ଏହାର ମୁଖ୍ୟ କାରଣ ହେଉଛି – ଅସଫଳତା, କୁଣ୍ଠା ଓ ନୈରାଶ୍ୟ ଭାବ । ଯଦି ଜଣେ ବ୍ୟକ୍ତି ନିଜକୁ ଶୀଖର ପ୍ରଦେଶରେ ପହଞ୍ଚିବାର ଲକ୍ଷ୍ୟ ରଖିବ, ତେବେ ତାକୁ ଦରକାର ପ୍ରଗାଢ ଆତ୍ମବିଶ୍ୱାସ, ପୁରୁଷାର୍ଥ ଏବଂ ଦୁଃଖଗୁଡିକୁ ସହ୍ୟ କରି... ନିଜ ଭିତରେ ନୂତନ ଆସ୍ଥା ସଞ୍ଚାର କରିବା । ଶ୍ରଦ୍ଧାହୀନ ବ୍ୟକ୍ତି ଜ୍ଞାନ ପ୍ରାପ୍ତ କରିପାରିବ ନାହିଁ । ଜ୍ଞାନ ବିନା ଜଣେ ସଚ୍ଚୋଟ ବ୍ୟକ୍ତି ହୋଇପାରିବ ନାହିଁ । ନୈତିକ ଜ୍ଞାନ ବିନା ଆତ୍ମାର ବିକାଶ ହୋଇପାରିବ ନାହିଁ । ସେ କ୍ଷେତ୍ରଟି... ଧର୍ମର ହେଉ କି ବିଜ୍ଞାନର... ଆସ୍ଥା ବିନା ଧାର୍ମିକ କ୍ଷେତ୍ରରେ ହେଉ କି ବିଜ୍ଞାନ କ୍ଷେତ୍ରରେ ଅବା କର୍ମ କ୍ଷେତ୍ରରେ... ସେ ସଫଳତା ପାଇ ପାରିବ ନାହିଁ । ଆସ୍ଥାହୀନତା : ପଥ ଭୁଲି ଯାଇଥିବା ବାଟୋଇ ପାଇଁ ଏକ ପ୍ରକାର ନିମନ୍ତ୍ରଣର ମାର୍ଗ । ଭ୍ରମଣର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ବିଶ୍ୱାସର ପ୍ରଦୀପକୁ ଆମେ ହାତରେ ରଖିବାକୁ ପଡିବ । ତେବେ ଯାଇ ଶୀଖର ପ୍ରଦେଶରେ ପହଞ୍ଚି ପାରିବା ।

**ଲଳିତ ମୋହନ ମିଶ୍ର,**
**ନୟାଗଡ଼,ମୋ–୯୪୩୭୯୮୫୮୬୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

### ସମ୍ବଲପୁର ପଡ଼ିଆବାହାଲରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦଘାଟିତ

# ଗରିବ ଓ ବଞ୍ଚିତ ଲୋକଙ୍କ ସ୍ୱାସ୍ଥ୍ୟସେବାକୁ ସୁବିଧାଜନକ କରିବା ଆମ ସରକାରର ଲକ୍ଷ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁରରେ ସ୍ୱାସ୍ଥ୍ୟସେବାକୁ ମଜଭୁତ୍ କରିବା ପାଇଁ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ସେହି ଶୃଙ୍ଖଳାରେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ପଡ଼ିଆ ବାହାଲ ଠାରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଭବନ ଏକ ବଡ ଉପଲବ୍ଧି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପଡ଼ିଆବାହାଲ ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମରେ ନାମିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବଡ ଦାୟିତ୍ୱ ଅଛି । ସ୍ଥାନୀୟ ଅଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ଲୋକାର୍ପିତ ହୋଇଥିବା ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ଅନେକ ଲୋକମାନେ ଉପକୃତ ହୋଇପାରିବେ । ଗରିବ ଓ ବଞ୍ଚିତ ଲୋକଙ୍କ ସ୍ୱାସ୍ଥ୍ୟସେବାକୁ କେମିତି ସୁବିଧାଜନକ କରାଯିବ, ସେଥିପାଇଁ ଆମ ସରକାର ଦାୟିତ୍ୱ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍ – ସବକା ବିକାଶ'କୁ ପ୍ରାଥମିକତାରେ ରଖି ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେଉଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଗ୍ରାମାଞ୍ଚଳରେ ଆଶା ଦିଦିଙ୍କର ଭୂମିକାକୁ ପ୍ରଶଂସା କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟରେ ପ୍ରାକୃତିକ ଦୁର୍ବିପାକ ଓ ମହାମାରୀ ସମୟରେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଦିଗରେ ଆଶା ଦିଦିମାନେ ବଡ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ନିକଟରେ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ଆଶା ଦିଦି ଶିବାନୀ ମଣ୍ଡଳ ବାତ୍ୟା ସମୟରେ ବୟସ୍କା ମହିଳାଙ୍କୁ ପିଠିରେ ବୋହି ଆଶ୍ରୟସ୍ଥଳକୁ ଆଣି ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି । ଆଜି ଜନ୍ମ ନେଉଥିବା ପିଲା ୨୦୪୭ ବା ଆଉ ୨୪ ବର୍ଷ ପରେ ସମ୍ବଲପୁର ସମେତ ଦେଶର ଦାୟିତ୍ୱ ନେବ । ତେଣୁ ବର୍ତ୍ତମାନ ସମୟରୁ ସେମାନଙ୍କର ସୁରକ୍ଷା ଓ ଦାୟିତ୍ୱ ଆମକୁ ନେବାକୁ ହେବ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜିଲ୍ଲା ଚିକିତ୍ସାଳୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଅଣାଯିବ । ଆଶା ଦିଦିଙ୍କ ସହଯୋଗରେ ହିଁ ଗର୍ଭବତୀ ମହିଳା, ଶିଶୁ ସ୍ୱାସ୍ଥ୍ୟାବସ୍ଥା ତଥା ସମ୍ବଲପୁର ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିବ । ସେମାନଙ୍କ ଯୋଗଦାନ ବିନା ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ ମଧ୍ୟ ଉପସ୍ଥିତ ଥିଲେ ।



### ବିଧାୟକଙ୍କ ଗଣମାଧ୍ୟମ ସଂଯୋଜକ ହେଲେ ସୂର୍ଯ୍ୟ



ଖୋର୍ଦ୍ଧା, (ସବ୍ୟୁ): ସାମ୍ବାଦିକ ସୂର୍ଯ୍ୟ ନାରାୟଣ ମହାନ୍ତି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଗଣମାଧ୍ୟମ ସଂଯୋଜକ ଭାବେ ଆଜିଠାରୁ ଦାୟିତ୍ୱ ନେଇଛନ୍ତି । ଆଜି ବିଧାୟକ ଜଗଦେବ ଔପଚାରିକଭାବେ ସୂର୍ଯ୍ୟଙ୍କୁ ନିଜର ମିଡ଼ିଆ ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି । ବିଧାୟକଙ୍କ ଗଣମାଧ୍ୟମ ସଂଯୋଜକଭାବେ ସୂର୍ଯ୍ୟଙ୍କ ନିଯୁକ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ପିଏନ୍ କଲେଜରେ ପୁଲିସ୍–ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ସବ୍ୟୁ) ସ୍ଥାନୀୟ ପିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୁଲିସ୍- ଯୁବ ଛାତ୍ରଛାତ୍ରୀଙ୍କ ପାରସ୍ପରିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାହା ପ୍ରୋଜେକ୍ଟ ସମ୍ପର୍କ ର ଅଂଶ ଭାବରେ ଯୁବକ ଏବଂ ଆଇନ ଶୃଙ୍ଖଳା ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବା ଉପରେ ପର୍ଯ୍ୟବେସିତ ଥିଲା । ମହାବିଦ୍ୟାଳୟ ଅର୍ଥନୀତିର ମୁଖ୍ୟ ପ୍ରଫେସର ସୁଭେନ୍ଦୁ ମହାନ୍ତି ସଭାପତିତ୍ୱ ରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ଏସପି ସାଗରିକା ନାଥ ଯୋଗଦେଇ ଆଇନ ପାଳନ, ମାନସିକ ସୁସ୍ଥତା ଏବଂ ସୁରକ୍ଷିତ ସୋସିଆଲ୍ ମିଡିଆ ଅଭ୍ୟାସ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଏଥିସହିତ ଟ୍ରାଫିକ ଆଇନର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେମାନଙ୍କ ସଶକ୍ତିକରଣକୁ ବଂଚାଇବା ପାଇଁ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ସହିତ ଅନୁପାଳନ ଏବଂ କ୍ୟାରିୟର ବିକାଶ ଉପରେ ଆଲୋଚନା କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବୋନିଦିନି ମିଶ୍ର ନାଗରିକ ଦାୟିତ୍ୱବୋଧ ଏବଂ ପାରସ୍ପରିକ ସମ୍ମାନ ପ୍ରତିପୋଷଣରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଦୁଇ ପ୍ରତିଜ୍ଞାକାରୀ ଯୁବ ଆଥଲେଟ୍ ସାମସାଦ ଆରା ବେଗମ୍ ଏବଂ ସାନାୟା ଆରା ବେଗମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।



ଭୁବନେଶ୍ୱରରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ସ୍ନାତକ ସାମସାଦ ରାଜ୍ୟ ତଥା ଜାତୀୟ ପ୍ରତିଯୋଗିତାରେ ନିଜକୁ ଅଲଗା କରି ୫୦୦୦ ମିଟର ଏବଂ ୧୦,୦୦୦ ମିଟର ଇଭେଁଟ ରେ ଏକାଧିକ ପଦକ ଜିତିଛନ୍ତି । ଯେଉଁଥିରେ ୬୭ତମ ଓଡିଶା ରାଜ୍ୟ ଆଥଲେଟିକ୍ ମିଟ୍ ରେ ସ୍ୱର୍ଣ୍ଣ ମଧ୍ୟ ରହିଛି।ରାଜ୍ୟ ସ୍ତରରେ ୪୦୦ ମିଟର ଇଭେଁଟ ରେ ବ୍ରୋଞ୍ଜ ପଦକ ହାସଲ କରି ହଳଦିଆ କଲେଜର ବିଜ୍ଞାନ ଛାତ୍ର ସନାୟା ମଧ୍ୟ ଆଥଲେଟିକ୍ସରେ ବୃଦ୍ଧି ପାଉଥିବା ପ୍ରତିଭା ଅଟନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡିଏସପି ପ୍ରଶାନ୍ତ କୁମାର ମାଝୀ ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥିଲେ । ଶେଷରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଣବ କିଶୋର ମହାନ୍ତିଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି, ଏସଡିପିଓ ଅନିଲ କୁମାର ମହାନ୍ତି, ଶିଳ୍ପାଂଚଳ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର, ଅନ୍ୟ ପୁଲିସ୍ କର୍ମଚାରୀ, କଲେଜ କର୍ମଚାରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ।

### ୱାର୍ଲଡ ଟ୍ରାଭେଲ ମାର୍କେଟରେ ଓଡ଼ିଶାର ଗୁରୁତ୍ୱ ପ୍ରଚାରିତ ଓ ପ୍ରସାରିତ

# ଓଡ଼ିଶା ପ୍ରମୁଖ ଗନ୍ତବ୍ୟ ସ୍ଥଳ ଭାବରେ ଉପସ୍ଥାପିତ, ବିଶ୍ୱସ୍ତରୀୟ ଟ୍ରାଭେଲ ଏଜେନ୍ସି ସହ ମତ ବିନିମୟ

ଭୁବନେଶ୍ୱର, (ସବ୍ୟୁ): ଲଣ୍ଡନଠାରେ ଚାଲିଥିବା ୱାର୍ଲଡ ଟ୍ରାଭେଲ ମାର୍କେଟରେ ଓଡ଼ିଶା ସରକାରଙ୍କର ପ୍ରତିନିଧିମଣ୍ଡଳୀଙ୍କ ପକ୍ଷରୁ ଉତ୍କର୍ଷ ପ୍ରଦର୍ଶନ ବିଭିନ୍ନ ମହଲରେ ବେଶ୍ ଆଦୃତ ହୋଇପାରିଛି। ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ଉପ ମୁଖ୍ୟମନ୍ତ୍ରୀଶ୍ରୀମତୀ ପ୍ରଭାତୀ ପରିଡ଼ାଏଡିନ୍‌ବର୍ଗ ସ୍ଥିତ କନ୍‌ସୁଲେଟ୍ ଜେନେରାଲଏବଂ ପ୍ରବାସୀ ଭାରତୀୟ ସମାଜ ତଥା ପର୍ଯ୍ୟଟନରେ ପୁଞ୍ଜିନିବେଶ ନିମନ୍ତେ ଆଗ୍ରହୀ ଉଦ୍ୟୋଗୀ ମାନଙ୍କୁ ସାକ୍ଷାତ କରିଛନ୍ତି । ସେ ମଧ୍ୟକ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂଶିକ୍ଷା କ୍ଷେତ୍ରରେ ସମନ୍ୱୟ ରକ୍ଷା ପୂର୍ବକ ଅଗ୍ରଗତି ନିମନ୍ତେ ବିଭିନ୍ନ ବିଶ୍ୱବିଦ୍ୟାଳୟ ସହ ଆଲୋଚନା କରିଛନ୍ତି। ବରିଷ୍ଠ ଅଧିକାରୀଙ୍କୁ ନେଇ ଅନ୍ୟ ଏକ ପ୍ରତିନିଧିମଣ୍ଡଳୀ ଷ୍ଟୋନ୍‌ହେଞ୍ଜ୍ ସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳ ପରିଦର୍ଶନ କରିବା ସହ ସେଠାରେ ଐତିହ୍ୟ ସମ୍ପନ୍ନ କୀର୍ତ୍ତିରାଜିର ସଂରକ୍ଷଣ ତଥା ଅଭିଲେଖ କାର୍ଯ୍ୟକାରିତାର ପଦ୍ଧତି ସମ୍ପର୍କରେ ମତ ବିନିମୟ କରିଥିଲେ। ଏହି ଟ୍ରାଭେଲ ମାର୍କେଟରେ ଥିବା ଓଡ଼ିଶା ପାଭିଲିୟନରେ ବିଜିନେସ୍‌ଟୁ ଗଭର୍ଣ୍ଣମେଣ୍ଟ ଓ ବିଜିନେସ୍‌ଟୁ ବିଜିନେସ୍‌ର ଲକ୍ଷ୍ୟଭୁକ୍ତ ସହଭାଗୀମାନଙ୍କ ସହିତ ବିଶଦ ଆଲୋଚନା କରାଯାଇଥିଲା। ଏଥିସହିତ ବିଶିଷ୍ଟ ଡେଷ୍ଟିନେସନ ମ୍ୟାନେଜମେଣ୍ଟ କମ୍ପାନୀ ଓ ଖ୍ୟାତିସମ୍ପନ୍ନ ଟୁର୍ ଅପରେଟର ମାନଙ୍କ ସହିତ ରାଜ୍ୟରେ ପର୍ଯ୍ୟଟନର ବିଭିନ୍ନ ଭବିଷ୍ୟତ ଦିଗ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ପ୍ରତିନିଧିମଣ୍ଡଳୀ ପକ୍ଷରୁ ଏକ୍ସପିଡିଆ, ଡିଏଫ୍‌ସିମିଡିଆ, ଇଣ୍ଡିଆଆସିଷ୍ଟ, ଆଭିଆରେସ୍ମ, ଟର୍ଟଲ୍, ଏମ୍‌ଜିପ୍‌ସିଆ, କ୍ୟାରେଟୁରିଜିମ୍, ମାର୍କେଟ୍‌ଲିଡ୍, ନେଚରଟ୍ରେକ୍, ଟ୍ରାଭେଲଆଣ୍ଡଟୁର୍ ୱାର୍ଲଡ, ଆଇଡବ୍ଲ୍ୟୁଟି, କୋଙ୍ଗା, ଆର୍‌ବିଟିଆଡ୍‌ଭେଞ୍ଚର୍ସ, ଏକ୍‌ସୋଡସ୍ ଟ୍ରାଭେଲ୍‌ସ, ତାଲାରିଆରିଜର୍ଟସ୍, ଟ୍ରାଭେଲଷ୍ଟାର୍ସ ହଲିଡେଜ୍, ମାଡାଗାସ୍କର ଟ୍ରେଜର ଆଇଲାଣ୍ଡ, ଏମ୍.ଏମ୍.କେ.ୱାର୍ଲଡ, ଭେଙ୍କିଟ୍ରାଭେଲ, ସିଟିରାଇଜ୍‌ଟୁର୍‌ସ, ହେଜ୍‌ଟ୍ରାଭେଲ, ୱାନ୍‌ଷ୍ଟପ ଟ୍ରାଭେଲ ଆଣ୍ଡ ଟୁର୍‌ସ, ଥିଏଟ୍ରୋଟେକ୍‌ନିକ୍‌ସ, ଲଣ୍ଡନଲାଇଟ୍‌ସ, ଅଲ୍‌ଟିମେଟ୍ ଟ୍ରାଭେଲ କମ୍ପାନୀ, ଟ୍ରାଭେଲ୍‌ସ ସ୍ମାର୍ଟ ଡଟ୍‌ଇନ୍, ଡିଡିପି ପବ୍ଲିକେସନ୍ସ ଓ ସାର୍‌ଜା ଏୟାର ପୋର୍ଟ ଟ୍ରାଭେଲ ଏଜେନ୍ସି ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଐତିହ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିଶେଷତ୍ୱ ଓ ପର୍ଯ୍ୟଟନ ସମ୍ପଦ ନେଇ ରାଜ୍ୟ ପର୍ଯ୍ୟଟନର ଭବିଷ୍ୟତ ସମ୍ପର୍କରେ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ବିଚାରବିମର୍ଶ କରାଯାଇଥିଲା। ଦ୍ୱିତୀୟ ଦିବସର ଶେଷ କାର୍ଯ୍ୟକ୍ରମ ଐତିହାସିକ କଟିସାର୍କ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତିନିଧିମାନେ ବିଭିନ୍ନ ଶିକ୍ଷାନୁଷ୍ଠାନର ନେତୃମଣ୍ଡଳୀଙ୍କ ସହିତ ନେଟ୍‌ୱାର୍କିଂରେ ମିଳିତ ହୋଇଥିଲେ ।



# ସ୍କୋଡା ଅଟୋ ଇଣ୍ଡିଆ ଉନ୍ମୋଚନ କଲା ସମ୍ପୂର୍ଣ୍ଣ ନୂତନ କୈଲାକ

ଭୁବନେଶ୍ୱର (ସବ୍ୟୁ): ଏହାର ବହୁ ପ୍ରତୀକ୍ଷିତ ଏସୟୁଭି କୈଲାକକୁ ଭାରତ ଓ ବିଶ୍ୱରେ ପ୍ରଥମ ଥର ପାଇଁ ଏହି ଉନ୍ମୋଚନ କରିଛି ସ୍କୋଡା ଅଟୋ ଇଣ୍ଡିଆ । କୈଲାକ ଭାରତରେ ସ୍କୋଡା ଅଟୋ ପାଇଁ ନୂଆ ଯୁଗ ଆରମ୍ଭ କରିଛି କାରଣ ଏହା ନୂତନ ବଜାରରେ ପ୍ରବେଶ କରିଛି ଏବଂ ନୂତନ ଗ୍ରାହକଙ୍କୁ ନିଜ ଆଡକୁ ଆକର୍ଷିତ କରୁଛି । ଚଳିତ ବର୍ଷ ଫେବୃଆରୀରେ ଏହି ଏସୟୁଭିର ଘୋଷଣା ପରେ କମ୍ପାନୀ ଭାରତରେ ଆହୁରି ବିସ୍ତାର କରିବାକୁ ନିଜର ଅଭିଳାଷ ପ୍ରକାଶ କରିଥିଲା । ଚଳିତ ବର୍ଷ ଅକ୍ଟୋବରରେ ସ୍କୋଡା ଅଟୋ ଇଣ୍ଡିଆ କୈଲାକର ପ୍ରି-ପ୍ରଡକ୍ସନ ଭର୍ସନର ଡ୍ରାଇଭ ଆୟୋଜନ କରିଥିଲା । ଆଉ ମାସକ ପରେ ୨୦୨୪ ଡିସେମ୍ବର ୨ରୁ ବୁକିଂ ଆରମ୍ଭ ହେବା ସହ କୈଲାକ ଏବେ ଏହାର ୱାର୍ଲଡ ପ୍ରିମିୟର କରିଛି । ସ୍କୋଡା ଅଟୋର ସିଇଓ କ୍ଲାଉସ ଜେଲମର କହନ୍ତି, ସ୍କୋଡା କୈଲାକ ହେଉଛି ଆମର ପ୍ରଥମ ସବ-୪ ମିଟର ଏସ୍ୟୁଭି, ଯାହା ଆମ ବ୍ରାଣ୍ଡର ଏକ ନୂତନ ପ୍ରବେଶ ପଥ ଭାବରେ ଭାରତ ଏବଂ ଭାରତରେ ଡିଜାଇନ କରାଯାଇଛି। ବିଶ୍ୱର ତୃତୀୟ ବୃହତ୍ତମ କାର ବଜାର ଆମର ଅନ୍ତର୍ଜାତୀୟକରଣ ଯୋଜନାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଏବଂ ନୂତନ ଯାନ ବିକ୍ରିର ୫୦% ଏସ୍ୟୁଭି ରହିଛି । ଆମେ ଚାହୁଁଛୁ କୈଲାକ ନୂତନ ଗ୍ରାହକମାନଙ୍କୁ ସ୍ୱାଗତ କରନ୍ତୁ ଯେଉଁମାନେ ଏହି ଲୋକପ୍ରିୟ ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସେଗମେଣ୍ଟକ୍ଷସ୍ପରେ ନଜର ଆସୁଛନ୍ତି । ଏହାର ଆକର୍ଷଣକୁ ଆହୁରି ବଢ଼ାଇ, କୈଲାକ ଆମର ଆଧୁନିକ କଠିନ ଡିଜାଇନ ଭାଷାର ଭାରତରେ ପଦାର୍ପଣ କରିଛି, ଯେଉଁଥିରେ ନୂତନ ଦୃଶ୍ୟ ଉଚ୍ଚାରଣ ରହିଛି । ଏଥିରେ ବିଭିନ୍ନ ପ୍ରକାର, ରଙ୍ଗ, ବୈଶିଷ୍ଟ୍ୟ ଏବଂ ୨୫ରୁ ଅଧିକ ସକ୍ରିୟ ଏବଂ ନିଷ୍କ୍ରିୟ ନିରାପତ୍ତା ଜ୍ଞାନକୌଶଳର ଷ୍ଟାଣ୍ଡାର୍ଡ ପ୍ୟାକେଜ ରହିଛି । ୭,୮୯,୦୦୦ ଟଙ୍କାର ଅତ୍ୟନ୍ତ ପ୍ରତିଯୋଗିତାମୂଳକ ପ୍ରାରମ୍ଭିକ ମୂଲ୍ୟରେ, କୈଲାକ ହେଉଛି ଭାରତର ସବୁଠାରୁ ସୁଲଭ ସ୍କୋଡା ମଡେଲ । କୈଲାକ ଏହି ସ୍କୋଡା କୈଲାକକୁ ଭାରତ ନାମିତ କରିଛି । କୈଲାକ କଂପାନିର କୋଡିଆକ, ମଧ୍ୟମ ଆକାରର କୁଶାକ ଭଳି ଏସ୍ୟୁଭିର ରୋଷ୍ଟରକୁ ଆହୁରି ବଢ଼ାଇଥାଏ । କୈଲାକରେ ଅନେକ ସେଗମେଣ୍ଟ-ପ୍ରଥମ ରହିଛି । ଯେପରିକି ଡ୍ରାଇଭର ଏବଂ ସମ୍ମୁଖ ଯାତ୍ରୀଙ୍କ ପାଇଁ ଭେଣ୍ଟିଲେସନ ଥିବା ଛଅ-ପାଶ୍ୱର ଇଲେକ୍ଟ୍ରିକ ସିଟ । କୈଲାକରେ ଥିବା ବୁଟ ଏହାର ୪୪୬ ଲିଟର ସେଗମେଣ୍ଟରେ ସର୍ବଶ୍ରେଷ୍ଠ ଅଟେ । ଏହି କାରରେ ଅଟୋ କ୍ଲିମାଟ୍ରୋନିକ ମଧ୍ୟ ରହିଛି, ଯେଉଁଥିରେ ଫ୍ରଣ୍ଟ ସିଟ ପାଇଁ ବୈଦ୍ୟୁତିକ ଭାବେ ସଜଡାଯାଇପାରିବା ଭେଣ୍ଟିଲେସନ ରହିଛି । ଇଲେକ୍ଟ୍ରିକ ସନ୍‌ରୁଫ ସହିତ ଚୟନିତ ପ୍ରକାର ମଧ୍ୟ ଉପଲବ୍ଧ । ସ୍କୋଡା ଅଟୋ ଫୋକ୍ସୱାଗନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପୀୟୁଷ ଅରୋରା କହିଛନ୍ତି, ସ୍କୋଡା କୈଲାକର ବିଶ୍ୱ ପ୍ରିମିୟର ସହିତ ଆଜି ଆମ ଭାରତ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।



# ଗାମ ଠାରେ ସମ ହସ୍ପିଟାଲ୍ ଓ ଭରସା ମିଳିତ ଉଦ୍ୟମରେ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର (ସବ୍ୟୁ) : ସ୍ଥାନୀୟ ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୩ ଓ ଅଣ ସରକାରୀ ସଂଗଠନ 'ଭରସା'ର ମିଳିତ ସହଯୋଗରେ ସୋମବାର ଦିନ ଗାମ ଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗାମ ସ୍ଥିତ ଭାରତୀ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ଏହି ଶିବିରରେ ପ୍ରାୟ ୪୦୦ ଲୋକଙ୍କର ସମାଗମ ହୋଇଥିଲା। ସ୍ଥାନୀୟ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା ନିମନ୍ତେ ଆୟୋଜିତ ଏହି ଶିବିରରେ ନ୍ୟୁରୋଲଜି, ମେଡିସିନ୍, ଏଣ୍ଡୋକ୍ରିନୋଲଜି, ଅର୍ଥୋପେଡିକ୍ସ, ଗାୟନୋକଲୋଜି, ଡର୍ମାଟୋଲଜି, ପେଡିଆଟ୍ରିକ୍ସ, ସାଇକିଆଟ୍ରି, ଅପ୍‌ଥାଲମୋଲୋଜି ଓ ଡେଂଟିଷ୍ଟ୍ରି ବିଭାଗର ଡାକ୍ତରମାନେ ଉପସ୍ଥିତ ଥିଲେ। ଶିବିରର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇ ହସ୍ପିଟାଲର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟସେବା ପହଂଚାଇ ଦିଆଯାଉଛି। ରୋଗୀମାନଙ୍କୁ ଏହି ଶିବିରରେ ଆବଶ୍ୟକୀୟ ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା। ଯୋଗ ଦେଇଥିବା ରୋଗୀମାନେ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ ।

### ନନ୍ଦନକାନନ ଆସିଲା ସିଟିଫରେଷ୍ଟରୁ ଉଦ୍ଧାର ପେଚା

ବାରଙ୍ଗ ,(ସବ୍ୟୁ) : ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ଗୁରୁବାରସନ୍ଧ୍ୟାରେ ସିଟିଫରେଷ୍ଟରୁ ଉଦ୍ଧାର ହୋଇ ୪ଟିପେଚା ଆସିଛି ଛପେଚାମାନଙ୍କର ବୟସ ୩ମାସର ହେବ ବୋଲି ଜଣାପଡିଛି ।ଭୁବନେଶ୍ୱର ଶ୍ରୀୟା ଛକନିକଟରେ ଥିବା ଡ୍ରାଇରେକ୍ଟର ଅଫ ଇମ୍ପ୍ଲୋମେଂଟ କାର୍ଯ୍ୟାଳୟର ଛାତ ଉପରେ ୪ଟିପେଚା ଛୁଆ ଥିବାର କର୍ମଚାରୀମାନେ ଦେଖିବାକୁପାଇଥିଲେ।ଖବରପାଇ ସିଟିଫରେଷ୍ଟର କର୍ମଚାରୀମାନେ ଆସି ୪ପେଚାଛୁଆକୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଛନ୍ତି । ଛୁଆ ପେଚା ଆସିବା ପରେ ନନ୍ଦନକାନନର ଡାକ୍ତରଖାନାରେ ରଖାଯାଇଛି ।

### ଡ୍ରିମ୍‌ସ ମେଡିକାଲ କଲେଜରେ ସ୍ୱାଗତ ଉତ୍ସବ

# ଡାକ୍ତରୀ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ

କଟକ, (ସବ୍ୟୁ): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲର ୨୦୨୪-୨୫ ବର୍ଷରେ ନାମ ଲେଖାଇଥିବା ନୂତନ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ ହ୍ୱାଇଟ୍‌କୋଟ୍ ସେରିମନି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବକୁ ଆଭାସୀରେ ଉଦଘାଟନ କରବା ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଡାକ୍ତରୀ ଶିକ୍ଷା-ଗବେଷଣାର ଗୁରୁତ୍ୱ ଓ ଏହାକୁ ବୃତ୍ତି ଭାବରେ ଗ୍ରହଣ କରିବାର ଲକ୍ଷ୍ୟ ରଖିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ସମାଜରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ବୋଲି ଉଲ୍ଲେଖ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଡାକ୍ତରୀ ବୃତ୍ତିର ମହନୀୟତା ଉପରେ ଆଲୋକପାତ କରି ଡାକ୍ତରୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଶୃଙ୍ଖଳା, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ନିଷ୍ଠା ଓ ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ମାନିତ ଅତିଥି ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ସିଦ୍ଧାର୍ଥ ଦାଶ କହିଲେ ଇଣ୍ଟରନେଟ୍ ଜ୍ଞାନ – ପାଠ୍ୟପୁସ୍ତକ,



ଶ୍ରେଣୀ ଗୃହ ଓ ପରୀକ୍ଷାଗାରରେ ଶିକ୍ଷାଦାନ ସର୍ବୋପରି ଶିକ୍ଷକଙ୍କ ମାର୍ଗଦର୍ଶନ ଠୁ ଯଥେଷ୍ଟ ନୁହେଁ । ସୁତରାଂ ଛାତ୍ରଛାତ୍ରୀ ଏହା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ସେ କହିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ତାଙ୍କ ବକ୍ତବ୍ୟରେ ଆଜିର ନବାଗତ ବିଦ୍ୟାର୍ଥୀ ଆଗାମୀ ଦିନରେ ପିତାମାତାଙ୍କ ସ୍ୱପ୍ନ ଏବଂ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ଅଧୀକ୍ଷକ ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା ର୍‍ୟାଗିଂ ଭଳି ବିକୃତ ମାନସିକତା ଠୁ ସର୍ବଦା ଦୂରରେ ରହି ଛାତ୍ରଛାତ୍ରୀ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ରଂଜନ କୁମାର ଦାସ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ସଂଧ୍ୟାରାଣୀ ମହାରଣା, ପ୍ରଫେସର ଡା. ନିରୁପମା ଚୟନୀ, ପ୍ରଫେସର ଡା. ମନୋରଂଜନ ମଲ୍ଲିକ, ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟ, ଡା. ଚାରୁଲତା ଷଡଙ୍ଗୀ, ଡ. ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ବୃତ୍ତିଗତ ଶପଥ ପାଠ କରିଥିଲେ । ସ୍ୱାଗତିକା ବେହେରା, ସାଗରିକା ସାହୁ, ହର୍ଷିତ ଅଗ୍ରୱାଲ, ମୋହିତ୍ ପାଣିଗ୍ରାହୀ ଓ ବୁଦ୍ଧେଶ୍ୱର ମାଝି କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ଡା. ପ୍ରଜ୍ଞାଦା ରୀଚା ଯୋଷୀ, ଡା. ମୃତ୍ୟୁଞ୍ଜୟ ପଣ୍ଡା, ଡା. ବୁଲୁ ମହାନ୍ତି, ସ୍ମୃତିରେଖା ଗୁରୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସାରଦା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡିସେମ୍ବର ୧୦ରୁ ଅନ୍ତର୍ଜାତୀଅ ମହୋଦଧି ଦିବସ

# ସମୁଦ୍ର ଜଳ କ୍ରୀଡା, ବେଳାଭୂମି କ୍ରୀଡା ମୁଖ୍ୟ ଆକର୍ଷଣ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ଡିସେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆୟୋଜନ ହେବ ଆନ୍ତର୍ଜାତୀୟ ମହୋଦଧି ଦିବସ ୨୦୨୪ । ଏହି ପ୍ରତିଯୋଗିତାରେ ଦେଶ ବିଦେଶର ପ୍ରାୟ ୬୦୦ରୁ ଅଧିକ ପ୍ରତିଯୋଗୀ ଯୋଗଦେବେ । ବୁଧବାର ଉତ୍କଳ ସାମ୍ବାଦିକ ସଙ୍ଘ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଜାତୀୟ ଆଥଲେଟ୍, ୧୦ଟି ଦେଶରୁ ୩୫ଟି ଆନ୍ତର୍ଜାତୀୟ ପ୍ରତିନିଧୀ ଯୋଗ ଦେବେ । ଏହା ଭାରତର ଉପକୂଳ ପର୍ଯ୍ୟଟନ ଏବଂ ପରିବେଶ ସଚେତନତା ପଦକ୍ଷେପ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ହେବ । ମହୋଦଧି ଦିବସ ୨୦୨୪ ଭାରତୀୟ କାୟାକିଂ ଆଣ୍ଡ କାନୋଇଙ୍ଗ ଆସୋସିଏସନ, ରାଷ୍ଟ୍ରୀୟ ଲାଇଫଗାର୍ଡ ସଂଗଠନ (ଭାରତ), ପୁରୀ ବିଚ ଲାଇଫଗାର୍ଡ ମହାସଙ୍ଗ, ଆନ୍ତର୍ଜାତୀୟ ସର୍ଫ ଲାଇଫ ସେଭିଙ୍ଗ ଆସୋସିଏସନ (ଆମେରିକା) ଏବଂ ଶ୍ରୀଲଙ୍କା ଜୀବନ ସଞ୍ଚୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଂଗଠିତ ହେବ ।

ପୁରୀ ବିଚରେ ମହୋଦଧି ଇଭେଣ୍ଟଗୁଡିକର କ୍ରମାଗତ ଚତୁର୍ଥ ବର୍ଷ ଧରି ଅନୁଷ୍ଠିତ ହେଉଛି । ଯେଉଁଥିରେ ଜୀବନ ରକ୍ଷାକାରୀ କ୍ରୀଡା, ସାଂସ୍କୃତିକ ପ୍ରଦର୍ଶନୀ ଏବଂ ସାମୁଦ୍ରିକ ସଂରକ୍ଷଣ ପ୍ରଦର୍ଶନୀ ଉପରେ ଏକ ବିଶେଷ ତିନିଦିନିଆ କାର୍ଯ୍ୟକ୍ରମ ରହିଛି । ଓଡିଶା ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ସମ୍ପ୍ରଦାୟ ପାଇଁ ଦୃଶ୍ୟମାନ ହେବା ସହିତ ସେମାନଙ୍କ ଜୀବନ ରକ୍ଷାକାରୀ ଦକ୍ଷତା ପ୍ରଦର୍ଶନ ପାଇଁ ଅମୂଲ୍ୟ ସୁଯୋଗ ସୃଷ୍ଟି କରିବ । ସେମାନଙ୍କର ଅଂଶଗ୍ରହଣ ମାଧ୍ୟମରେ, ସେମାନେ ଆନ୍ତର୍ଜାତୀୟ ପ୍ଲାଟଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରିବା ପାଇଁ ରାସ୍ତା ଖୋଜି ପାରିବେ । କମନୱେଲଥ ଚାମ୍ପିଅନସିପ୍, ବିଶ୍ୱ ଖେଳ, ଜୀବନ ବଞ୍ଚାଇବା ବିଶ୍ୱ ଚାମ୍ପିଅନସିପ୍, ବ୍ରିସବେନ୍ ୨୦୩୨ ଅଲିମ୍ପିକ୍ସକୁ ଧ୍ୟାନ ଦେବା ପାଇଁ ସାହାଯ୍ୟ କରିବ । ମୁଖ୍ୟ ଆକର୍ଷଣ ମଧ୍ୟରେ ପ୍ରଥମ ଇଣ୍ଡୋ-ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡା ଚାମ୍ପିଅନସିପ୍ ରହିଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ନାଲକୋର ପୂର୍ବତନ ସିଏମଡି ତପନ କୁମାର ଚାନ୍ଦ, ସର୍ବଭାରତୀୟ ଲାଇଫ ସେଭିଙ୍ଗ ସ୍ପୋର୍ଟ୍ସର ସଭାପତି ପ୍ରଦୀପ ନାଇଡୁ, ବିଚ କାୟାକିଙ୍ଗର ଚ୍ୟାରମାନ ଏମ. ରାମାନୁଜମ, ଏନଟିପିସିର ପୂର୍ବତନ ଆର୍ଥିକ ଅଧ୍ୟକ୍ଷ ତଥା ଆଇନଜୀବୀ କୁଳମଣି ବିଶ୍ୱାଳ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ପୃଷ୍ଠପୋଷକ ତାରଣୀ ପ୍ରସାଦ ମହାନ୍ତି, ଅନୁଷ୍ଠାନ ଦି ବେଲର ସଭାପତି ଓ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ସଂଗଠନ ସମ୍ପାଦକ ପି. ହରି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିବେଦନ କରିଥିଲେ ।




### ଯୋଗ ଦେବେ ୧୦ ଦେଶର ପ୍ରତିନିଧି

### ରାଜ୍ୟବ୍ୟାପୀ ସଭ୍ୟ ସଂଗ୍ରହ କର୍ମଶାଳା

# ୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଦଳରେ ସାମିଲ କରିବ ବିସିଜେଡି

ଭୁବନେଶ୍ୱର(ସବ୍ୟୁ): ବିଜୁ ଜନତା ଦଳର ସଦସ୍ୟତା ସଂଗ୍ରହ ଅଭିଯାନକୁ ଆହୁରି ଶାଣିତ କରିବା ପାଇଁ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉପସ୍ଥିତିରେ ବିଜୁ ଛାତ୍ର ଜନତା ଦଳର ସ୍ୱତନ୍ତ୍ର ସଭ୍ୟ ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଛି ।

ଏହି ସଦସ୍ୟତା ଅଭିଯାନ କର୍ମଶାଳାରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରୁ ତଥା ଜିଲ୍ଲାସ୍ତରୀୟ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷନୁଷ୍ଠାନ ଛାତ୍ରଛାତ୍ରୀମାନେ ସାମିଲ ହେବା ସହ ନିଜ ନିଜ ମତାମତ ବିଜୁ ଜନତା ଦଳ ସମ୍ପର୍କରେ ରଖିଥିଲେ । ଏହାସହ ତୃଣମୂଳସ୍ତରରୁ କ୍ୟାମ୍ପସରେ ଅଧିକରୁ ଅଧିକ ସଦସ୍ୟ ବିଜୁ ଜନତା ଦଳରେ କିପରି ସାମିଲ କରାଯିବ ସେନେଇ ଦୃଢକ୍ତି ପ୍ରକାଶ କରିଥିଲେ । ବିଜୁ ଛାତ୍ର ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି, ଜୋନ୍ ସଭାପତି ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ ।

ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ ଯେ ବିଜୁ ଛାତ୍ର ଜନତା ଦଳ ପ୍ରତି ଶିକ୍ଷାନୁଷ୍ଠାନରେ ସଦସ୍ୟତା ଅଭିଯାନକୁ ବ୍ୟାପକ କରି ଦଳରେ ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଯୋଡିବ । ଏହାସହ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରାଯିବ । ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତା ଆଗାମୀ ଦିନରେ ବିଜୁ ଜନତା ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ନବ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀ ମିଶ୍ର, ସଦସ୍ୟତା ଅଭିଯାନ କମିଟି ଆବାହକ ଅତନୁ ସବ୍ୟସାଚୀ ନାୟକ, କାର୍ଯ୍ୟକ୍ରମ ସମନ୍ୱୟ କମିଟିର ଆବାହକ ସଞ୍ଜୟ ଦାସ ବର୍ମା, ବରିଷ୍ଠ ନେତା ଅରୁଣ ସାହୁ, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଅଶୋକ ପଣ୍ଡା, ବିଜୟ ନାୟକ, ପ୍ରମୁଖ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ବରଖାସ୍ତ

## ପ୍ରଧାନମନ୍ତ୍ରୀ ନେତାନେହ୍ୱାଙ୍କ ନିଷ୍ପତ୍ତିକୁ ବିରୋଧ କରି ହଙ୍ଗାମା



**ତେଲଆଭିଭ:** ମଧ୍ୟପ୍ରାଚ୍ୟ ଦେଶରେ ଲାଗି ରହିଛି ଯୁଦ୍ଧ ପରିସ୍ଥିତି । ଆଉ ଏହି ଯୁଦ୍ଧ ମଧ୍ୟରେ ବଡ଼ ପଦକ୍ଷେପ ନେଇଛି ଇସ୍ରାଏଲ । ନିଜ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିଦା କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ମଙ୍ଗଳବାର ନିଜ ପ୍ରତିରକ୍ଷା ମନ୍ତ୍ରୀ ୟୋବ ଗ୍ୟାଲେଣ୍ଟଙ୍କୁ ବରଖାସ୍ତ କରିଛନ୍ତି ।ଅନ୍ୟପଟେ ରାତାରାତି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବଦଳାଇବା ପରେ ଇସ୍ରାଏଲର ନୂଆ ପ୍ରତିରକ୍ଷାମନ୍ତ୍ରୀଭାବେ ଦାୟିତ୍ୱ ସମ୍ଭାଳିବେ ବିଦେଶ ମନ୍ତ୍ରୀ ଇସ୍ରାଏଲ କାଟଜ । ଏହାକୁ ନେଇ ଦେଶରେ ହଙ୍ଗାମା ଆରମ୍ଭ ହୋଇଛି । ରାସ୍ତାକୁ ଓହ୍ଲାଇ ଲୋକେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।ୟୋବଙ୍କୁ ବାହାର କରିବା ପଛରେ ତାଙ୍କ ଉପରେ ବିଶ୍ୱାସ ଅଭାବ ଥିବା ନେତାନ୍ୟାହୁ ଯୁକ୍ତି ବାଢ଼ିଛନ୍ତି । ହମାସ ଓ ହେଜବୁଲ୍ଲା ବିରୋଧରେ ଯୁଦ୍ଧ ରଣନୀତିକୁ ନେଇ ୟୋବ୍‌ଙ୍କୁ ବିଶ୍ୱାସର ସହ ନେଇ ପାରୁନଥିଲେ ବୋଲି ନେତାନ୍ୟାହୁ କହିଛନ୍ତି । ଏହି କାରଣରୁ ହମାସ ଏବଂ ହେଜବୁଲ୍ଲା ବିରୋଧ ଯୁଦ୍ଧ ପରିଚାଳନାରେ ଅସୁବିଧା ହୋଇଥିଲା ବୋଲି ସେ କହିଛନ୍ତି । ଗାଜା ଏବଂ ଲେବାନନରେ ହୋଇଥିବା ଯୁଦ୍ଧକୁ ନେଇ ୟୋବ ଗାଲାଣ୍ଟ ଏବଂ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଅନେକ ପ୍ରସଙ୍ଗରେ ମତଭେଦ ହୋଇଥିଲା । ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ରହୁଥିଲା । ଅନେକ ସମୟରେ ମତଭେଦ ରହୁଥିଲା । ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ଓ ରକ୍ଷାମନ୍ତ୍ରୀଙ୍କ ମଧ୍ୟରେ ପୂର୍ଣ୍ଣ ସହମତିର ଆବଶ୍ୟକତା ପଡୁଥିଲା । ହେଲେ ଗାଜା ଉପରେ ଆକ୍ରମଣ ଓ ଲେବାନନରେ ସ୍ଥଳ ଅଭିଯାନକୁ ୟୋବ୍ ସମର୍ଥନ କରୁନଥିଲେ । ଫଳରେ ଦୁହିଁଙ୍କ ଭିତରେ ମତଭେଦ ସୃଷ୍ଟି ହୋଇଥିଲା । ଏହି କାରଣରୁ ୟୋବ୍‌ଙ୍କ ମନ୍ତ୍ରୀପଦ ଛଡ଼ାଇ ନେଇଛନ୍ତି ପ୍ରଧାନମନ୍ତ୍ରୀ ନେତାନ୍ୟାହୁ । ତେବେ ପଦରୁ ବିଦା ହେବା ପରେ ୟୋବ ପ୍ରତିକ୍ରିୟା ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ତାଙ୍କ ଭିତରେ ବିଶ୍ୱାସ ଭାଙ୍ଗିବାର ଇଏ ପରିଣାମ ଓ ଶତ୍ରୁ ପକ୍ଷର ଏହା ପୂରା ଲାଭ ଉଠାଇବେ ବୋଲି କହିଛନ୍ତି ।ସେପଟେ ୟୋବ୍ ଗାଲାଣ୍ଟଙ୍କୁ ବହିଷ୍କାର କରିବା ନେଇ ନେତାନ୍ୟାହୁଙ୍କ ନିଷ୍ପତ୍ତିକୁ ଇସ୍ରାଏଲବାସୀ ବିରୋଧ କରିଛନ୍ତି । ପୂରା ଦେଶରେ ଜୋରଦାର ହଙ୍ଗାମା ହୋଇଛି ।ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ମଧ୍ୟ ତେଲଆଭିଭରେ ଏକାଠି ହୋଇଛନ୍ତି । ସହରର ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି ।ଭିଡ଼ ଭିତରେ ଥିବା ଲୋକମାନେ ରାସ୍ତାର ମଝିରେ ନିଆଁ ଜାଳି ଢୋଲ ବଜାଇ ବିରୋଧ ପ୍ରଦର୍ଶନ କରିଛନ୍ତ । ଏଥି ସହିତ, ପ୍ରାୟ ଏକ ହଜାର ଲୋକ ଜେରୁଜେଲମରେ ନେତାନ୍ୟାହୁଙ୍କ ଘର ବାହାରେ ପ୍ରଦର୍ଶନ କରିଛନ୍ତି । ଏଥିସହ ବିକ୍ଷୋଭକାରୀମାନେ ଦେଶର ଅନ୍ୟାନ୍ୟ ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି ।

## ପରାଜୟ ସ୍ୱୀକାର କଲେ କମଳା ହାରିସ୍



**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପରାଜୟକୁ ସ୍ୱୀକାର କଲେ ଡେମୋକ୍ରାଟିକ ପ୍ରାର୍ଥୀ କମଳା ହାରିସ । ହାୱାର୍ଡ ବିଶ୍ୱବିଦ୍ୟାଳୟରେ ନିଜ ସମର୍ଥକଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ ଦେଇ, ପରାଜୟକୁ ମାନିବା ସହ ଶାନ୍ତିପୂର୍ଣ୍ଣ ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମତା ହସ୍ତାନ୍ତର ପ୍ରତିଶ୍ରୁତି ଦେଇଛନ୍ତି । କମଳା କହିଛନ୍ତି, ନିର୍ବାଚନ ପରାଜୟକୁ ସ୍ୱୀକାର କରୁଛି । କିନ୍ତୁ ସେସବୁ ସଂଘର୍ଷ ବିରୋଧରେ ହାର ମାନିନି, ଯାହା ଏହି ଅଭିଯାନରେ ଇନ୍ଧନ ଭଳି କାମ ଦେଇଥିଲା । ପ୍ରତିଶ୍ରୁତି ଦେଇଛନ୍ତି ଏମିତି ଭବିଷ୍ୟତ ପାଇଁ କାମ ଜାରି ରଖିବେ ଯାହା ଆମେରିକା ନିଜ ସ୍ୱପ୍ନ, ଆକାଂକ୍ଷାକୁ ପୂରା କରିପାରିବ । ମହିଳାଙ୍କ ଅଧିକାର ଓ ବନ୍ଧୁକ ହିଂସା ବିରୋଧରେ ଲଢେଇ ଜାରି ରଖିବେ । ଦେଶବାସୀଙ୍କ ସମ୍ମାନ ପାଇଁ ଲଢିବାକୁ ସଂକଳ୍ପ ନେଇଛି । ଏଥିସହ ସେ କହିଥିଲେ, ରାଷ୍ଟ୍ରପତି ନିର୍ବାଚିତ ଟ୍ରମ୍ପଙ୍କ ସହ କଥା ହୋଇ ବିଜୟ ପାଇଁ ଅଭିନନ୍ଦନ ଜଣାଇଛି । ସମ୍ବୋଧନ ଶେଷରେ ସମର୍ଥକଙ୍କୁ ନିରାଶ ନହେବାକୁ ପରାମର୍ଶ ଦେବା ସହ ବିଶ୍ୱାସ, ସତ୍ୟ ଓ ସେବା ମନୋଭାବ ରଖି ଆଗକୁ ବଢିବାକୁ ଆହ୍ୱାନ ଦେଇଛନ୍ତି କମଳା ହାରିସ ।ଆମେରିକାରେ ଅବ୍ କି ବାର୍ ଟ୍ରମ୍ପ ସରକାର । ବିପୁଳ ବହୁମତ ସହ ଦ୍ୱିତୀୟ ଥର ଦେଶର ରାଷ୍ଟ୍ରପତି ହେବେ ।

## ଏଲନ ମସ୍କ ମାଲାମାଲ

# ଗୋଟିଏ ଦିନରେ ୨ ଲକ୍ଷ କୋଟି ଆୟ




**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଭାରତ ସମେତ ବିଶ୍ୱର ବିଭିନ୍ନ ଷ୍ଟକ ବଜାରରେ ଉତ୍ସାହ ଦେଖାଦେଇଛି । ସେପଟେ ବିଶ୍ୱର ସବୁଠାରୁ ଧନୀବ୍ୟକ୍ତି ଏଲନ ମସ୍କ ମାଲାମାଲ ହୋଇଯାଇଛନ୍ତି । କାରଣ ୨୪ ଘଣ୍ଟାରେ ତାଙ୍କ କମ୍ପାନିର ସେୟାର ମୂଲ୍ୟ ୧୫ ପ୍ରତିଶତ ବୃଦ୍ଧି ପାଇଛି । ଏହି ୨୪ ଘଣ୍ଟାରେ ସେ ପ୍ରାୟ ୨୬୦୦ କୋଟି ଡଲାର ବା ୨ ଲକ୍ଷ କୋଟି ଟଙ୍କା ଆୟ କରିଦେଇଛନ୍ତି ।ଏହାର କାରଣ ହେଉଛି ନିର୍ବାଚନ ପ୍ରଚାର ବେଳେ ମସ୍କ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରିଥିଲେ । ଏପରିକି ନିର୍ବାଚନ ପ୍ରଚାର ପାଇଁ ୧୩୦ ନିୟୁତ ଡଲାର ଦାନ କରିଥିଲେ ।ଏବେ ଟ୍ରମ୍ପ ଜିତିବା ପରେ ଆମେରିକୀୟ ରାଜନୀତିରେ ମସ୍କଙ୍କ ପ୍ରଭାବ ବଢ଼ିବାର ସମ୍ଭାବନା ରହିଛି । ଟ୍ରମ୍ପଙ୍କ ପ୍ରଶାସନରେ ଟେସଲା ଏବଂ ସ୍ପେସ୍ ଏକ୍ସର ମୁଖ୍ୟ ମସ୍କଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ମିଳିପାରେ ବୋଲି ଆଶା କରାଯାଉଛି । ନିକଟରେ ଟ୍ରମ୍ପ ମସ୍କଙ୍କୁ ପ୍ରଶଂସା କରି କହିଥିଲେ ଯେ ତାଙ୍କ ନେତୃତ୍ୱରେ ଏଲନ୍ ମସ୍କଙ୍କ ଦକ୍ଷତାର ସମ୍ପୂର୍ଣ୍ଣ ଉପଯୋଗ କରାଯିବ । ଟ୍ରମ୍ପ କହିଛନ୍ତି, ସେ ଜଣେ ଚମତ୍କାର ବ୍ୟକ୍ତି । ସେ ଜଣେ ସୁପର୍ ଜିନିୟସ୍ । ଆମକୁ ଆମର ପ୍ରତିଭାକୁ ରକ୍ଷା କରିବାକୁ ହେବ । ଆମ ପାଖରେ ଅଧିକ ଲୋକ ନାହାନ୍ତି ।

## ଗ୍ୟାଙ୍ଗଷ୍ଟାରଙ୍କ ଟି-ଶାର୍ଟ ବିକି ଫସିଲା ଫ୍ଲିପକାର୍ଟ୍

**ନୂଆଦିଲ୍ଲୀ:** କୁଖ୍ୟାତ ଅପରାଧୀଙ୍କୁ ହିରୋ ସଜାଉଛନ୍ତି ଅନଲାଇନ୍ ସପିଂ ଆପ୍‌ଛ ଲରେନ୍ସ ବିଷ୍ଣୋଇ ଓ ଦାଉଦର ଫଟୋ ଥିବା ଟି-ଶାର୍ଟ ବିକ୍ରି କରି ଅଡୁଆରେ ଫ୍ଲିପକାର୍ଟ ସମେତ ଅନେକ ଇ-କମର୍ସ ପ୍ଲାଟଫର୍ମ । ଏହି ଟ୍ରେଣ୍ଡ ଯିବପିଢ଼ିଙ୍କୁ ପଥଭ୍ରଷ୍ଟ କରିବା ସହ ସମାଜ ପାଇଁ ବଡ଼ ବିପଦ ମଧ୍ୟ ଆଣିପାରେ । ଏନେଇ ଫ୍ଲିପକାର୍ଟ ଭଳି ଅନେକ ଇ-କମର୍ସ ୱେବସାଇଟ୍ ବିରୋଧରେ ମାମଲା ଦାୟର କରିଛି ମହାରାଷ୍ଟ୍ର ପୁଲିସର ସାଇବର ସେଲ ।

ଫ୍ଲିପକାର୍ଟ, ଅଲି ଏକ୍ସପ୍ରେସ୍, ଟିଶପର ଏବଂ ଇଟସି ପରି ଇ-କମର୍ସ ୱେବସାଇଟରେ ଲରେନ୍ସ ବିଷ୍ଣୋଇ ଓ ଦାଉଦ ଇବ୍ରାହିମ ଫଟୋ ଥିବା ଟି-ଶାର୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ପାଇଁ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଦେଖିବାକୁ ମିଳିଥିଲା । ମହାରାଷ୍ଟ୍ର ପୁଲିସର ସାଇବର ସେଲ୍ ଅଭିଯୋଗ କରିଛି ଯେ ଏହି ସମସ୍ତ ୱେବସାଇଟ୍ ଯୁବପିଢ଼ିଙ୍କ ସାମ୍ନାରେ ଏହି କୁଖ୍ୟାତ ଅପରାଧୀଙ୍କୁ ହିରୋ ସଜାଉଛନ୍ତି । ଏହାପରେ ଅଣ୍ଡରୱାର୍ଲଡ ଡନ୍ ଦାଉଦ ଇବ୍ରାହିମ ଓ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସହ ଲିଙ୍କକୁ ନେଇ ଏହି ପ୍ଲାଟଫର୍ମ ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଇ-କମର୍ସ ୱେବସାଇଟ୍ ଗୁଡ଼ିକୁ ସେମାନଙ୍କ ପ୍ଲାଟଫର୍ମରୁ ଏଭଳି ଆପତ୍ତିଜନକ ସାମଗ୍ରୀ ବିଜ୍ଞାପନ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ମହାରାଷ୍ଟ୍ର ସାଇବର ସେଲର ସ୍ପେଶାଲ ଇନ୍ସପେକ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଏକ ବିବୃତ୍ତିରେ କୁହାଯାଇଛି ଯେ, ଏହି ଆପତ୍ତିଜନକ ସାମଗ୍ରୀଗୁଡିକ ବିକ୍ରି ତାଲିକାଭୁକ୍ତ କରିବା ପାଇଁ ଦାୟୀ ବିକ୍ରେତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏହା ସମାଜ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିପାରେ ।

## ଟ୍ରମ୍ପଙ୍କ ବିଜୟ ପରେ କମିଲା ସୁନା ଦର



**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ବିଶ୍ୱବଜାରରେ ସୁନା ଦର ହ୍ରାସ ପାଇବାରେ ଲାଗିଛି । ଏହି ହ୍ରାସ ସୁନା ପ୍ରେମୀ ଏବଂ ନିବେଶକଙ୍କ ପାଇଁ ଏକ ବଡ ପ୍ରଶ୍ନ ସୃଷ୍ଟି କରିଛି । ତାହା ହେଉଛି ସୁନା ଆହୁରି ହ୍ରାସ ପାଇବ କି? ଗୁରୁବାର ଭାରତୀୟ କମୋଡିଟି ବଜାରରେ ସୁନା ଦର ୦.୩୭% ହ୍ରାସ ପାଇ ୭୬,୩୬୯ ଟଙ୍କାରେ ପହଞ୍ଚିଛି । ଗତ ଦୁଇ ଦିନ ମଧ୍ୟରେ ସୁନା ମୂଲ୍ୟରେ ୨,୧୦୦ ଟଙ୍କାର ହ୍ରାସ ଘଟିଛି । ସେହିପରି ରୁପା ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ୭୦,୬୦୧ ଟଙ୍କାକୁ ଖସି ଆସିଛି । ଗତକାଲିଠାରୁ ରୁପା କିଲୋଗ୍ରାମ ପିଛା ୪୦୫୦ ଟଙ୍କା ହ୍ରାସ ପାଇଛି । ଟ୍ରମ୍ପଙ୍କ ବିଜୟ କାରଣରୁ ଆମେରିକୀୟ ଡଲାର ର ଶକ୍ତି ଯୋଗୁଁ ଏହି ହ୍ରାସ ଘଟିଛି ।

ସେହିପରି ଭାରତୀୟ ବୁଲିୟନ ଓ ଜୁଏଲର୍ସ ଆସୋସିଏସନ ପକ୍ଷରୁ ଜାରି ଦର ଅନୁସାରେ ଗୁରୁବାର ଖୁଚୁରା ବଜାରରେ ୨୪ କ୍ୟାରେଟ ସୁନାଦର ୭୬୭୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୭୪୯୪୦ ଟଙ୍କା ରହିଛି ଛ ରୁପା ଦର ୯୦୩୬୯ ଟଙ୍କା ରହିଛି । ଆମେରିକା ନିର୍ବାଚନରେ ଟ୍ରମ୍ପଙ୍କ ବିଜୟ ପରେ ଆମେରିକୀୟ ଡଲାର ମଜବୁତ ହୋଇଛି । ଡଲାର ମଜବୁତ ହେଲେ ସୁନା ଭଳି ମୂଲ୍ୟବାନ ଧାତୁର ମୂଲ୍ୟ ହ୍ରାସ ପାଇବାରେ ଲାଗିଥାଏ । ଏହା ହେଉଛି ଏକ ସାଧାରଣ ବଜାରର ନିୟମ । କାରଣ ନିବେଶକମାନେ ଡଲାରରେ ଅଧିକ ନିବେଶ କରନ୍ତି ।

**ଟ୍ରମ୍ପଙ୍କ ବିଜୟ ପରେ ସୁଦୃଢ଼ ହୋଇଛି ଡଲାର**

ଆମେରିକା ନିର୍ବାଚନରେ ଟ୍ରମ୍ପଙ୍କ ବିଜୟ ପରେ ଆମେରିକୀୟ ଡଲାର ମଜବୁତ ହୋଇଛି । ଡଲାର ମଜବୁତ ହେଲେ ସୁନା ଭଳି ମୂଲ୍ୟବାନ ଧାତୁର ମୂଲ୍ୟ ହ୍ରାସ ପାଇବାରେ ଲାଗିଥାଏ । ଏହା ହେଉଛି ଏକ ସାଧାରଣ ବଜାରର ନିୟମ । ଟ୍ରମ୍ପଙ୍କ ବିଜୟ ଆମେରିକା ଅର୍ଥନୀତିକୁ ନେଇ ଆଶା ବଢାଇଛି, ନିବେଶକମାନଙ୍କୁ ଡଲାରରେ ନିବେଶ କରିବାକୁ ଆକୃଷ୍ଟ କରିଛି ଏବଂ ସୁନା ଦର ଉପରେ ଚାପ ପକାଇଛି ।

# ନଡ଼ା ଜାଳିଲେ ଡବଲ ଜରିମାନା



**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀରେ ଦିନକୁ ଦିନ ବି ଚାଲିଛି ପ୍ରଦୂଷଣ ମାତ୍ରା । ଆଉ ଏହି ପ୍ରଦୂଷଣ ପାଇଁ ମୁଖ୍ୟ ଭାବେ ପଡୋଶୀ ରାଜ୍ୟରେ ନଡ଼ା ଜାଳିବାକୁ ଦାୟୀ କରାଯାଉଛି । ତେବେ ଏହି ନଡ଼ା ଜାଳିବାକୁ ନେଇ ସୁପ୍ରିମକୋର୍ଟଙ୍କ ତାଗିଦ ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏଥର ନଡ଼ା ଜାଳିଲେ ଆଉ ତ୍ରାହି ନାହିଁ । ଦେବାକୁ ପଡିବ ଡବଲ ଜରିମାନା ।କେନ୍ଦ୍ର ସରକାର ନଡ଼ା ଜାଳିବା ଉପରେ ଜରିମାନା ବୃଦ୍ଧି କରିଛନ୍ତି । ବର୍ତ୍ତମାନ ୫ ଏକରରୁ ଅଧିକ ଜମି ଥିବା କୃଷକଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ସେହିପରି ୨ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଜରିମାନା ୫ ହଜାର ଟଙ୍କା ଏବଂ୨ ରୁ ୫ ଏକର ମଧ୍ୟରେ ଜମି ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ । କହିରଖୁ ଯେ ଗତ ମାସରେ ସୁପ୍ରିମକୋର୍ଟ ନଡ଼ା ଜାଳିବାକୁ ନେଇ ରାଜ୍ୟ ସରକାରଙ୍କୁ ତାଗିଦ କରିଥିଲେ । ଏହା ପରେ ହିଁ କେନ୍ଦ୍ର ସରକାର ଯେଉଁମାନେ ନଡ଼ା ଜାଳୁଛନ୍ତି ସେମାନଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରି ଜରିମାନା ପରିମାଣ ଦ୍ୱିଗୁଣିତ କରିଛନ୍ତି । ଜାତୀୟ ରାଜଧାନୀ ତଥା ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ୨୦୨୧ଅନୁଯାୟୀ ଏହି ନିୟମଗୁଡ଼ିକରେ ସଂଶୋଧନ କରାଯାଇଛି । ପ୍ରଦୂଷଣକୁ ନେଇ ଦିଲ୍ଲୀ-ଏନସିଆର ଭଳି ସହରରେ ରହୁଥିବା ଲୋକଙ୍କ ଚିନ୍ତା ଦିନକୁ ଦିନ ବିବାରେ ଲାଗିଛ । ଲୋକଙ୍କ ବ୍ୟକ୍ତିଗତ ଯାନବାହାନରୁ ଧୂଆଁ ବାହାରିବା ବ୍ୟତୀତ ହରିୟାଣା ଏବଂ ପଞ୍ଜାବର ଚାଷୀଙ୍କ ଦ୍ୱାରା ଜଳାଯାଉଥିବା ନଡ଼ାରୁ ବାହାରୁଥିବା ଧୂଆଁ ପ୍ରଦୂଷଣକୁ ଆହୁରି ଖରାପ କରିଛି।ଏଠା।କାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପଡିବା ସହ ସେମାନଙ୍କ ଜୀବନକୁ କଷ୍ଟସାଧ ମଧ୍ୟ କରୁଛିଛ ବାୟୁର ଗୁଣବତ୍ତା ୪୦୦ ପର୍ କରିଥିବା ରେକର୍ଡ ହୋଇଛି ।

# ଶାହାରୁଖଙ୍କୁ ହତ୍ୟା ଧମକ: ମାମଲା ରୁଜୁ



**ମୁମ୍ବାଇ:** ବଲିଉଡର ଷ୍ଟାର ସଲମାନ ଖାନଙ୍କ ପରେ କିଙ୍ଗ୍ ଖାନ୍ ଶାହାରୁଖ ଖାନଙ୍କୁ ହତ୍ୟା ଧମକ ମିଳିଥିବା ଖବର ଚାଞ୍ଚଲ୍ୟ ଖେଳାଇ ଦେଇଛି । ଶାହାରୁଖଙ୍କୁ ଧମକ ମିଳିବା ପରେ ବାନ୍ଦ୍ରା ପୁଲିସ ଷ୍ଟେସନରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରି ଦେଇଛି । ତଦନ୍ତ ସମୟରେ ପୁଲିସ ଆସିଥିବା ଧମକ କଲକୁ ଟ୍ରାକ କରିଥିଲା । ଏହି ଟ୍ରାକ ସମୟରେ କଲଟି ରାୟପୁରରୁ ଆସିଥିବା ଜଣାପଡ଼ିଥିଲା । ଏହାପରେ ପୁଲିସ ଟିମ ତୁରନ୍ତ ରାୟପୁରରେ ଯାଇ ପହଞ୍ଚିଯାଇଛନ୍ତି । ସେଠାରେ ଆଗାମୀ ଯାଞ୍ଚ ଜାରି ରହିଛି । ମୁମ୍ବାଇ ପୁଲିସ ଏହି ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ଆରମ୍ଭ କରିଛି । ଶାହାରୁଖଙ୍କୁ କେଉଁ କାରଣ ପାଇଁ ଏଭଳି ହତ୍ୟା ଧମକ ମିଳିଛି ତାହାର କାରଣ ଜାଣିବା ପାାଇଁ ପୁଲିସ ତଦନ୍ତକୁ କଡ଼ାକଡ଼ି କରିଛି । ନଭେମ୍ବର ୫ ତାରିଖ ୧ଟା ୨୧ ମିନିଟରେ ବାନ୍ଦ୍ରା ପୁଲିସ ପାଖକୁ ଶାହାରୁଖଙ୍କୁ ହତ୍ୟା ପାଇଁ ଏକ ଧମକ କଲ ଆସିଥିଲା । ଏହି କଲ କରି ଧକମ ଦେଇଥିବା ବ୍ୟକ୍ତି ଜଣକ ପୁଲିସକୁ କହିଥିଲା, 'ଶାହାରୁଖ ମନ୍ନତ ବ୍ୟାଣ୍ଡଷ୍ଟାଣ୍ଡ ବାଲା ଅଟନ୍ତି ନାଛ ଯଦି ଶାହାରୁଖ ମୋତେ ୫୦ଲକ୍ଷ ଟଙ୍କା ନଦିଅନ୍ତି ତେବେ ମୁଁ ତାଙ୍କୁ ନିଶ୍ଚୟ ହତ୍ୟା କରିବି ।'ଶାହାରୁଖଙ୍କୁ ଏଭଳି ଧମକ ଦେଉଥିବା ବ୍ୟକ୍ତିକୁ ପୁଲିସ ପଚାରିଥିଲା, 'ଆଚ୍ଛା ଆପଣ କିଏ ଓ କେଉଁଠାରୁ କହୁଛନ୍ତି । ଏହାର ଉତ୍ତରରେ ଫୋନ କରିଥିବା ବ୍ୟକ୍ତି ଜଣକ କହିଥିଲା, 'ମୁଁ କିଏ, କ'ଣ କରେ, କେଉଁଠି ରୁହେ ଓ ମୋର ନାମ କ'ଣ ତାହା ଜାଣିବା ଆପଣଙ୍କ ପାଇଁ ଗୁରୁତ୍ୱ ନୁହେଁ । ଯଦି ମୋର ନାମ ଲେଖିବା ପାଇଁ କି ଜାଣିବା ପାଇଁ ଚାହୁଁଛନ୍ତି ତେବେ ହିନ୍ଦୁସ୍ତାନୀ ବୋଲି ଲେଖିଦେବେ । 'ତେବେ ଗତ ବୁଧବାର ରାତିରେ ଶାହାରୁଖଙ୍କୁ ବାନ୍ଦ୍ରାର ପର୍ପଲ ହେଜ ଷ୍ଟୁଡିଓରେ ଦେଖିବାକୁ ମିଳିଥିଲା । ଏଠାକୁ ଶାହାରୁଖ ଡବିଂ କରିବା ପାଇଁ ଆସିଥିଲେ । ଏହି ସମୟରେ କିଙ୍ଗ ଖାନଙ୍କୁ ଧଳା ସାର୍ଟ ଓ କଳା ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଗତ ମାସରେ ସଲମାନ ଖାନଙ୍କ ସାଙ୍ଗ ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ହତ୍ୟା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ କରିଥିବା ସ୍ୱୀକାର କରିଥିଲା । ଏହି ଘଟଣା ପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଧମକ ଦେଇ କହିଥିଲା, 'ଯେଉଁମାନେ ବି ସଲମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବେ ସେମାନଙ୍କ ଅବସ୍ଥା ବାବା ସିଦ୍ଦିକିଙ୍କ ଭଳି ହେବ । ବାବା ସିଦ୍ଦିକିଙ୍କ ହତ୍ୟା ପରେ ସଲମାନଙ୍କୁ ଶାହରୁଖ ଭେଟିବା ପାଇଁ ଆସିଥିଲେ । ଏହି କାରଣରୁ ତାଙ୍କୁ ଏହି ହତ୍ୟା ଧମକ ମିଳିଥାଇ ପାରେ ବୋଲି ଅନୁମାନ କରାଯାଉଛି ।

## ବନ୍ଦ ହେଲା ଜେଟ୍ ଏୟାରୱେଜ୍



**ନୂଆଦିଲ୍ଲୀ:** ଏକଦା ଭାରତର ବିମାନ ଚଳାଚଳ କ୍ଷେତ୍ରର ବିଳାସପୂର୍ଣ୍ଣ ତଥା ଉତ୍କୃଷ୍ଟ ସେବା ପାଇଁ ପରିଚିତ 'ଜେଟ୍ ଏୟାରୱେଜ୍' ବର୍ତ୍ତମାନ ଇତିହାସ ପୃଷ୍ଠାରେ ସଂପୂର୍ଣ୍ଣ ଲୋପ ପାଇବାକୁ ଯାଉଛିଛ ଦୀର୍ଘ ଦିନରୁ ସଂକଟରେ ଜୁଝି ହେଉଥିବା ଏୟାରଲାଇନର ଯାତ୍ରା ସବୁଦିନ ପାଇଁ ଶେଷ ହୋଇଛି । ଏହି ବିମାନ ସେବାକୁ ପୁଣିଥରେ ଆରମ୍ଭ କରିବାକୁ ଅନେକ ଚେଷ୍ଟା କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟ ଏକ ନିଷ୍ପତ୍ତି ସବୁ ସମ୍ଭାବନାକୁ ଶେଷ କରିଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି ପାରଦୀୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ 'ଜେଟ୍ ଏୟାରୱେଜ୍' ଏୟାରଲାଇନକୁ ଲିକ୍ୱିଡେଟ୍ କରିବାକୁ ନଭେମ୍ବର ୭ରେ ଆଦେଶ ଦେଇଛନ୍ତି । ଗୋଟିଏ କମ୍ପାନୀର ଲିକ୍ୱିଡେସନ୍ ଅର୍ଥ ହେଉଛି ଏହାର ସମ୍ପତ୍ତି ବିକ୍ରୟ କରି ଏହାକୁ ସଂପୂର୍ଣ୍ଣ ବାତିଲ୍ କରିବା । ଏହି ରାୟ ସହ ନ୍ୟାସନାଲ୍ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲ ର ନିଷ୍ପତ୍ତିକୁ ଖାରଜ କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ ।

# ପିଲାଙ୍କୁ ଫେସବୁକ-ଇନଷ୍ଟାଗ୍ରାମ ଦେଖିବା ମନା




**ସିଡନୀ:** ଏଣିକି ଆଉ ସୋଶାଲ ମିଡିଆ ବ୍ୟବହାର କରିପାରିବେନି ଛୋଟ ପିଲା । ଗୁରୁବାର ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନି ଏହି ନୂଆ ନିୟମ ଲାଗି କରିଛନ୍ତି । ନିୟମ ମୁତାବକ, ୧୬ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ପାଇଁ ସୋଶାଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି । ପିଲାମାନଙ୍କର ବାପା-ମା'ଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଥିବା ସେ କହିଛନ୍ତି ।

ଆଲବାନି କହିଛନ୍ତି ଯେ ସୋଶାଲ ମିଡିଆ ଆମ ପିଲାମାନଙ୍କୁ କ୍ଷତି ପହଞ୍ଚାଉଛି ଏବଂ ଏହାକୁ ବନ୍ଦ କରିବାର ସମୟ ଆସିଛି । ଚଳିତ ବର୍ଷ ସଂସଦରେ ଏହି ଆଇନ ପ୍ରଣୟନ କରାଯିବ । ଆସନ୍ତା ବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି ।ଆଇନ୍ ଲାଗୁ ହେବା ପରେ ପିଲାମାନେ ଇନ୍ଷ୍ଟାଗ୍ରାମ ଓ ଫେସବୁକ୍ ସହ ଭିଡିଓ ଶେୟାରିଂ ଟିକ୍-ଟକ୍ ଏବଂ ଏକ୍ସ ଭଳି ସୋଶାଲ ମିଡିଆ ପ୍ଲାଟଫର୍ମର ବ୍ୟବହାର କରିପାରିବେ ନାହିଁ । କେବଳ ଏତିକି ନୁହେଁ, ଅଷ୍ଟ୍ରେଲିଆ ଆଇନକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ବୟସ ଯାଞ୍ଚ ପ୍ରଣାଳୀର ପ୍ରଯୁକ୍ତିବିଦ୍ୟା ପରୀକ୍ଷା ମଧ୍ୟ କରୁଛି । ଆଲବାନି କହିଛନ୍ତି, ସୋଶାଲ ମିଡିଆ ଆମ ପିଲାମାନଙ୍କୁ କ୍ଷତି ପହଞ୍ଚାଉଛି । ସୋଶାଲ ମିଡିଆ ବ୍ୟବହାର କରିବାକୁ ବାପା-ମା'ଙ୍କ ସମ୍ମତି ଥିବା ନାବାଳକ ୟୁଜର୍ସଙ୍କ ପାଇଁ କୌଣସି ରିହାତି ମିଳିବ ନାହିଁ । ସୋଶାଲ ମିଡିଆର ଅତ୍ୟଧିକ ବ୍ୟବହାରରୁ ପିଲାମାନଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ କହିଛନ୍ତି ।

ରଣଜୀ ଟକ୍କର

# ଫଲୋଅନ୍ ଏଡାଇବାକୁ ଓଡ଼ିଶାର ସଂଘର୍ଷ

ମୁମ୍ବାଇ,୭।୧୧ (ସବ୍ୟୁ): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଏ ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୪୨ଥର ଟାଇଟଲ ହାତେଇଥିବା ମୁମ୍ବାଇ ଦଳ ଓଡ଼ିଶା ବିପକ୍ଷରେ ଲୟକୁ ଫେରିଛି । ଚଳିତ ସିଜନ୍‌ରେ ଗତ ୩ଟି ମ୍ୟାଚରେ ଆଖିଦୃଶିଆ ପ୍ରଦର୍ଶନ ଦେଖାଇ ପାରିନଥିବା ମୁମ୍ବାଇ ହୋମ ଭେନ୍ୟୁରେ ୬୦୨/୪ ରନ୍‌ର ବିଶାଳ ସ୍କୋର କରିଛି । ରଣଜୀ ଟ୍ରଫିକୁ ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ତର୍ଜାତୀୟ କ୍ରିକେଟ୍‌ର ଶ୍ରେୟାସ ଆୟର ୨୩୩ ରନ୍ ଜମାଣିଆ ଇନିଂସ ଖେଳି ଓଡ଼ିଶା ବୋଲରଙ୍କୁ ଧୁଲେଇ କରିଛନ୍ତି । ସିଦ୍ଧେଶ ଲାଡ ୧୬୯ ଏବଂ ସୂର୍ଯ୍ୟାଂସ ସେଡଗେ ୭୯ ରନ୍ କରି ଅପରାଜିତ ଥିଲେ । ତେଣୁ ମୁମ୍ବାଇ ଦଳ ୧୨୩.୫ ଓଭରରେ ୪ ୱିକେଟ୍ ହରାଇ ୬୦୨ ରନ କରିବା ସହ ପ୍ରଥମ ପାଳି ଘୋଷଣା କରିଥିଲା । ଦ୍ୱିତୀୟ ଦିବସ ଷ୍ଟମ୍ପଅପସାରଣ ବେଳକୁ ଓଡ଼ିଶା ୪୯ ଓଭରରେ ୫ ୱିକେଟ୍ ହରାଇ ୧୪୬ ରନ୍ କରିଛି । ଏବେ ବି ଦଳ ମୁମ୍ବାଇ ଇନିଂସ ଠାରୁ ୪୫୬ ରନ୍ ପଛରେ ରହିବା ସହ ଫଲୋଅନ୍ ଏଡାଇବାକୁ ସଂଘର୍ଷ କରୁଛି । ସନ୍ଦୀପ ପଟ୍ଟନାୟକ ୭୩ ଓ ଦେବବ୍ରତ ପ୍ରଧାନ ୭ ରନ୍ କରି ଅପରାଜିତ ଥିଲେ । ମ୍ୟାଚର ସ୍ଥିତି ଯାହା ସମ୍ଭବତଃ ମୁମ୍ବାଇକୁ ଆଉ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡିବ ନାହିଁ ।

ପ୍ରଥମ ଦିନର ଅସମାପ୍ତ ଇନିଂସ ୩୮୫/୩ରୁ ଖେଳ ଆରମ୍ଭ କରିଥିଲା । ସିଦ୍ଧେଶ ଲାଡ ୧୧୬ ଓ ଶ୍ରେୟାସ ଆୟର ୧୫୨ ରନ୍‌ର ଅସମାପ୍ତ ଇନିଂସ ଆଗେଇ ନେଇଥିଲେ । ଶ୍ରେୟାସଙ୍କ ପ୍ରଦର୍ଶନ ଦେଖିଲା ଭଳି ଥିଲା । ପଡ଼ିଆର ଚତୁଃଦିଗକୁ ଚୌକା ଓ ଛକା ବର୍ଷା କରିଥିଲେ । ସେ ୨୨୮ ବଲ୍‌ର ସମ୍ମୁଖୀନ ହୋଇ ୨୪ଟି ଚୌକା ଓ ୯ଟି ଛକା ସହାୟତାରେ ୨୩୩ ରନ୍‌ର ଜମାଣିଆ ଇନିଂସ ଖେଳିଥିଲେ ।




ଦ୍ୱିତୀୟ ଦିନ କେବଳ ଶ୍ରେୟାସ ଆୟରଙ୍କ ୱିକେଟ୍ ଝଡିଥିଲା । ସିଦ୍ଧେଶ ଲାଡ ୩୩୭ ବଲ୍‌ର ସମ୍ମୁଖୀନ ହୋଇ ୧୬୯ ରନ କରିଥିବା ବେଳେ ସୂର୍ଯ୍ୟାଂଶ ସେଡଗେ ୩୬ ବଲ୍‌ରୁ ୭ ଚୌକ ଓ ୬ ଛକା ସହାୟତାରେ ୭୯ ରନ୍ କରି ଦଳକୁ ମଜଭୂତ ସ୍ଥିତିକୁ ନେଇଥିଲେ । ୬୦୦ ରନ୍ ଟପିବା ପରେ ମୁମ୍ବାଇ ପାଳି ଘୋଷଣା କରିଥିଲା । ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ଓ ହର୍ସିତ ରାଠୋରଙ୍କୁ ଗୋଟିଏ ଲେଖାଏଁ ତଥା ବିପ୍ଳବ ସାମନ୍ତରାୟଙ୍କୁ ଦୁଇଟି ୱିକେଟ୍ ସଫଳତା ମିଳିଥିଲା । ଦ୍ୱିତୀୟ ଓ ତୃତୀୟ ଅଧିବେଶନରେ ଓଡ଼ିଶା ଆତ୍ମବିଶ୍ୱାସ ଦେଖାଇ ପାରିନାହିଁ । ମଧାହ୍ନ ଭୋଜନ ବିରତି ପରେ ଓଡ଼ିଶା ଦଳ ଆରମ୍ଭରୁ ହିଁ ଓପନର ସ୍ୱସ୍ତିକ ସାମଲଙ୍କୁ ହରାଇଥିଲା । ସେ ୭ଟି ବଲର ସମ୍ମୁଖୀନ ହୋଇ ସାର୍ଦ୍ଧୁଲ ଠାକୁରଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ । ଦଳୀୟ ସ୍କୋର ୩ ରନ୍ ବେଳେ ଦଳକୁ ପ୍ରାରମ୍ଭିକ ଝଟକା ଲାଗିଥିଲା । କିନ୍ତୁ ଏହାପରେ ଦ୍ୱିତୀୟ ୱିକେଟ୍ ପାଇଁ ଅନୁରାଗ ଷଡଙ୍ଗୀ ଓ ସନ୍ଦିପ ପଟ୍ଟନାୟକଙ୍କ ମଧ୍ୟରେ ୧୦୭ ରନ୍‌ର ପାର୍ଟନରସିପ୍ ହୋଇଥିଲା । ଓପନର ଅନୁରାଗ ୮୩ ବଲ୍‌ରୁ ୩୯ ରନ୍ କରି ହିମାଂଶୁ ସିଂଙ୍କ ଶିକାର ହୋଇଥିଲେ । କିନ୍ତୁ ସନ୍ଦୀପ ଖେଳ ଜାରି ରଖିଥିଲେ । ସେ ୧୪୧ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ଅସମାପ୍ତ ୭୩ ରନ୍ କରିଛନ୍ତି । ଅନୁରାଗଙ୍କ ୱିକେଟ୍ ପତନ ପରେ ମାତ୍ର ୨ ରନ୍ ଆଉ ଦୁଇ ୱିକେଟ୍ ଝଡିଥିଲା । ଅର୍ଥାତ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ ଖାତା ଖୋଲିବାକୁ ସମର୍ଥ ହୋଇନଥିଲେ । ମଧ୍ୟମକ୍ରମରେ ଦୁଇ ଅଭିଜ୍ଞ ଖେଳାଳିଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଓଡ଼ିଶାକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା । ତେବେ ପଞ୍ଚମ ୱିକେଟ୍ ପାଇଁ ପଡିଆକୁ ଓହ୍ଲାଇଥିବା କାର୍ତ୍ତିକ ବିଶ୍ୱାଳ ୩୨ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ସହାୟତାରେ ୨୨ ରନ୍ କରିଥିଲେ । ସେ ପାଭିଲିୟନ୍ ଫେରିବା ପରେ ନାଇଟୱାଚମ୍ୟାନ ଦେବବ୍ରତ ପ୍ରଧାନ ୨୩ ବଲ୍‌ରୁ ୭ ରନ୍‌ର ଅସମାପ୍ତ ଇନିଂସ ଖେଳିଥିଲେ । ବୋଲିଂରେ ମୁମ୍ବାଇର ସାମସମୁଲାନୀ ଓ ହିମାଂଶୁ ସିଂ ଦୁଇଟି ଲେଖାଏଁ ତଥା ସାର୍ଦ୍ଧୁଲ ଠାକୁରଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା । ମ୍ୟାଚର ତୃତୀୟ ଦିନ ପ୍ରଥମ ଅଧିବେଶନରେ ମୁମ୍ବାଇ ଦଳ ଓଡ଼ିଶାର ଅବଶିଷ୍ଟ ୱିକେଟ୍ ଅକ୍ତିଆର କରି ଭ୍ରମଣକାରୀ ଦଳକୁ ପୁଣିଥରେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିପାରେ ।

## ଜାତୀୟ ଦଳକୁ ଫେରିବେ କି ଶ୍ରେୟାସ

ଜାତୀୟ ଦଳରୁ ବାହାରେ ଥିବା ଶ୍ରେୟାସ ଆୟର ପ୍ରତ୍ୟାବର୍ତ୍ତନ କରିବାକୁ ବ୍ୟଗ୍ର ଅଛନ୍ତି । ଟେଷ୍ଟ କ୍ରିକେଟ୍‌ରେ ଆୟରଙ୍କୁ ସୁଯୋଗ ମିଳିଥିଲେ ହେଁ ସେ ଭଲ ପ୍ରଦର୍ଶନ କରିପାରିନଥିଲେ । ଏଥିପାଇଁ ରଣଜୀ ଟ୍ରଫି ଖେଳିବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ଏବେ ରଣଜୀ ଟ୍ରଫିରେ ଆୟର କମାଲ କରିଛନ୍ତି । ସେ ଓଡ଼ିଶା ବିପକ୍ଷରେ ୨୩୩ ରନ୍ କରିବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସେ ମୋଟ୍ ୨୨୮ ବଲ୍‌ରେ ୨୪ ଚୌକା ଓ ୯ ଛକା ସହାୟତାରେ ଏହି ଇନିଂସ ଖେଳିଛନ୍ତି । ଏହା ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଆୟରଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର । ଓଡ଼ିଶା ବିପକ୍ଷ ମ୍ୟାଚର ପ୍ରଥମ ଦିନରେ ଆୟର ୧୫୨ ରନ୍ କରିଥିଲେ । ଏଥିସହ ସେ ପ୍ରଥମ ଶ୍ରେଣୀ କ୍ୟାରିୟର ୧୫ତମ ଶତକ ହାସଲ କରିଥିଲେ । ମ୍ୟାଚର ଦ୍ୱିତୀୟ ଦିନ ସେ ୨୦୧ ବଲ୍‌ରେ ଦ୍ୱିଶତକ ହାସଲ କରିଥିଲେ । ପୂର୍ବରୁ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଆୟର ବ୍ୟକ୍ତିଗତ ୨୦୨ ରନ୍‌ର ସର୍ବାଧିକ ସ୍କୋର ରହିଥିଲା । ଏହାକୁ ସେ ଅତିକ୍ରମ କରିଛନ୍ତି । ୨୯ ବର୍ଷିୟ ଆୟର ମୁମ୍ବାଇର ସ୍ଥିତି ସେ ୧୫୪/୩ ଥିବା ବେଳେ ବ୍ୟାଟିଂ କରିବାକୁ ଆସିଥିଲେ । ସିଦ୍ଧେଶ ଲାଡଙ୍କ ସହ ମିଶି ଚତୁର୍ଥ ୱିକେଟ୍ ପାଇଁ ୩୫୪ ରନ୍‌ର ବିଶାଳ ଭାଗିଦାରି କରିଥିଲେ । ଏହାସହ ମୁମ୍ବାଇର ସ୍କୋର ୫୦୦ ଟପି ଯାଇଥିଲା । ଚଳିତ ରଣଜୀ ଟ୍ରଫିରେ ଏହା ଆୟରଙ୍କ ଦ୍ୱିତୀୟ ଶତକ । ଏହା ପୂର୍ବରୁ ସେ ମହାରାଷ୍ଟ୍ର ବିପକ୍ଷରେ ଚମତ୍କାର ୧୪୨ ରନ୍ ଇନିଂସ ଖେଳିଥିଲେ । ପ୍ରାୟର ୩ ବର୍ଷ ପରେ ଆୟର ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଶତକୀୟ ଇନିଂସ ଖେଳିଛନ୍ତି । ୨୦୨୪ ଘରୋଇ କ୍ରିକେଟ୍‌ରେ ଆୟରଙ୍କ ଆରମ୍ଭ ସେତେଟା ଭଲ ନଥିଲା । ସେ ଦୁଲୀପ ଟ୍ରଫିର ୬ଟି ଇନିଂସରେ କେବେଳ ୧୫୪ ରନ୍ କରିଥିଲେ । ଏଥିରେ ଦୁଇଟି ଅର୍ଦ୍ଧଶତକ ଥିବା ବେଳେ ଦୁଇଥର ଖାତା ଖୋଲିପାରିନଥିଲେ । ଇରାନୀ କପ୍‌ର ଦୁଇଟି ଇନିଂସରେ ୫୭ ଓ ୮ ରନ୍ କରିଥିଲେ । ଗତ ସପ୍ତାହରେ ବରୋଦା ବିପକ୍ଷ ମ୍ୟାଚରେ ମଧ ସେ ଖାତା ଖୋଲିପାରିନଥିଲେ । ସେ ଚଳିତ ବର୍ଷ ଜାତୀୟ ଦଳରୁ ବାଦ ପଡିବା ସହ ବିସିସିଆଇର ବାର୍ଷିକ ଖେଳାଳି ଚୁକ୍ତି ମଧ ହରାଇଥିଲା । ଓଡ଼ିଶା ବିପକ୍ଷରେ ଦ୍ୱିଶତକୀୟ ଇନିଂସ ଖେଳି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ଶ୍ରେୟାସ ।

## ଇତିହାସ ରଚିଲେ ଜଲାଜ

ରଣଜୀ ଟ୍ରଫିରେ ଇତିହାସ ରଚିଛନ୍ତି କେରଳ କ୍ରିକେଟର ଜଲାଜ ସାକସେନା । ସେ ପ୍ରଥମ ଖେଳାଳି ଭାବେ ରଣଜୀରେ ୬୦୦୦ ରନ୍ ସାଙ୍ଗକୁ ୪୦୦ ୱିକେଟ୍ ଅକ୍ତିଆର କରିଛନ୍ତି । ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚରେ ସେଏହି ଉପଲବ୍ଧି ହାସଲ କରିଛନ୍ତି । ୩୭ ବର୍ଷୀୟ ଜଲାଜ ୧୩ତମ ବୋଲର ଭାବେ ୪୦୦ ୱିକେଟ୍ ନେଇଛନ୍ତି । ୨୦୦୫ରେ ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଥିଲେ । ମଧ୍ୟପ୍ରଦେଶ ପକ୍ଷରୁ ୨୦୧୬-୧୭ ସିଜନ୍‌ରେ ୧୫୯ ୱିକେଟ୍ ଓ ୪୦୪୧ ରନ୍ କରିଥିଲେ । ଏହାପରେ ସେ କେରଳ ପକ୍ଷରୁ ଖେଳିଥିଲେ । କେଏନ୍ ଅନନ୍ତପଦ୍ମନାଭନଙ୍କ ପରେ ସେ କେରଳର ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହୋଇଛନ୍ତି ।

## ଆନ୍ତଃରାଜ୍ୟ ଭଲିବଲ ଟୁର୍ଣ୍ଣାମେଣ୍ଟ ସିଆଇଏଫ୍ ଦିଲ୍ଲୀ ଚାମ୍ପିଅନ

ଭୋଗରାଇ,୭।୧୧(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାଛିଭଉଁରୀ କାଳୀମାତା ପୂଜା କମିଟି ପକ୍ଷରୁ ମଙ୍ଗଳବାର ଓ ବୁଧୁବାର ଦୁଇ ଦିନିଆ ଅନ୍ତଃରାଜ୍ୟ ଜାତୀୟ ଭଲିବଲ ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ସିଆଇଏଫ୍ ଦିଲ୍ଲୀ, ଇଷ୍ଟର୍ଣ୍ଣ ରେଲୱେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶର ଭାଇଜାଗ, ମଧ୍ୟପ୍ରଦେଶ ଜବଲପୁର ରେଲୱେ ଅଂଶଗ୍ରହଣ କରିଥିଲେ । ଆନ୍ଧ୍ରପ୍ରଦେଶର ଭାଇଜାଗ ଓ ସିଆଇଏଫ୍ ଦିଲ୍ଲୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ବେଳେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ସିଆଇଏଫ୍ ଦିଲ୍ଲୀ ଫାଇନାଲ ଟ୍ରଫି ହାସଲ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଖବରଦାତା ସତ୍ୟଶିବ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ ଓ ଆଗକୁ ବଢିବାକୁ ପରାମର୍ଶ ଦେବା ସହିତ ଫାଇନାଲ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଓଡିଶା ଭଲିବଲ ରେଫରି ଆସୋସିଏସନର ସଭାପତି ଜୟପ୍ରକାଶ ମହାନ୍ତି,ସମ୍ପାଦକ କଳାକାର ସାମଲ, ରେଫରି ନିରଞ୍ଜନ ନାୟକ,ସଞ୍ଜୀବ ଚାନ୍ଦ,ସଞ୍ଜୀୟ କୁମାର ନାୟକ,ଦେବକାନ୍ତ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ଚିତ୍ତାକର୍ଷକ ଖେଳ ଦେଖିବାକୁ ଭୋଗରାଇର ବିଭିନ୍ନ ଅଞ୍ଚଳରୁ ଖେଳପ୍ରେମୀମାନେ ଭିଡ଼ ଜମାଇଥିଲେ ।



## ଜାତୀୟ ପାରା ସୁଟିଂ: ଭାଗ ନେବେ ୨ ଓଡ଼ିଆ ସୁଟର

ଭୁବନେଶ୍ୱର,୭।୧୧ (ସବ୍ୟୁ): ଚଳିତ ମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁନେରେ ପଞ୍ଚମ ଜୋନାଲ ପାରା ସୁଟିଂ ଏବଂ ପଞ୍ଚମ ଜାତୀୟ ପାରା ସୁଟିଂ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବାକୁଯାଉଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଓଡ଼ିଶାର ବୀରେନ୍ଦ୍ର ବଳିଆସିଂ ଓ ପ୍ରଭାକର ବେହେରା ଅଂଶଗ୍ରହଣ କରିଛନ୍ତି । ପ୍ରଭାକର ଜୋନାଲ ପାରା ସୁଟିଂ ଚାମ୍ପିଅନ୍‌ସିପ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ଯାତ୍ରା ଆରମ୍ଭ କରିଛନ୍ତି । ତେଣୁ ଜାତୀୟ ପ୍ରତିଯୋଗିତାରେ ମଧ ତାଙ୍କ ଚମକ ରାଜ୍ୟର ଗୌରବ ବଢ଼ାଇ ବୋଲି ଆଶା କରାଯାଉଛି । ଅନ୍ୟତମ ପ୍ରତିଯୋଗୀ ବୀରେନ୍ଦ୍ର ବଳିଆର ସିଂ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି । ସେ ଜଣେ ଉଚ୍ଚକୋଟୀର ଆଥଲଟ୍ ସହ ସୁଟିଂରେ ଦକ୍ଷ । ପୂର୍ବରୁ ତାଙ୍କ ପ୍ରଦର୍ଶନର ଝଲକ ବହୁବାର ଦେଖିବାକୁ ମିଳୁଛି । ଉଭୟ ଖେଳାଳିଙ୍କ ସହ କଳିଙ୍ଗ ଷ୍ଟାଡିୟମ୍ ଏଚ୍‌ପିସି ସୁଟିଂ ରେଞ୍ଜ କୋଚ୍ ପୁରୁଷୋତ୍ତମ ପାଙ୍ଗା ଗସ୍ତ କରିଛନ୍ତି ।

## କଂସମୁଣ୍ଡା ଚାମ୍ପିଅନ, ରଙ୍ଗବେଡା ରନର୍ସଅପ

କଣିହାଁ,୭।୧୧(ସବ୍ୟୁ): ଏନଟିପିସି କଣିହାଁ ପକ୍ଷରୁ ଏକ ଗ୍ରାମୀଣ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟକୁ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ.ସେହଗଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ପରେ ଏନଟିପିସି ଗୀତ ଏବଂ ଜାତୀୟ ସଂଗୀତ ଗାନ କରଯାଇଥିଲା । ଭାଷଣ ପ୍ରସଙ୍ଗରେ ପ୍ରକଳ୍ପ ମୁଖ୍ୟ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ପଡ଼ିଆରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଉକ୍ତ ଖେଳ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ କ୍ରୀଡା ଓ ଫିଟନେସ ପାଇଁ ସଚେତନ କରାଇବ ବୋଲି କହିଥିଲେ । ଶୁଭାରମ୍ଭ ଦିବସରେ ଜିଏମ (ଓ ଆଣ୍ଡ ଏମ୍) ସତ୍ୟ ରାମ କୃଷ୍ଣ, ଜିଏମ (ରକ୍ଷଣାବେକ୍ଷଣ ଏବଂ ଏଡିଏମ୍), ଏଚଆର ବିଭାଗର ଅଧିକାରୀ , ୟୁନିଅନ୍ସ ଏବଂ ଆସୋସିଏସନର ପ୍ରତିନିଧୀ ସଦସ୍ୟ, ଏନଟିପିସି କଣିହାଁ କ୍ରୀଡ଼ା ପରିଷଦର ସଦସ୍ୟ ତଥା କର୍ମଚାରୀ ସ୍ୱେଚ୍ଛାସେବୀମାନେ ମଧ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟରେ ଆଖ ପାଖ ଗ୍ରାମର ୩୫ ଟିମ ଅଂଶଗ୍ରହଣ କରିଥିଲେ



। ଫାଇନାଲ ମ୍ୟାଚ୍ କଂସମୁଣ୍ଡା ଟିମ୍ ଓ ରଙ୍ଗବେଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଂସମୁଣ୍ଡା ଟିମ୍ (୨/୦) ସେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିବା ବେଳେ ରଙ୍ଗବେଡା ଟିମ ରନର୍ସଅପ ହୋଇଥିଲା । ଫାଇନାଲ ମ୍ୟାଚରେ ଏନଟିପିସି ପ୍ରକଳ୍ପ ମୁଖ୍ୟ ଏ. କେ. ସେହଗଲ, ଏନଟିପିସି କଣିହାଁ ଏଚଆର ମୁଖ୍ୟ ନବନୀ୍ କୁମାର ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ ।

## ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର ପ୍ରଣବ ସେନ୍ଥିଲ, କବୀରଙ୍କ ଜମାଣିଆ ପ୍ରଦର୍ଶନ

ଭୁବନେଶ୍ୱର,୭।୧୧ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ ସେଣ୍ଟରରେ ଚାଲିଥିବା ଏମ୍-୨୫ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁରର ପଞ୍ଚମ ଦିନ ଏକାଧିକ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିଛି । ସିଙ୍ଗଲ୍ସରେ ୧୭ ବର୍ଷୀୟ ରେଥିନ ପ୍ରଣବ ସେନ୍ଥିଲ କୁମାର ଏବଂ ଡବଲ୍ସରେ ଓଡ଼ିଶାର କବୀର ହଂସ କମାଲ କରିଛନ୍ତି । ପ୍ରଣବ ସେନ୍ଥିଲ ୨-୬, ୬-୪, ୪-୦ ସେଟ୍‌ରେ ଏଗୋର ଆଗାଫୋନୋଭଙ୍କୁ ଧରାଶାୟୀ କରିଥିଲେ । ତୃତୀୟ ସେଟରେ ଆଗାଫୋନୋଭ ଆହତ ହୋଇ ଓହରି ଯାଇଥିଲେ । ତେଣୁ ୪-୦ରେ ଆଗୁଆ ଥିବା ପ୍ରଣବ ସେନ୍ଥିଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଛନ୍ତି । ଡବଲ୍ସ କ୍ୱାର୍ଟରଫାଇନାଲରେ ଓଡ଼ିଆ ପୁଅ କବୀର ହଂସ ଓ ସାଥୀ ରିଷଭ ଅଗ୍ରୱାଲ ୬-୭, ୬-୩, ୧୦-୬ ସେଟ୍‌ରେ ପ୍ରଜ୍ୱଲ ଦେବ ଓ ଆଦିଲ କଲ୍ୟାଣପୁରଙ୍କୁ ହରାଇଥିଲା ।

## ନରଣଗଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇକ ତିଗିରିଆ ଚାମ୍ପିଅନ



ନିରାକାରପୁର,୭।୧୧ (ସବ୍ୟୁ): ବୁଧବାର ଖୋର୍ଦ୍ଧା ଜିଲ୍ଲା ନରଣଗଡ ବିନ୍ଦୁ ବଳୟ ଯୁବ ନିକେତନ ଦ୍ୱାରା ଚାଲିଥିବା ନରଣଗଡ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ପାଇକ ତିଗିରିଆ ଫୁଟବଲ ଦଳ ୪-୩ ଗୋଲରେ ତରଡୁଆକୁ ହରାଇ ଚମ୍ପିଅନ ହୋଇଛି । ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ ଖେଳ ଶେଷ ପର୍ଯ୍ୟନ୍ତ ୧-୧ ସ୍କୋର ରେ ଉଭୟ ବରାବର ରହିଥିଲେ । ଶେଷରେ ଟ୍ରାଇବ୍ରେକର ଜରିଆରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୪-୩ ଗୋଲରେ ପାଇକିତିଗିରିଆ ଦଳ ବିଜୟ ହାସଲ କରିଥିଲ। ଖେଳକୁ ଫକୀର ଚରଣ ନିଶଙ୍କ, ଶରତ ଛୋଟରାୟ, ଅଭିନଶ ପଟ୍ଟନାୟକ ଓ ସୁକାନ୍ତ କୁମାର ପ୍ରଧାନ, ହୃଦାନନ୍ଦ ମହତରାୟ ପରିଚାଳନା କରିଥିଲେ।ମ୍ୟାଚରେ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା, ସାଂସଦ ଙ୍କ ବ୍ଲକ ପ୍ରତିନିଧି ବିଭୁଦତ୍ତ ବଳିଆରସିଂହ, ଗୋଦାବରୀଶ ଗୁମାନ ସିଂହ ଓ ଭାଗିରଥି ମଙ୍ଗରାଜ,ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଓ ରନସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## ଭାରତ-ଦ.ଆଫ୍ରିକା ଟି-୨୦

# ନୂଆ ଦଳ ପୁରୁଣା ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୭।୧୧ (ଏଜେନ୍ସି): ଭାରତ ଓ ଦ.ଆଫ୍ରିକା ମଧ୍ୟରେ ୪ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି । ରୋହିତ ଶର୍ମା, ବିରାଟ କୋହଲି ଓ ରବିନ୍ଦ୍ର ଜାଡେଜାଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବ ଦଳର ନେତୃତ୍ୱ ନେଇଛନ୍ତି । ଅବଶ୍ୟ ଦଳ ନୂଆ କିନ୍ତୁ ଲଢ଼େଇ ପୁରୁଣ । ସୂର୍ଯ୍ୟଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ପାଇଁ ଏହି ଶୃଙ୍ଖଳା ବେଶ ଗୁରୁତ୍ୱପୂର୍ଣ୍ଣ । ଯୁବ ଖେଳାଳିଙ୍କ ପ୍ରକୃତ ଦକ୍ଷତା ଏହି ଶୃଙ୍ଖଳାରେ ହିଁ ଜଣାପଡିବ । ବାଂଲାଦେଶ ବିପକ୍ଷରେ ସଞ୍ଜୁ ସାମସନ ବିସ୍ଫୋରକ ଶତକ ହାସଲ କରିଥିଲେ । ତେଣୁ ଏହି ଶୃଙ୍ଖଳାରେ ମଧ ସାମସନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ।

ଅଭିଶେଖ ଶର୍ମାଙ୍କୁ ପ୍ରଦର୍ଶନରେ ସୁଧାର ଆଣିବାକୁ ହେବ । ଜିମ୍ବାୱେ ବିପକ୍ଷରେ ସେ ହରାରେ ଠାରେ ଶତକ ମାରି ଥିଲେ ବି ଆଉ ଭଲ ଇନିଂସ ଖେଳିପାରିନାହାନ୍ତି । ଦ.ଆଫ୍ରିକା ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ତାଙ୍କୁ ପ୍ରଦର୍ଶନରେ ଉତ୍କର୍ଷତା ଦେଖାଇବାକୁ ପଡିବ । ଏହା ବ୍ୟତୀତ ବୋଲିଂରେ ମଧ ଦଳର ଆବଶ୍ୟକତା ଅନୁସାରେ ପ୍ରଦର୍ଶନ କରିବାକୁ ପଡିବ । ତିଲକ ବର୍ମା ୨୦୨୩ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ ଖେଳି କ୍ୟାରିୟର ଆରମ୍ଭ କରିଥିଲେ । ଏପର୍ଯ୍ୟନ୍ତ ସେ ୧୨ଟି ଟି-୨୦ ଖେଳି ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି । ୱିକେଟ୍‌କିପର ଜିତେଶ ଶର୍ମା ଓ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ପାଇଁ ଏହି ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ରହିବ । ଅର୍ଶଦୀପ ସିଂ, ଆଭେଶ ଖାନ୍, ବିଜୟ କୁମାର ବୈଶାଖ, ୟଶ ଦୟାଲ ମଧ ଭଲ ପ୍ରଦର୍ଶନ କରିବାକୁ ଚାହିଁବେ । ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଦଳର ଅଭିଜ୍ଞ ଖେଳାଳି ସାଜିଛନ୍ତି । ସେମାନଙ୍କ ଉପରେ ନିଶ୍ଚିତ ଭାବେ ଗୁରୁଦାୟିତ୍ୱ ରହିଛି । ଅନ୍ୟ ପକ୍ଷରେ ଟି-୨୦ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ଚାହିଁ ବସିଛି । ଭାରତ ଓ ଦ.ଆଫ୍ରିକା ମଧ୍ୟରେ ମ୍ୟାଚ ଶୁକ୍ରବାର ଡର୍ବାନରେ ରାତି ୮.୩୦ରେ ଆରମ୍ଭ ହେବ ।




## ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍

# ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍ ବିଜୟୀ

ଖୋର୍ଦ୍ଧା,୭।୧୧ (ସବ୍ୟୁ): କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ଚତୁର୍ଥ ଦିବସରେ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍ କେ ଟି ଗ୍ଲୋବାଲ କ୍ରିକେଟ୍ କ୍ଲବକୁ ୪ ୱିକେଟ୍ ରେ ପରାସ୍ତ କରିଛି । ଟସ୍‌ରେ ଜିତି କେ ଟି ଗ୍ଲୋବାଲ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୩୭.୫ ଓଭରରେ ସମସ୍ତ ୧୦ ଟି ୱିକେଟ ହରାଇ ୧୩୩ ରନ୍ କରିଥିଲେ । ଦଳ ପକ୍ଷରୁ ସ୍ୱର୍ଣ୍ଣାଭ ଦାସ ସର୍ବାଧିକ ୫୦ ରନ୍ ଓ ଲିୱିସ ଦତ୍ତ ୧୮ ରନ୍ କରିଥିଲେ । ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ପକ୍ଷରୁ ସରୋଜ ପାତ୍ର ୭ ଓଭର ରୁ ମାତ୍ର ୧୩ ରନ୍ ବ୍ୟୟ କରି ୪ ଟି ୱିକେଟ ଏବଂ ତୀର୍ଥଙ୍କର ସାହୁ ଓ ସୌମ୍ୟାନ ପଟ୍ଟନାୟକ ୨ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍ ୨୫.୩ ଓଭର ରେ ସରୋଜ ପାତ୍ର ଙ୍କ ଅପରାଜିତ ୫୮ ରନ୍ ଓ ପ୍ରତ୍ୟୁଷ ମହାନ୍ତି ୪୪ ରନ୍ ବଳରେ ୬ ୱିକେଟ୍ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହ କରିନେଇଥିଲ । କେ ଟି ଗ୍ଲୋବାଲ କ୍ଲବ୍ ତତଫରୁ ତରଫରୁ ରାହୁଲ୍



ଚୌଧୁରୀ ୩ ଟି ୱିକେଟ ନେଇଥିଲେ । ଏହି ମ୍ୟାଚ୍‌କୁ ରାଇଜିଂଷ୍ଟାର ଦଳ ୪ ୱିକେଟରେ ଜିତି ନେଇଥିଲେ । ଏହି ମ୍ୟାଚ୍ କୁ ପ୍ରିତିରଞ୍ଜନ ବିଜୟସିଂ ଓ ରିୟାଜ୍ ଖାନ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ । ମ୍ୟାଚ୍ ରେଫରୀ ଭାବେ କାର୍ତ୍ତିକ ଜେନା ଓ ସଂଯୋଜକ ଭାବେ କିରଣ ଶତପଥି ଦାୟିତ୍ୱରେ ଥିଲେ । ୮ ତାରିଖ ଦିନ ଇଗଲ୍ କ୍ରିକେଟ୍ କ୍ଲବ୍ ଓ ଜଟଣୀ କ୍ରିକେଟ୍ ଏକାଡେମୀ ମଧ୍ୟରେ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି